

ଜୟସ୍ୱାଲଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-353 ♦BHUBANESWAR ♦SATURDAY ♦21 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୫୩ ♦ଭୁବନେଶ୍ୱର ♦ଶନିବାର ♦୨୧ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଓଡ଼ିଶା ହେବ ପେଟ୍ରୋ କେମିକାଲ ହବ୍: ମୋଦୀ

## ଏକବିଂଶ ଶତାବ୍ଦୀରେ ପୂର୍ବ ଭାରତରୁ ମିଳିବ ଦେଶକୁ ବିକାଶ ଗତି

■ **ଭୁବନେଶ୍ୱର, ୨୦।୬ (ସମିସ):** ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହି ମନୋଭାବକୁ ନେଇ ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଓଡ଼ିଶାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବା । ଆଗାମୀ ଦିନରେ ଓଡ଼ିଶା ଦେଶର ପେଟ୍ରୋ କେମିକାଲ ହବ୍ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସ୍ଥାନୀୟ ଜନତା ମଇଦାନରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟ ସରକାରଙ୍କ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଓଡ଼ିଶାର ବିକାଶକୁ ନୂଆ ଗତି ପ୍ରଦାନ କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ବର୍ତ୍ତମାନ ସମୟରେ ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ସ୍ୱାଧୀନତା ପରେ ଅନେକ ଦଶନ୍ଧି ଧରି ଦେଶର ଲୋକମାନେ ପୂର୍ବ ଶାସନ ମଡେଲ ଦେଖିଥିଲେ, ଯେଉଁଥିରେ ସୁଶାସନର ଅଭାବ ଥିଲା ଏବଂ ଏହା ଲୋକଙ୍କ ଜୀବନକୁ ସହଜ କରି ପାରିନଥିଲା। ବିକାଶ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି କଂଗ୍ରେସର ବିକାଶ ମଡେଲ ପରିଚୟ ଥିଲା। ସାମ୍ପ୍ରତିକ ବର୍ଷଗୁଡ଼ିକରେ




### ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର କଲେ ଉନ୍ମୋଚନ

### ୧୮,୬୦୦ କୋଟିର ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ

### ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ: ମୁଖ୍ୟମନ୍ତ୍ରୀ

ଆମ ବିକାଶ ମଡେଲକୁ ଦେଶ ବ୍ୟାପକ ଭାବରେ ଅନୁଭବ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସମାଜର ଦୁର୍ବଳ ବର୍ଗକୁ ସଶକ୍ତ କରିବା ଆମ ସରକାରର ଅନ୍ୟତମ ବଡ଼ ଉପଲବ୍ଧି । ଓଡ଼ିଶାରେ ବହୁ ସଂଖ୍ୟାରେ ଆଦିବାସୀ ଭାଇଭଉଣୀ ଅଛନ୍ତି। ଯେଉଁ ଦଳ ଦେଶରେ ଦୀର୍ଘ ସମୟ ଧରି ଶାସନ କରି ଆସୁଥିଲା, ସେହି ଦଳ ହିଁ ଆଦିବାସୀଙ୍କୁ ନିଜ ରାଜନୈତିକ ସ୍ୱାର୍ଥ ଚରିତାର୍ଥ ପାଇଁ ବ୍ୟବହାର କରି ଆସୁଥିଲା। ଦେଶର ଏହି ବଡ଼ ସଂଖ୍ୟାର ଜନସଂଖ୍ୟାକୁ ନକ୍ସଲବାଦ ହିଂସା, ଅତ୍ୟାଚାର ଆଡ଼କୁ ସେମାନେ ଠେଲି ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସର ନାମ ଉଲ୍ଲେଖ ନ କରି ସମାଲୋଚନା କରିଛନ୍ତି। ଆମର ସରକାର କେବଳ ଗୋଟିଏ ବର୍ଷର ସଫଳତା କିମ୍ବା ପାଞ୍ଚ ବର୍ଷର ଲକ୍ଷ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ନିର୍ମାଣ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର ଉନ୍ମୋଚନ, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି କରିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନୂଆ ଟ୍ରେନ, କଟକରେ ୧୦୦ଟି ବୈଦ୍ୟୁତିକ ବସର ଶୁଭାରମ୍ଭ କରିଛନ୍ତି । ଅନୁରୂପ ଭାବରେ ୧୦୦ ଲକ୍ଷପତି ଦିଦିଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଆମେ ଆଗକୁ ବଢ଼ୁଛୁ। ଚାରି ବର୍ଗ – ଗରିବ, ଅନ୍ନଦାତା, ମହିଳା ଓ ଯୁବକଙ୍କୁ ନଜରରେ ରଖି ଆମର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିବା ସହ ଭିଜନ ଡକୁମେଣ୍ଟ- ୨୦୩୬ ଓ ୨୦୪୭ ଆଜି ଉନ୍ମୋଚିତ ହୋଇଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ ▶ପୃଷ୍ଠା-୭



# ଘମାଘୋଟ ଲଢ଼େଇ

### ଇସ୍ରାଏଲ ୪ ସହରରେ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼କଲା ଇରାନ

### ଇରାନର ୩ ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ପ୍ରହାର

■ **ତେଲ ଆଭିଭ, ୨୦।୬ (ଏଜେନ୍ସି):** ଇସ୍ରାଏଲ-ଇରାନ ସଂଘର୍ଷ ଥମିବାର ନା ଧରୁନି। ଏହି ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଛନ୍ତି। ଘମାଘୋଟ ଲଢ଼େଇ ଜାରି ରହିଥିବାବେଳେ ଆମେରିକା ଯୁଦ୍ଧରେ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ୨ ସପ୍ତାହ ମଧ୍ୟରେ ଏହି ଯୁଦ୍ଧରେ ସାମିଲ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସେହିପରି ଇରାନ ଭାରତୀୟ ନାଗରିକଙ୍କ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି।

ଯୁଦ୍ଧ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ସନ୍ଧ୍ୟାରେ ଇସ୍ରାଏଲର ତେଲ ଆଭିଭ, ବିର୍ସେବା, ହାଇଫା ସହିତ ଅନେକ ସହ ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ହାଇଫାରେ କ୍ଷେପଣାସ୍ତ୍ର ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେହିପରି ବର୍ସେବା ସହର ଉପରେ ଇରାନ ପ୍ରଥମ ଥର ପାଇଁ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼ କରିଛି। ଏହାର ଅନେକ ଭିଡିଓ ସାମ୍ନାକୁ ଆସିଛି। ବାଲିଷ୍ଟିକ ମିସାଇଲରେ କ୍ଲଷ୍ଟର ବୋମା ଲଗାଇ ମାଡ଼ କରିଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନର କ୍ଷୁଦ୍ର ବୋମା ପଡୁଥିବା ଦେଖି ଯାଉଛି। ଅସ୍ତ୍ରବିରତିର ସମ୍ଭାବନା କମ୍ ଥିବାବେଳେ ଏହି ଅସ୍ତ୍ର ବ୍ୟବହାର କରି ଇରାନ ସଂଘର୍ଷକୁ ଅଧିକ ଘନୀଭୂତ କରିଦେଇଛି। ଏହି ଆକ୍ରମଣରେ ଇସ୍ରାଏଲ ହସ୍ପିଟାଲ କ୍ଷତିଗ୍ରସ୍ତ ହେଇଛି। ଏଥିରେ ୭୧ ଜଣ ଆହତ ହୋଇଛନ୍ତି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଇରାନ ନେତୃତ୍ୱକୁ ବହୁମୂଲ୍ୟ ▶ପୃଷ୍ଠା-୭

## 'ଆୟୁଷ୍ମାନ'ରେ ମିଳୁନି ଔଷଧ

# ରାଜ୍ୟ ବାହାରୁ ଫେରୁଛନ୍ତି ରୋଗୀ

**ଜୟପୁର, ୨୦।୬ (ସମିସ):** ନବୀନ ସରକାର ଅମଳରେ ବିଏସ୍‌କେୱାଇ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। ବିଶେଷକରି ଗରିବ ଶ୍ରେଣୀର ରୋଗୀ ଏଥିରୁ ବହୁ ଉପକୃତ ହୋଇପାରୁଥିଲେ। କିନ୍ତୁ ବିଜେପି ସରକାରଙ୍କ ଦ୍ୱାରା ପ୍ରଚଳିତ ଆୟୁଷ୍ମାନ କାର୍ଡ ଏବେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିରାଶ କରୁଛି। ଏପରିକି, ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ବାହାରର ହସ୍ପିଟାଲକୁ ଯାଉଥିବା ରୋଗୀମାନେ ଏହି କାର୍ଡରେ ସ୍ୱାସ୍ଥ୍ୟସେବା ପାଇ ନପାରି ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ଗୋଟିଏ କି' ଦୁଇଟି ଘଟଣା ନୁହେଁ, ଏମିତି ଗଣ୍ଡାଗଣ୍ଡା ଘଟଣା ଏବେ ପଦାକୁ ଆସିବାରେ ଲାଗିଛି। ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି, ଜୟପୁର ସହରର ପ୍ରସାଦ ରାଓ ପେଟାର ବାସିନ୍ଦା ଏମ୍. ରମେଶଙ୍କୁ ଉଦାହରଣସ୍ୱରୂପ ନିଆଯାଇପାରେ।

୨୦୨୧ ମସିହାରୁ ବିଏସକେୱାଇ ଯୋଜନାରେ ସାମିଲ ହୋଇ ଶ୍ରୀ ରମେଶ ନିଜର ଫୁସ୍‌ଫୁସ୍ କର୍କଟ ରୋଗର ଚିକିତ୍ସା କରାଉଥିଲେ। ସେ ପଡ଼ୋଶୀ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହି ଯୋଜାନାରେ ତାଙ୍କୁ



ସମସ୍ତ ଚିକିତ୍ସା କାର୍ଡ ମାଧ୍ୟମରେ ମିଳୁଥିଲା। ଔଷଧ ମଧ୍ୟ ମାଗଣାରେ ମିଳୁଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପ୍ରଦାନ କେବଳ କେମୋ ଏବଂ ଅସ୍ତ୍ରୋପଚାର ପାଇଁ ବ୍ୟବହୃତ ହେଉଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ଶ୍ରୀ ରମେଶଙ୍କୁ ଦୈନିକ ୩ଟି ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏକ ଷ୍ଟ୍ରିପ୍‌ରେ ଥିବା ୧୦ଟି ଔଷଧ ପାଇଁ ଦାମ ୫ ହଜାର ଟଙ୍କା ରହିଥିବା ବେଳେ ମାସିକ ୪୫ରୁ ୫୦ ହଜାର ଟଙ୍କା କେବଳ ଔଷଧ ବାବଦକୁ ତାଙ୍କର ଖର୍ଚ୍ଚ ହେଉଛି। ରମେଶ ଜଣେ ଗରିବ ଶ୍ରେଣୀର ଲୋକ ▶ପୃଷ୍ଠା-୭

# ୨.୯୨ଟଙ୍କା ବଢ଼ିଲା ମଧ୍ୟାହ୍ନ ଭୋଜନ

■ **ଭୁବନେଶ୍ୱର, ୨୦।୬ (ସମିସ):** ମଧ୍ୟାହ୍ନ ଭୋଜନ ଦର ବଢ଼ାଇଛନ୍ତି ସରକାର। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ଟଙ୍କା ୯୨ ପଇସା ଲେଖାଏଁ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ ଟଙ୍କା ଓ ୧୦.୧୭ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଯଥାକ୍ରମେ ୧.୪୫ ଟଙ୍କା ଓ ୧.୬୫ ଟଙ୍କା ପ୍ରଦାନ କରୁଥିଲେ। ସମ୍ପ୍ରତି ଏହା ବୃଦ୍ଧି ପାଇ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୧.୧୫ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୪.୭୪ ଟଙ୍କା ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ମାସ ପହିଲାରୁ ଲାଗୁ ହେବ।

ସୂଚନାଯୋଗ୍ୟ, ଉଭୟ କେନ୍ଦ୍ର-ରାଜ୍ୟ ଭାଗୀଦାରିରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

## ନବୀନ ନିବାସରୁ ବିମାନବନ୍ଦର ଲୋକାରଣ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ହଜାର ହଜାର ଲୋକଙ୍କ ଶୁଭେଚ୍ଛା ଓ ମଙ୍ଗଳକାମନା ସାଥୀରେ ନେଇ ଚିକିତ୍ସା ନିମନ୍ତେ ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୨୨ ତାରିଖରେ ମୁମ୍ବାଇର କୋକାଲବେନ୍ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆଥ୍ରାଇଟିସ ଅପରେସନ ହେବ। ଆଜି ମୁମ୍ବାଇ ଗସ୍ତ ପୂର୍ବରୁ ନବୀନ ନିବାସଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ହଜାର ହଜାର ଲୋକ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ହଜାର ହଜାର ବରିଷ୍ଠ ନାଗରିକ, ମହିଳାମାନେ ନବୀନଙ୍କ ଶୁଭ ମନାସିଛନ୍ତି। ହରିବୋଲ ଓ ହୁଳହୁଳି ଦେଇ ନବୀନଙ୍କ ଉତ୍ତମ ଚିକିତ୍ସା ସହ ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରିଛନ୍ତି ।

ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ଓ ତାଙ୍କର ସୁସ୍ଥତା କାମନା ନିମନ୍ତେ ଶୁକ୍ରବାର ସକାଳୁ ନବୀନ ନିବାସ ସମ୍ମୁଖରେ ଗହଳି ଆରମ୍ଭ ହୋଇ ଯାଇଥିଲା। ଦଳର ବିଧାୟକ, ସାଂସଦ ଓ କର୍ମୀଙ୍କ ସହ ବହୁ ସାଧାରଣ ଜନତା

### ମା' ମାନେ ଅଜାଡ଼ିଲେ ଆଶିଷ, କଲେ ମଙ୍ଗଳକାମନା

ପହଞ୍ଚିଥିଲେ। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନବୀନ ନିବାସ ସମ୍ମୁଖରେ ମହିଳା ବିଜେଡି କର୍ମୀ ଓ ସାଧାରଣ ଲୋକେ ପୂଜାର୍ଚ୍ଚନା କରିଥିଲେ। ନବୀନ ନିବାସରୁ ବିମାନ ବନ୍ଦର ଅଭିମୁଖେ ନବୀନ ବାହାରିବା ପରେ ରାସ୍ତାରେ ଉଭୟ ପାର୍ଶ୍ୱରେ ଲୋକେ ଛିଡ଼ା ହୋଇ ନବୀନଙ୍କ ପାଇଁ ହରିବୋଲ୍ ହୁଳହୁଳି ପକାଇଥିଲେ। ଏହି ▶ପୃଷ୍ଠା-୭



## ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ; ଉତ୍ତର ବାଲେଶ୍ୱର ପ୍ରଭାବିତ

# ୫୦ରୁ ଉର୍ଦ୍ଧ୍ୱ ଗାଁ ଜଳମଗ୍ନ



■ **ବାଲେଶ୍ୱର(ଉତ୍ତର), ୨୦।୬ (ସମିସ):** ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷର ପ୍ରଥମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମ୍‌ରୁ ଆଜି ସକାଳଠାରୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୭ହଜାର କ୍ୟୁସେକ୍ ବନ୍ୟା ପାଣି ସୁବର୍ଣ୍ଣରେଖାକୁ ଛଡ଼ା ଯାଉଥିବାରୁ ତଳିଆ ଅଞ୍ଚଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ୭ଟା ସୁଦ୍ଧା ରାଜଘାଟଠାରେ ନଦୀର ଜଳସ୍ତର ବିପଦ ସଂକେତ (୧୦.୩୬ ମିଟର) ଟପି (୧୦.୮୮ ମିଟର)ରେ ପ୍ରବାହିତ ହେଉଥିବାରୁ ଉତ୍ତର

### ୧୫ ହଜାର ହେକ୍ଟର ଚାଷଜମି ଜଳମଗ୍ନ

### ସବୁ ବିଭାଗୀୟ ଅଧିକାରୀଙ୍କ ଛୁଟି ବାତିଲ୍

ବାଲେଶ୍ୱରର ଜଳେଶ୍ୱର ବ୍ଲକ୍‌ର ୧୦ଗାଁ, ବାଲିଆପାଳ ବ୍ଲକ୍‌ର ୧୫ଗାଁ ଓ ଭୋଗରାଇ ବ୍ଲକ୍‌ର ୩୦ରୁ ଅଧିକ ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ଏହି ସ୍ଥିତି ଜାରି ରହିଲେ, ସୁବର୍ଣ୍ଣରେଖା ନଦୀର ଜଳସ୍ତର ଅଧିକ ବୃଦ୍ଧି ପାଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ରହିଛି। ▶ପୃଷ୍ଠା-୭

## ସ୍ୱିସ୍ ବ୍ୟାଙ୍କରେ ହୁ ହୁ ହୋଇ ବଢ଼ୁଛି ଭାରତୀୟଙ୍କ ଧନ

# ୨୦୨୪ରେ ଜମାରାଶି ବଢ଼ିଛି ୩ ଗୁଣ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ସ୍ୱିସ୍ ବ୍ୟାଙ୍କରେ ବଢ଼ିବାରେ ଲାଗିଛି ଭାରତୀୟଙ୍କ ସମ୍ପତ୍ତି। ୨୦୨୩ ତୁଳନାରେ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ପରିମାଣରେ ତିନି ଗୁଣ ବୃଦ୍ଧି ଘଟି ଏହା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ହୋଇଛି। ଏହି ପରିମାଣ ଭାରତୀୟ ଟଙ୍କାରେ ପ୍ରାୟ ୩୭,୬୦୦ କୋଟି ଟଙ୍କା। ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ (ଏସ୍‌ଏନ୍‌ବି) ଗତକାଲି ଅର୍ଥାତ୍ ଜୁନ୍ ୧୯ ତାରିଖରେ ଏହି ତଥ୍ୟ ପ୍ରକାଶ କରିଛି। କେବଳ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଟଙ୍କା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କକୁ ବୃଦ୍ଧି ପାଇଛି। ଏହା ୨୦୨୩ ତୁଳନାରେ ତିନି ଗୁଣ ଅଧିକ। ସେତେବେଳେ ଏହି ପରିମାଣ ମାତ୍ର ୧.୦୪ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୧୧,୦୦୦ କୋଟି ଟଙ୍କା) ଥିଲା। ୨୦୨୧ ପରେ ଏହା ସର୍ବାଧିକ ପରିମାଣ, ଯେତେବେଳେ ଏହା ୨.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ



୪୧ ହଜାର କୋଟି) ଥିଲା। ଏହି ଟଙ୍କା ଭାରତୀୟ ବ୍ୟକ୍ତି ଏବଂ କମ୍ପାନୀଗୁଡ଼ିକର, ଯାହା ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଛି। କିନ୍ତୁ ଜମା ରାଶିରେ ଅଧିକାଂଶ ବୃଦ୍ଧି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ଆସୁଥିବା ପାଣ୍ଠି ଯୋଗୁଁ ହୋଇଛି।

ବ୍ୟକ୍ତିଗତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ହୋଇଥିବା ପରିମାଣ କେବଳ ୧୧% ବୃଦ୍ଧି ପାଇଛି, ଯାହା ପ୍ରାୟ ୩୪୬ ନିୟୁତ ସ୍ୱିସ୍ ଫ୍ରାଙ୍କ, ଅର୍ଥାତ୍ ପ୍ରାୟ ୩୬୭୫ କୋଟି ଟଙ୍କା। ଅର୍ଥାତ୍, ମୋଟ ପରିମାଣର କେବଳ

### କେବଳ ବର୍ଷକରେ ୩୭,୬୦୦ କୋଟି ଜମା

୧୦ ଭାଗ ବ୍ୟକ୍ତିଗତ ଆକାଉଣ୍ଟରୁ ଆସିଛି। ବାକି ଟଙ୍କା ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ବଣ୍ଡ ଏବଂ ସିକ୍ୟୁରିଟି ଭଳି ରୁଟ୍‌ରୁ ଆସିଛି। ସ୍ୱିସ୍ କର୍ତ୍ତୃପକ୍ଷ ଏବଂ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଥିବା ସମସ୍ତ ଟଙ୍କାକୁ କଳାଧନ ଭାବରେ ବିବେଚନା କରାଯାଇପାରିବନାହିଁ। ଏହି ସଂଖ୍ୟାଗୁଡ଼ିକ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କର ସରକାରୀ ରେକର୍ଡରୁ ଆସିଛି। ଏଥିରେ ଭାରତୀୟ ଏନ୍‌ଆର୍‌ଆଇ କିମ୍ବା ଅନ୍ୟ ଲୋକମାନେ ତୃତୀୟ ଦେଶର କମ୍ପାନୀ ନାମରେ ଜମା କରିଥିବା ଟଙ୍କା ଅନ୍ତର୍ଭୁକ୍ତ ହୋଇନାହିଁ। ସ୍ୱିସ୍ କର୍ତ୍ତୃପକ୍ଷ କୁହନ୍ତି ଯେ ସେମାନେ ଟିକସ ଫାଙ୍କି ଏବଂ ଠକେଇ ବିରୁଦ୍ଧରେ ଲଢ଼େଇରେ ଭାରତକୁ ସହଯୋଗ କରୁଛନ୍ତି। ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୨୦୧୮ ମସିହାରୁ ଆର୍ଥିକ ସୂଚନା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଛି। ଏହା ଅଧୀନରେ, ପ୍ରତିବର୍ଷ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଆକାଉଣ୍ଟ ବିଷୟରେ ସୂଚନା ଭାରତକୁ ପ୍ରଦାନ କରାଯାଏ। ୨୦୧୯ ଏବଂ ୨୦୨୦ ମସିହାରେ ମଧ୍ୟ ବ୍ୟାଙ୍କ ଭାରତକୁ ଏପରି ସୂଚନା ଦେଇଥିଲା।






## ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ ରାଜନାଥ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମଳନୀରେ ଯୋଗ ଦେବାକୁ ଚୀନ୍ ଯିବେ। ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଏହି ବୈଠକରେ ମିଳିତ ହେବେ। ଏହି ସମ୍ମଳନୀ ଚୀନ୍‌ର କିଙ୍ଗଡ଼ାଓରେ ଜୁନ୍ ୨୫ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବ। ଅପରେସନ ସିନ୍ଦୁର ପରେ ରାଜନାଥ ପ୍ରଥମଥର ପାଇଁ ଏହି ସମ୍ମଳନୀରେ ଯୋଗ ଦେବେ। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମଧ୍ୟ ଏଥିରେ ଯୋଗ ଦେବେ। ଦୀର୍ଘ ୭ ବର୍ଷ ପରେ କୌଣସି ଭରାତୀୟ ମନ୍ତ୍ରୀ ଚୀନ୍ ଯାତ୍ରା କରିବେ। ରାଜନାଥ ଚୀନ୍ ପ୍ରତିରକ୍ଷା ମନ୍ତ୍ରୀ ଆଡମିରାଲ ହଙ୍ଗ ଜୁନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମ୍ମଳନୀ ଆୟୋଜନ ହେବାକୁ ଯାଉଛି। ସୀମାରେ ଉତ୍ତେଜନା ପ୍ରଶମିତ କରିବାକୁ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବାକୁ ଭାରତ ଓ ଚୀନ୍ ବିଭିନ୍ନ ବୈଠକରେ ମିଳିତ ହେଉଛନ୍ତି। ଏହି ସମ୍ମଳନୀ ଦୁଇ ଦେଶ ମଧ୍ୟରେ କୁଟନୈତିକ ସମ୍ପର୍କକୁ ଆହୁରି ଉନ୍ନତ କରିବ ବୋଲି ଆଶା କରାଯାଉଛି।

● ମଣିପୁରରେ ପୁଣି ହିଂସା

## ଚୁରାଚାନ୍ଦପୁରରେ ଗୁଳିମାଡ଼ରେ ମହିଳା ମୃତ

ଇମ୍ଫାଲ, ୨୦।୬(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ପୁଣି ହିଂସା ସୃଷ୍ଟି ହୋଇଛି। ଚୁରାଚାନ୍ଦପୁର ଜିଲ୍ଲାରେ ଗୁରୁବାର ସୁରକ୍ଷାକର୍ମୀ ଓ ଅଜ୍ଞାତ ଦୁର୍ବୃତଙ୍କ ମଧ୍ୟରେ ଗୁଳି ବିନିମୟ ହେବା ଫଳରେ ଜଣେ ବୟସ୍କ କୁକି ମହିଳା ମୃତ୍ୟୁବରଣ କରିଛନ୍ତି। ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଆରମ୍ଭ କରିବା ପରେ ଏହି ଏନ୍‌କାଉଣ୍ଟର ଘଟିଥିଲା। ସେହିପରି ବିଷ୍ଣୁପୁର ଜିଲ୍ଲାରେ ବିଲ୍‌ରେ କାମ କରୁଥିବା ବେଳେ ଜଣେ ମେତେଇ କୃଷକଙ୍କ ଦେହରେ ଗୁଳି ବାଜିଛି। ନିକଟସ୍ଥ ପାହାଡ ଉପରେ ଏହି ଗୁଳି ଚଳାଯାଇଥିଲା ବୋଲି କୁହାଯାଇଛି। ଗତ ୭ ତାରିଖରେ ମେତେଇ ନେତା ଅଶୋମ କନନ୍ ସିଂ ସିବିଆଇ ଦ୍ୱାରା ଗିରଫ ହେବା ପରେ ରାଜ୍ୟରେ ପୁଣି ହିଂସା ସୃଷ୍ଟି ହୋଇଛି।

## ୨୦୨୪ ନିର୍ବାଚନରେ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବିଜେପି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଗତ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସର୍ବାଧିକ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବୋଲି ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ମୋଟ ନିର୍ବାଚନ ଖର୍ଚ୍ଚର ଏହା ୪୪.୫୬ ପ୍ରତିଶତ ବୋଲି କୁହାଯାଇଛି। ଏହିକ୍ରମରେ ଦେଖିବାକୁ ଗଲେ ବିରୋଧୀ ଦଳ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବ। ନିର୍ବାଚନରେ କଂଗ୍ରେସ ୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି ଓ ଏହା ଦେଶର ମୋଟ୍ ନିର୍ବାଚନ ଖର୍ଚ୍ଚର ୧୮.୫ ପ୍ରତିଶତ। ଦେଶରୁ ୩୨ଟି ଜାତୀୟ ତଥା ଆଞ୍ଚଳିକ ଦଳଗୁଡିକ ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥର ପରିମାଣକୁ ନେଇ ତାଲିକା ପ୍ରକାଶ କରିଛି। ରାଜନୈତିକ ଦଳଗୁଡିକ ଲୋକସଭା ସହିତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ନିର୍ବାଚନରେ ମୋଟ୍ ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪ ମାର୍ଚ୍ଚ ୧୬ରୁ ଜୁନ୍ ୬ ମଧ୍ୟରେ ଏହି ନିର୍ବାଚନଗୁଡିକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳଗୁଡିକ ମୋଟ୍ ଉପରେ ନିର୍ବାଚନରେ ୨, ୨୦୪ କୋଟି ଟଙ୍କା ଖର୍ଚ୍ଚର୍ କରିଛନ୍ତି। ଏହା ମୋଟ ନିର୍ବାଚନ ଖର୍ଚ୍ଚର ୬୫.୭୫ ପ୍ରତିଶତ। ଜାତୀୟ ଦଳଗୁଡିକ ନିର୍ବାଚନ ପାଇଁ ୬, ୯୩୦. ୨୪୬ କୋଟି ଟଙ୍କା ପାଣ୍ଠି ସଂଗ୍ରହ କରିଥିଲେ ଓ ଏହା ମୋଟ୍ ପାଣ୍ଠି ସଂଗ୍ରହର ୯୩.୦୮ ପ୍ରତିଶତ। ସେହିପରି ଆଞ୍ଚଳିକ ଦଳଗୁଡିକ ୫୧୫.୩୨ କୋଟି ଟଙ୍କା (୬.୯୨ ପ୍ରତିଶତ) ପାଣ୍ଠି ସଂଗ୍ରହ କରିଥିଲେ।

## ଶୁଭାଂଶୁଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଲା

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଛି। ଶୁଭାଂଶୁ ଓ ତାଙ୍କ ସାଥିମାନେ ଅକ୍ସିଅମ-୪ ମିସ୍‌ନରେ ଇଣ୍ଟର ନ୍ୟାସନାଲ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍)କୁ ୨୨ ତାରିଖରେ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ଆଇଏସ୍‌ଏସ୍‌ର ସୁରକ୍ଷା ଯାଞ୍ଚ୍ କରାଯିବାକୁ ଦୃଷ୍ଟିରେ ରଖି ଏହି ମିସନ ତଥା ଯାତ୍ରାକୁ ୫ମଥର ପାଇଁ ଘୁଞ୍ଚାଇଯାଇଛି। ପୂର୍ବରୁ ଏହାକୁ ଜୁନ୍ ୧୧ ତାରିଖରେ ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଲଞ୍ଚ୍ କରାଯିବାର କାର୍ଯ୍ୟକ୍ରମ ଥିଲା। ଏହି ମିସନରେ ୪ଟି ଦେଶର ମହାକାଶଚାରୀ ୧୪ ଦିନ ପାଇଁ ସ୍ପେଶ୍ ଷ୍ଟେସନ ଯିବାର କାର୍ଯ୍ୟକ୍ରମ ରହିଛି। ଶୁଭାଂଶୁ ଏହିକ୍ରମରେ ପ୍ରଥମ ଭରାତୀୟ ଭାବେ ଆଇଏସ୍‌ଏସ୍‌କୁ ଓ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯିବେ। ପୂର୍ବରୁ ୧୯୮୪ରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ଅନ୍ତରୀକ୍ଷ ଯାତ୍ରା କରି ଇତିହାସ ସୃଷ୍ଟି କରିଥିଲେ।

## 'ପ୍ରତିଭା ସେତୁ' ଲଞ୍ଚ୍ କଲା ୟୁପିଏସ୍‌ସି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) 'ପ୍ରତିଭା ସେତୁ' ନାମକ ଏକ ନୂଆ ସ୍କିମ୍ ତଥା ଯୋଜନା ଆରମ୍ଭ କରିଛି। ଅବଶ୍ୟ ଏହା ପୂର୍ବରୁ ପବ୍ଲିକ ଡିସ୍‌କ୍ଲୋଜର ସ୍କିମ (ପିଡିଏସ୍) ନାମରେ ପରିଚିତ ଥିଲା। ଦେଶର ଶ୍ରେଷ୍ଠ ପ୍ରତିଭାସମ୍ପର୍ଣ୍ଣର ଛାତ୍ରଛାତ୍ରୀଙ୍କୁ ଚାକିର ଦେବାରେ ଏହା ସହାୟ ହେବ ବୋଲି କୁହାଯାଉଛି। ଯେଉଁ ପ୍ରାର୍ଥୀମାନେ ୟୁପିଏସ୍‌ସି ଫାଇନାଲ ରାଉଣ୍ଡର ପହଞ୍ଚି ମଧ୍ୟ ପରୀକ୍ଷା କ୍ଲିୟର କରିପାରୁ ନାହାନ୍ତି କିମ୍ବା ବିଫଳ ହେଉଛନ୍ତି ସେମାନେ ଏହି ଯୋଜନା ଦ୍ୱାରା ସେମାନଙ୍କୁ ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥାଗୁଡିକରେ ଚାକିରି ମିଳିପାରିବ ଓ ସେମାନେ ଚାକିରିର ସୁଯୋଗ ପାଇ ପାରିବେ।

### ବଢୁଛି ବିମାନ ସୁରକ୍ଷା ଚିନ୍ତା

# ବଜେଟ କମ୍; ସୁରକ୍ଷା ପାଇଁ ମିଳୁଛି ମାତ୍ର ୩୫ କୋଟି



ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ଏହି ଅବଧି ମଧ୍ୟରେ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଜନିତ କାରଣରୁ କେବଳ ଏୟାର ଇଣ୍ଡିଆର ୮୫ରୁ ଅଧିକ ଉଡ଼ାଣ ବାତିଲ କରାଗଲାଣି। ଏହା ମଧ୍ୟରେ ସଂସଦୀୟ କମିଟି ପକ୍ଷରୁ ଉପସ୍ଥାପିତ ରିପୋର୍ଟକୁ ନେଇ ଭୟ ବଢ଼ି ଚାଲିଛି। ମାର୍ଚ୍ଚରେ ରାଜ୍ୟସଭାରେ ଉପସ୍ଥାପିତ ଏହି ରିପୋର୍ଟରେ ଚିନ୍ତାଜନକ ତଥ୍ୟ ଦିଆଯାଇଥିଲା। ବିମାନ ଦୁର୍ଘଟଣାର ଯାଞ୍ଚ ଏବଂ ଆଭିଏସନ ସୁରକ୍ଷା ପାଇଁ ପାଣ୍ଠିରେ ଅନିୟମିତତା ଥିବା କୁହାଯାଇଥିଲା। ପର୍ଯ୍ୟଟନ, ପରିବହନ ଏବଂ ସଂସ୍କୃତି ମନ୍ତ୍ରାଳୟର ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଥିଲା ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଆଭିଏସନ ବଜାର। କିନ୍ତୁ ସୁରକ୍ଷା ଭିତ୍ତିଭୂମି ଏବଂ ବିମାନ ଦୁର୍ଘଟଣାର ଯାଞ୍ଚ ପାଇଁ କେବଳ ୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହା ଯଥେଷ୍ଟ ନୁହେଁ। ପାଣ୍ଠି ନ ମିଳିଲେ ସୁରକ୍ଷା ଏବଂ ଯାଞ୍ଚ କେମିତି ହେବ ବୋଲି ପ୍ରଶ୍ନ ଉଠୁଛି।

ରିପୋର୍ଟରେ କୁହାଯାଇଛି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ), ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି (ବିସିଏଏସ)କୁ ଯେଉଁ ବଜେଟ ମିଳୁଛି ତାହା ବହୁତ କମ୍। ଏହି ପାଣ୍ଠି ଆବଣ୍ଟନରେ ବି ସମସ୍ୟା ରହିଛି। ରିପୋର୍ଟ ଅନୁଯାୟୀ ୨୦୨୫-୨୬ ପାଇଁ ଡିଜିସିଏକୁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଏଏଆଇବିକୁ କେବଳ ୨୦ କୋଟି ଏବଂ ବିସିଏଏସ୍‌କୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାରତରେ ବିମାନବନ୍ଦର ଏବଂ ଯାତ୍ରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ଏଏଆଇବି ଏବଂ ବିସିଏଏସକୁ ଅଧିକ ବଜେଟ ଦେବାକୁ କମିଟି ପରାମର୍ଶ ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫-୨୬ର ବଜେଟ ଖର୍ଚ୍ଚରେ ପ୍ରମୁଖ ଆଭିଏସନ ଏଜେନ୍ସି ମଧ୍ୟରେ ପାଣ୍ଠି ବଣ୍ଟନକୁ ଯଥେଷ୍ଟ ତଫାତ ରହିଛି। ଆଭିଏସନ ନିୟମ ପାଳନ କରୁଥିବା ଏବଂ ଏୟାରଲାଇନ୍ସ ଉପରେ ନଜର ରଖୁଥିବା ଡିଜିସିଏକୁ ମୋଟ ବଜେଟର ପ୍ରାୟ ଅଧା ଅର୍ଥାତ୍ ୩୦ କୋଟି ଟଙ୍କା ଦିଆଯାଇଛି। ଏହି ପାଣ୍ଠିର ସମୀକ୍ଷା କରିବାକୁ କମିଟି ପରାମର୍ଶ ଦେଇଛି। ନିୟମର ସଠିକ୍ ଅନୁପାଳନ ପାଇଁ ଅଧିକ ପାଣ୍ଠି ଦେବା ଜରୁରୀ। ଏହା ମଧ୍ୟ ଧ୍ୟାନ ରଖିବା ଜରୁରୀ ଯେ ବେସାମରିକ ବିମାନ ପରିଚାଳନା ଭିତ୍ତିଭୂମି ଦ୍ରୁତଗତିରେ ସମ୍ପ୍ରସାରିତ ହେଉଛି। ୨୦୧୪ରେ ୭୪ ବିମାନବନ୍ଦର ଥିବାବେଳେ ୨୦୨୨ରେ ଏହା ୧୪୭ରେ ପହଞ୍ଚି ଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୨୨୦ରେ ପହଞ୍ଚିଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଭଳି ସ୍ଥିତିରେ ସୁରକ୍ଷା ଏବଂ ଯାଞ୍ଚ ଜନିତ ସମ୍ବଳକୁ ବୃଦ୍ଧି କରିବା ଜରୁରୀ।

## ପୁଣି ଏୟାର ଇଣ୍ଡିଆର ୯ ବିମାନ ରଦ୍ଦ

**୯ ଦିନରେ ୮୫ ବିମାନର ଉଡ଼ାଣ ବାତିଲ**

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। କ୍ରମାଗତ ଭାବେ ବିମାନ ଉଡ଼ାଣ ରଦ୍ଦ ହେବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଏୟାର ଇଣ୍ଡିଆର ୯ଟି ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଏଥିରେ ୪ଟି ଅନ୍ତର୍ଜାତୀୟ ଏବଂ ୫ଟି ଘରୋଇ ଉଡ଼ାଣ ସାମିଲ ରହିଛି। ବିମାନବନ୍ଦରରେ ରକ୍ଷଣାବେକ୍ଷଣ ଏବଂ ଅପରେସନାଲ କାର୍ଯ୍ୟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଘରୋଇ ବିମାନଗୁଡିକ ମଧ୍ୟରେ ପୁନେରୁ ଦିଲ୍ଲୀ ଯାଉଥିବା ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଯାଉଥିବା ଏଆଇ୪୫୬, ହାଇଦରାବାଦରୁ ମୁମ୍ବାଇ ଯାଉଥିବା ଏଆଇ୨୮୭୨ ଏବଂ ଚେନ୍ନଇରୁ ମୁମ୍ବାଇ ବିମାନ ଏଆଇ୫୭୧ ସାମିଲ ରହିଛି। ସେହିପରି ଅନ୍ତର୍ଜାତୀୟ ଉଡ଼ାଣରେ ଦୁବାଇରୁ ଚେନ୍ନଇ ଆସୁଥିବା ଏଆଇ୯୦୬, ଦିଲ୍ଲୀରୁ ମେଲବର୍ଣ୍ଣ ଯିବାକୁ ଥିବା ଏଆଇ୩୦୮, ମେଲବର୍ଣ୍ଣରୁ ଦିଲ୍ଲୀ ଆସୁଥିବା ଏଆଇ୩୦୯ ଏବଂ ଦୁବାଇରୁ ହାଇଦରାବାଦ ଆସୁଥିବା ଏଆଇ୨୨୦୪ ବିମାନକୁ ବାତିଲ କରିଦିଆଯାଇଛି। ଏଭଳି ଭାବେ ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ଏ ପର୍ଯ୍ୟନ୍ତ ୯ ଦିନରେ ଅଲଗା ଅଲଗା କାରଣ ପାଇଁ ୮୫ ଉଡ଼ାଣ ରଦ୍ଦ କରାଗଲାଣି।

ଗତ ୧୨ ତାରିଖରେ ହୋଇଥିବା ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପ୍ରତ୍ୟେକ ବିମାନବନ୍ଦରରେ ବିମାନର ଅପରେସନାଲ ଚେକିଂକୁ କଡ଼ାକଡ଼ି କରିଦିଆଯାଇଥିଲା। ତେବେ ଗତ ୧୨ ତାରିଖରେ ୫ଟି, ୧୩ରେ ୧୧ଟି, ୧୪ରେ ୧୨ଟି, ୧୫ରେ ୧୪ଟି, ୧୬ରେ ୧୧ଟି, ୧୭ରେ ୧୬ଟି, ୧୮ରେ ୩ଟି ଏବଂ ୧୯ରେ ୯ଟି ବିମାନ ବାତିଲ କରାଯାଇଛି।

## ବ୍ଲାକ ବକ୍ସ ବିଦେଶ ପଠାଇବାକୁ କୌଣସି ନିଷ୍ପତ୍ତି ହୋଇନି: କେନ୍ଦ୍ର

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନର ବ୍ଲାକ୍ ବକ୍ସକୁ ଯାଞ୍ଚ ପାଇଁ ବିଦେଶ ପଠାଇବାକୁ ଏବେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏବେ ମାମଲାର ତଦନ୍ତ ଜାରି ରହିଛି। କେନ୍ଦ୍ର ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି।



କୁହାଯାଇଛି ଯେ ବିମାନର ବ୍ଲାକ ବକ୍ସ କେଉଁଠିକୁ ପଠାଯିବ ତାହାର ନିଷ୍ପତ୍ତି ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସ ବ୍ୟୁରୋ (ଏଏଆଇବି) ନେବ। ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଗୋପନୀୟ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଏ ନେଇ ନିଷ୍ପତ୍ତି ନିଆଯିବ। ଏବେ ଏଏଆଇବି ଏହି ମାମଲାର ଯାଞ୍ଚ କରୁଛି। ଏହା ବ୍ୟତୀତ ସ୍ୱରାଷ୍ଟ୍ର ସଚିବଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟି ମଧ୍ୟ ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଜାରି ରଖିଛି। ଏହି କମିଟି ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବିମାନର ଦୁଇଟି ବ୍ଲାକ ବକ୍ସ ସିଭିଆର ଏବଂ ଡିଏଫଡିଆର ମିଳିଛି। ପ୍ରଥମଟି ଗତ ୧୩ ତାରିଖରେ ଏବଂ ଦ୍ୱିତୀୟଟି ୧୬ ତାରିଖରେ ଉଦ୍ଧାର କରାଯାଇଥିଲା।

## ଯୁଦ୍ଧରେ ଦିନକୁ ୬ ହଜାର କୋଟି ଖର୍ଚ୍ଚ କରୁଛି ଇସ୍ରାଏଲ

ତେଲ ଆଭିଭ, ୨୦।୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି। ଉଭୟ ଦେଶ ପରସ୍ପର ବିରୋଧରେ ଆକ୍ରମଣ ଜାରି ରଖିଥିବାବେଳେ ସଂଘର୍ଷ ଥମିବାର ନା ଧରୁନାହିଁ। ଏଣେ ଆମେରିକା ଏହି ଯୁଦ୍ଧକୁ ଇନ୍ଧନ ପ୍ରଦାନ କରିବାକୁ ଚାହିଁ ବସିଛି। ତେବେ ଏହି ଯୁଦ୍ଧ ଆର୍ଥିକ ସଙ୍କଟରେ ବଦଳିବାରେ ଲାଗିଛି। ଏଥିପାଇଁ ଇସ୍ରାଏଲର ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ଏହି ଯୁଦ୍ଧ ପାଇଁ ଇସ୍ରାଏଲର ଦିନକୁ ୭୨୫ ମିଲିୟନ ଡଲାର (ପ୍ରାୟ ୬ ହଜାର କୋଟି ଟଙ୍କା) ଖର୍ଚ୍ଚ ହେଉଛି। ଏଥିରେ କେବଳ କ୍ଷେପଣାସ୍ତ୍ର, ଜେଟ୍ ଇନ୍ଧନ, ବୋମାମାଡ଼ ଏବଂ ସୈନିକ ମୁତୟନ ଭଳି ପ୍ରତ୍ୟକ୍ଷ ଖର୍ଚ୍ଚ ସାମିଲ ରହିଛି। ଯଦି ସାର୍ବଜନୀନ ଭିତ୍ତିଭୂମିରେ ହୋଇଥିବା କ୍ଷତି ଏବଂ ଉତ୍ପାଦନ ହ୍ରାସକୁ ଯୋଡ଼ି ଦିଆଯାଏ

**ପ୍ରଥମ ଦୁଇ ଦିନରେ ୧୨,୫୦୦ କୋଟି**

ତେବେ ଖର୍ଚ୍ଚ ଢେର ଅଧିକ ହେବ ବୋଲି ଇସ୍ରାଏଲର ପୂର୍ବତନ ପ୍ରତିରକ୍ଷା ପରାମର୍ଶଦାତା ବ୍ରିଗେଡିୟର ଜେନେରାଲ ରିମ ଏମିନାକ କହିଛନ୍ତି।

ଏହା ମଧ୍ୟରେ ଇସ୍ରାଏଲ ଅର୍ଥ ମନ୍ତ୍ରାଳୟ ୨୦୨୫ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନକୁ ୪.୩%ରୁ ହ୍ରାସ କରି ୩.୬ ପ୍ରତିଶତ କରିଦେଇଛି। ସେହିପରି ୨୦୨୫ରେ ପୂର୍ବରୁ ଧାର୍ଯ୍ୟ ବଜେଟ କ୍ଷତି ସୀମା ମଧ୍ୟ ୪.୯%ରୁ ଅଧିକ ବୃଦ୍ଧି ପାଇପାରେ। ସେହିପରି ଇରାନରେ ଆକ୍ରମଣର ପ୍ରଥମ ଦୁଇ ଦିନରେ ଇସ୍ରାଏଲର ୧.୪୫ ବିଲିୟନ ଡଲାର (ପ୍ରାୟ ୧୨, ୫୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା। ଏଥିରେ ୫୯୩ ମିଲିୟନ ଡଲାର (ପ୍ରାୟ ୫ ହଜାର କୋଟି ଟଙ୍କା)ର ବୋମା, ଜେଟ୍ ଇନ୍ଧନ ଖର୍ଚ୍ଚ ସାମିଲ ରହିଛି।

## ୭.୪ କୋଟି ଠକେଇ; ଆଇପିଏସ୍‌ଙ୍କ ସ୍ୱାମୀ ଗିରଫ



ମୁମ୍ବାଇ, ୨୦।୬ (ଏଜେନ୍ସି): ପତ୍ନୀ ଆଇପିଏସ ଅଧିକାରୀ। ଆଉ ତାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ। ପତ୍ନୀଙ୍କ କ୍ଷମତା ଆଢୁଆଳରେ ରହି ପତି ଚଳାଇ ଥିଲେ କଳାକାରନାମା। କାହାକୁ ଫ୍ଲାଟ ଦେବାକୁ କହି ଠକୁଥିଲେ ତ ଆଉ କାହାକୁ ପୁଲିସ ଏକାଡେମୀକୁ ଟି-ସାର୍ଟ ଯୋଗାଣ କରିବାର ଠିକା କରାଇଦେବାକୁ କହି କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ଏହି ମାମଲାରେ ମୁମ୍ବାଇ ପୁଲିସର ଆର୍ଥିକ ଶାଖା (ଇଓଡବ୍ଲ୍ୟୁ) ବୁଧବାର ସୁରଟ ବ୍ୟବସାୟୀ ପୁରୁଷୋତ୍ତମ ଚଭନଙ୍କୁ ଗିରଫ କରିଛି। ୭.୪୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚଭନଙ୍କ ପତ୍ନୀ ରଶ୍ମି କରନ୍ଦିକର ଜଣେ ଆଇପିଏସ ଅଧିକାରୀ। ପୁରୁଷୋତ୍ତମ ପତ୍ନୀଙ୍କ ପଦବୀର ଲାଭ ଉଠାଇ ଚାଲିଥିଲେ। ପୂର୍ବରୁ ମଧ୍ୟ ତାଙ୍କୁ ଆଉ ଏକ ମାମଲାର ଗିରଫ କରାଯାଇଥିଲା। ଏବେ ତାଙ୍କୁ ହେପାଜତକୁ ପଠାଇ ଦିଆଯାଇଛି।

ପୁରୁଷୋତ୍ତମ ସରକାରୀ କୋଟାରେ ରିଆତି ଫ୍ଲାଟ ଯୋଗାଇ ଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ନେଇଥିଲେ। ସେ ମଧ୍ୟ ମହାରାଷ୍ଟ୍ର ପୁଲିସ ଏକାଡେମି ପାଇଁ ଟି-ସାର୍ଟ ଯୋଗାଣ ନିମନ୍ତେ ଠିକା କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁମ୍ବାଇ, ଥାନେ ଏବଂ ପୁନରେ ରିଆତି ଦରରେ ଫ୍ଲାଟ ଯୋଗାଇ ଦେବାକୁ କହି ଅନେକ ଲୋକଙ୍କଠାରୁ ୨୪.୭୮ କୋଟି ଟଙ୍କା ନେଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ମାସରେ ତାଙ୍କୁ ଗିରଫ କରିଥିଲା।

## ଇସ୍ରାଏଲ୍ ଉପରେ ଇରାନ୍‌ର କ୍ଲଷ୍ଟର ବୋମା ମାଡ଼

ତେହେରାନ୍, ୨୦।୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ୮ମ ଦିନରେ ପହଞ୍ଚିଛି। ଯୁଦ୍ଧର ଭୟାଭୟତା ବଢ଼ିବାରେ ଲାଗିଛି ଓ ଏହା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଦୁଇ ଦେଶ ପରସ୍ପର ଉପରେ ମିସାଇଲ ଓ ଡ୍ରୋନ୍ ମାଡ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଇସ୍ରାଏଲ୍ ଇରାନ୍‌ର ଆଣବିକ ଭିତ୍ତିଭୂମି ଉପରେ ମିସାଇଲ ମାଡ଼ କରିଛି। ଇରାନ ମଧ୍ୟ କଡ଼ା ଜବାବ ଦେବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଉପରେ ଇରାନ ନିଷିଦ୍ଧ ହୋଇଥିବା କ୍ଲଷ୍ଟର ବମ୍ ମାଡ଼ କରିଛି। ପ୍ରଥମଥର ପାଇଁ ଏହି ଯୁଦ୍ଧରେ କ୍ଲଷ୍ଟର ବମ୍‌ର ବ୍ୟବହାର ହୋଇଛି। ଇସ୍ରାଏଲର ଏକ ହସ୍ପିଟାଲ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ଏହାର ଦୃଢ଼ ଜବାବ ଦିଆଯିବ ଓ ଇରାନ୍‌କୁ



ଏହାର ସୁଧମୂଳ ସହ ମୂଲ୍ୟ ଦେବାକୁ ହେବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।

ସେପେଟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧରେ ଆମେରିକା ପ୍ରତ୍ୟକ୍ଷ ଭାବେ ସାମିଲ ହେବା ନେଇ ସୂଚନା ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆମେରିକା ଇସ୍ରାଏଲ ସପକ୍ଷରେ ଏହି ଯୁଦ୍ଧରେ ସାମିଲ ହେବ କି ନା, ସେ ନେଇ ନିଷ୍ପତ୍ତି ନେବ ବୋଲି ଟ୍ରମ୍ପ କହିଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ ନିର୍ଦ୍ଦେଶ ଦେବା ମାତ୍ରେ ହିଁ ଇରାନ ମାତ୍ର କେତୋଟି ସପ୍ତାହ ମଧ୍ୟରେ ପରମାଣୁ ଅସ୍ତ୍ର ସୃଷ୍ଟି କରିବାରେ ସକ୍ଷମ ବୋଲି ଟ୍ରମ୍ପ କହିଛନ୍ତି। ଅର୍ଥାତ ଇରାନ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଟ୍ରମ୍ପ ପରୋକ୍ଷରେ ଚେତାଇଛନ୍ତି ବୋଲି କୁହାଯାଇପାରେ। ଇତିମଧ୍ୟରେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକୋଫ୍ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରକଚିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି।

## ଆତଙ୍କବାଦୀ ଠିକଣାର ମରାମତି କରୁଛି ପାକିସ୍ତାନ

ଇସଲାମାବାଦ, ୨୦।୬ (ଏଜେନ୍ସି): 'ଅପରେସନ ସିନ୍ଦୂର' ଅଧିନରେ ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ କରି ଭାରତ ଅନେକ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରି ଦେଇଥିଲା। ଏଥିରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏବଂ ଜୈସ-ଇ-ମହମ୍ମଦ (ଜେଇଏମ) ଠିକଣା ସାମିଲ ଥିଲା। ଜାତିସଂଘରେ ଆତଙ୍କବାଦୀ ବିରୋଧୀ ଆକ୍ସନ କମିଟିର ଉପାଧ୍ୟକ୍ଷ ହୋଇଥିବା ପାକିସ୍ତାନ ଏବେ ପୁଣି ସେହି ଆତଙ୍କବାଦୀ ଠିକଣାକୁ ମରାମତି ଆରମ୍ଭ କରିଦେଇଛି। ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ନିଜେ ଏହି ମାମଲାରେ ଦଖଲ ଦେଇଛନ୍ତି। ଆତଙ୍କବାଦୀ ଠିକଣାକୁ ପୁଣିଥରେ ସଜାଡିବା ପାଇଁ ସରକାରୀ ପାଣ୍ଠିରୁ ୪୦ କୋଟି ଟଙ୍କା ଦେଇଛନ୍ତି। ଲସ୍କର ଏବଂ ଜୈସ ଭଳି ଆତଙ୍କବାଦୀ ସଂଗଠନ ସହ ସମ୍ବନ୍ଧ ଥିବା ମଦ୍ରାସା ଏବଂ ମସ୍‌ଜିଦକୁ ମଧ୍ୟ ଏହି ପାଣ୍ଠି ପହଞ୍ଚିଛି। ମରକଜ ସୁବାନ ଅଲ୍ଲାହ ପରିସର, ବିଲାଲ ମସ୍‌ଜିଦ, ଉମୁଲ କୁର୍ରା, ଜାମିଆ ଦାୱା ଇସଲାମି ମଦ୍ରାସା ସହିତ ଭାରତ ଆକ୍ରମଣରେ ଧ୍ୱଂସ ହୋଇଥିବା ଅନ୍ୟ ଆତଙ୍କବାଦୀ ଠିକଣାକୁ ପୁଣିଥରେ ଛିଡ଼ା କରିବା ପାଇଁ ମୁନିର ୩୧ ତାରିଖ ପର୍ଯ୍ୟନ୍ତ କଣ୍ଟ ଦେଇଛନ୍ତି।

## ବୁର୍ଖା ପିନ୍ଧି ହଜାର କିମି ଯାତ୍ରା କରିଥିଲା ସୋନମ


ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ସ୍ୱାମୀ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମକୁ ନେଇ ଏକ ନୂଆ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ହତ୍ୟା କରିବା ପରେ ସେ ଛଦ୍ମ ବେଶ ଅପଣାଇ ବୁର୍ଖା ପିନ୍ଧି ୧୦୦୦ କିମି ଯାତ୍ରା କରି ଉତ୍ତରପ୍ରଦେଶ ଯାଇଥିଲା ବୋଲି ପୁଲିସ୍ କହିଛି। ଜଣେ ଡ୍ରାଇଭରଙ୍କୁ ପ୍ରଶ୍ନ କରିବା ପରେ ପୁଲିସ ଏହି କଥା ଜାଣିବାକୁ ପାଇଛି। ପ୍ରେମିକ ତଥା ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହ ସହ ସୋନମ ଏବେ ଶିଲଂ ପୁଲିସ ହେପାଜତ୍‌ରେ ଅଛି। ବୁର୍ଖା ବିନ୍ଧିଥିବା ସୋନମ ରାସ୍ତାର କୌଣସି ସ୍ଥାନରେ ରହିବାକୁ ମନା କରୁଥିଲା ବୋଲି ଗାଡିର ଡ୍ରାଇଭର କହିଛନ୍ତି।

ସୋନମକୁ ନେଇ ଆଉ ଏକ ରୋଚକ ତଥ୍ୟ ଦେଇଛନ୍ତି ସ୍ୱାମୀ ରାଜାଙ୍କ ଜ୍ୟୋତିଷ ଅଜୟ ଦୁବେ। ଜ୍ୟୋତିଷଙ୍କ କହିବା ଅନୁଯାୟୀ ସୋନମ ସମଲିଙ୍ଗୀ ଥିଲା ଓ ତାର କାହା ସହିତ ସମଲିଙ୍ଗୀ ସମ୍ପର୍କ ରହିଥିବ। ବିବାହ ପୂର୍ବରୁ ସୋନମ ଓ ରାଜାର ଜାତକ ମିଳାଇଥିଲେ ଅଜୟ। ଅଜୟଙ୍କ ଭବିଷ୍ୟବାଣୀ କେତେକାଂଶରେ ସତ ହୋଇଥାଏ। ତେଣୁ ତାଙ୍କର ଏହି କଥାକୁ ଅଣଦେଖା କରିହେବ ନାହିଁ ବୋଲି ରାଜାଙ୍କ ପରିବାର ତରଫରୁ କୁହାଯାଇଛି।

**ଭାରତର ଚିନ୍ତା ବଢ଼ିଲା**

# ପାକିସ୍ତାନକୁ ୪୦ଟି ଜେ-୩୫ ଲଢୁଆ ଜେଟ୍ ଦେବ ଚୀନ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଖୁବଶୀଘ୍ର ଚୀନ୍ ୪୦ଟି ଶେନୟାଙ୍ଗ୍ ଜେ-୩୫ ଫିଫ୍ଥ ଜେନେରେସନ ଷ୍ଟିଲ୍‌ଥ ଲଢୁଆ ବିମାନ ପାକିସ୍ତାନକୁ ଦେବାକୁ ଯାଉଛି। ଏଥିସହ ପାକିସ୍ତାନର ବାୟୁ ସେନା ଆହୁରି ଶକ୍ତିଶାଳୀ ହେବ। ଏହି ଷ୍ଟିଲ୍‌ଥ ଟେକ୍ନୋଲୋଜି ସହ ପାକିସ୍ତାନ ଅଳ୍ପ କେତୋଟି ଦେଶଗୁଡିକ ସହ ଏକ ନୂଆ କ୍ଲବରେ ସାମିଲ ହେବ। କେବଳ ସେତିକି ନୁହଁ ଚୀନ୍ ପାକିସ୍ତାନକୁ ୫୦୦-କେଜେ ଆୱାକ୍ସ ଓ ଏଚ୍‌କ୍ୟୁ-୧୯ ଲଙ୍ଗ-ରେଞ୍ଜ ଆଣ୍ଟି ବାଲାଷ୍ଟିକ୍ ଏୟାର ଡିଫେନ୍ସ ପ୍ରଣାଳୀ ମଧ୍ୟ ଦେବ। ଏଥର ପାକିସ୍ତାନର ତା'ର ରକ୍ଷା ବଜେଟରେ ୨୦ ପ୍ରତିଶତ ଅର୍ଥାତ ୯ ବିଲିଅନ ଡଲାରକୁ ବୃଦ୍ଧି କରିଛି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ। ପୁଣି ପାକିସ୍ତାନ ତୁର୍କୀଠାରୁ ମଧ୍ୟ ପଞ୍ଚମ ପୀଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରିଛି। ଏବେ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବାକୁ ଯାଉଛି କହିଲେ ଭୁଲ ହେବନାହିଁ।



ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ଷ୍ଟିଲ୍‌ଥ ଫାଇଟର ଜେଟ୍‌ର ଅଭାବ ରହିଛି। ନିଜସ୍ୱ ଜ୍ଞାନ କୌଶଳରେ ପଞ୍ଚମ ପୀଢ଼ିର ଷ୍ଟିଲଥ ଲଢୁଆ ବିମାନ ବା ଆଡଭାନ୍ସଡ ମିଡିଅମ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ତିଆରି କରିବାକୁ ଭାରତକୁ ଏବେ ଆହୁରି ଗୋଟିଏ ଦଶନ୍ଧି ଲାଗିବ। ୨୦୩୫ରେ ଭାରତ ବାୟୁସେନାରେ ଏଏମ୍‌ସିଏ ସାମିଲ ହେବ ବୋଲି ଅନୁମାନ କରାଯାଉଛି। ଭାରତ ଏବେ କେବଳ ଏଫ୍-୩୫ ଓ ଏସ୍‌ୟୁ-୫୭ ବିମାନ ଉପରେ ନିର୍ଭରଶୀଳ। ଗତ ୬ ମାସ ହେବ ପାକିସ୍ତାନର ଫାଇଟର ପାଇଲଟମାନେ ଚୀନ୍ ଗତ ୬ ମାସ ରହି ପ୍ରଶିକ୍ଷଣ ନେଉଛନ୍ତି। ତେଣୁ ପାକିସ୍ତାନକୁ ଚୀନ୍ ଏହି ଲଢୁଆ ବିମାନ ଦେବା ଆଦୌ ଆଶ୍ଚର୍ଯ୍ୟଜନକ ମନେ ହେଉ ନାହିଁ ବୋଲି ଗ୍ରୁପ୍ କ୍ୟାପଟେନ ଅଜୟ ଅହ୍ଲାୱତ କହିଛନ୍ତି। ପୂର୍ବରୁ ଭାରତୀୟ ବାୟୁସେନା ପାକିସ୍ତାନଠାରୁ ଯଥେଷ୍ଟ ଉନ୍ନତ ବୋଲି ସମସ୍ତେ ସ୍ୱୀକାର କରନ୍ତି। ତେବେ ଏହି ଲଢୁଆ ବିମାନ ପାକିସ୍ତାନ ହାସଲ କରିବା ପରେ ଭାରତୀୟ ବାୟୁସେନାର ଆଧିପତ୍ୟ ନିଶ୍ଚିତ ଭାବେ କମ୍ ହେବ ବୋଲି ବିଶେଷଜ୍ଞମାନେ କୁହନ୍ତି। ପାକିସ୍ତାନକୁ ଏହି ଲଢୁଆ ବିମାନ ମିଳିବା ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

# ଘରୁ ଡାକିନେଇ ସାଙ୍ଗଙ୍କୁ ହତ୍ୟା

**କବିସୂର୍ଯ୍ୟନଗର, ୨୦।୬(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି । ଗୁରୁବାର ରାତିରେ ଆଠଗଡ଼ପାଟଣାରେ ବାପ-ପୁଅଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଶୁକ୍ରବାର ତାଲିଆମାପଲ୍ଲୀରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି । ମୃତକ ହେଲେ, କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବାଉରୀ ସାହିର ସାଗର ନାହାକ (୨୨) । ସାଙ୍ଗର ଜନ୍ମ ଦିନ ପାଳିବାକୁ ଡାକି ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି ।

ସୂଚନାନୁସାରେ, ଜଣେ ସାଙ୍ଗର ଜନ୍ମଦିନ ପାଳିବାକୁ ସାଗରଙ୍କୁ ତା' ୨ ସାଙ୍ଗ ଚନ୍ଦନ ନାହାକ ଓ କାହ୍ନା ନାହାକ ଗୁରୁବାର ଅପରାହ୍ଣରେ ଘରୁ ଡାକି ନେଇଥିଲେ । ରାତିରେ ତାଲିଆମାପଲ୍ଲୀଠାରେ ଜନ୍ମଦିନ ଉତ୍ସବ ପାଳନ ହୋଇଥିଲା । ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା କୁହାଯାଉଛି । ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜରଡ଼ ଛକ ବରଗଛ ମୂଳେ ପଡ଼ିଥିବା ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ କେହି ଯୁବକ ତାଙ୍କ ଘରଲୋକଙ୍କୁ ଫୋନ୍ କରି ଜଣାଇଥିଲେ । ପରିବାରଲୋକେ ସାଗରଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ସାଗରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡକୁ ପଥରରେ ଛେଚା ଯାଇଥିଲା । ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି । ମୃତକଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଚାରି ଭଉଣୀରେ ଏକମାତ୍ର ଭାଇ ଥିଲେ ସାଗର । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି ।

# +୩ ପଢ଼ିବାକୁ ଅମଙ୍ଗ ଛାତ୍ରଛାତ୍ରୀ

**ପ୍ରଥମ ରାଉଣ୍ଡରେ ସାମିଲ୍ ହେଲେନି ୪୦ ହଜାର ଛାତ୍ରଛାତ୍ରୀ**

**୨ ଦିନ ବଢ଼ିଲା ନାମଲେଖା ଅବଧି; ୫୦ହଜାର ସିଟ୍ ଫାଙ୍କା ପଡ଼ିବା ଆଶଙ୍କା**

**ଭୁବନେଶ୍ୱର, ୨୦।୬(ସମିସ):** ଆରମ୍ଭରୁ ବାଟବଣା ହୋଇଛି +୩ ନାମଲେଖା । ପ୍ରଥମ ରାଉଣ୍ଡ ନାମଲେଖା ଗତ ୧୭ ତାରିଖରେ ସରିଥିଲେ ମଧ୍ୟ ଆଶାଜନକ ନାମଲେଖା ହୋଇନାହିଁ । ପ୍ରାୟ ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ନ ଦେବା ସହ ନାମଲେଖା ପାଇଁ ଫି' ମଧ୍ୟ ଦାଖଲ କରିନାହାନ୍ତି । ଅର୍ଥାତ୍ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି । ତେଣୁ, ନାମଲେଖା ଅବଧିକୁ ଆଉ ୨ ଦିନ ବଢ଼ାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅର୍ଥାତ୍ ୨୧ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ ।

ଅପରପକ୍ଷେ, ପ୍ରାୟ ୪୦ ହଜାରରୁ ଅଧିକ ପିଲା ନାମଲେଖା ପ୍ରକ୍ରିୟାରେ ସାମିଲ ନହେବା ପରେ ଉଚ୍ଚଶିକ୍ଷା ବିଭାଗର ନିଦ ହଜିଛି । ସ୍ନାତକ ପଢ଼ିବାକୁ ଛାତ୍ରଛାତ୍ରୀମାନେ କାହିଁକି ଆଗ୍ରହ ଦେଖାଉନାହାନ୍ତି, ସେନେଇ ବିଭାଗୀୟସ୍ତରରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି । ଏପରିକି, ପ୍ରତି ପିଲାଙ୍କୁ ଫୋନ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ଏକାଧିକବାର ଅବଗତ କରିବାକୁ ବିଭାଗୀୟ ସଚିବ ଅଧିକାରୀମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି । ତତ୍‌କ୍ଷଣାତ୍ କିଛି ପିଲାଙ୍କୁ ଫୋନ୍ କରି କାରଣ ସମ୍ପର୍କରେ ମଧ୍ୟ ପଚରାଯାଇଥିଲା । ହେଲେ ପିଲାଙ୍କ ଉତ୍ତର ଅଧିକାରୀଙ୍କୁ ଅଧିକ ବିବ୍ରତ କରିଛି । ଜଣେ ପିଲା ଫୋନ୍ ଉଠାଇ ସେ ପଢ଼ିବାକୁ ଅନାଗ୍ରହୀ ବୋଲି କହିଥିବା ବେଳେ ଆଉ ଜଣେ ଡିପ୍ଲୋମା ପଢ଼ିବେ ବୋଲି କହିଥିଲେ । ଏହା ସତ୍ତ୍ୱେ ଆଉ ୨ଦିନ ଆବେଦନ ଅବଧି ବଢ଼ାଇବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ତେବେ ଏପରି ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ରହିଛି ।

ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୨ଲକ୍ଷ ୭୪ହଜାର ୫୦୯ଟି ସିଟ୍ ଉପଲବ୍ଧ ରହିଥିବା ବେଳେ ମୋଟ୍ ୨ଲକ୍ଷ ୬୫ ହଜାର ୫୯୦ ପିଲା ଆବେଦନ କରିଛନ୍ତି । ଅର୍ଥାତ୍ ପ୍ରାୟ ୯ହଜାର ସିଟ୍ ଖାଲି ପଡ଼ିବ । ସେହିପରି ପ୍ରଥମ ରାଉଣ୍ଡ ପାଇଁ ମୋଟ୍ ୧ଲକ୍ଷ ୭୫ହଜାର ୭୨୨ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ପ୍ରାୟ ୪୦ହଜାର ପିଲା ନାମଲେଖାରେ ଅଂଶଗ୍ରହଣ କରିନାହାନ୍ତି । ଅର୍ଥାତ୍ ପ୍ରାୟ ୫୦ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି ।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

**ପୁରୀ୨୦।୬(ସମିସ):** ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା । ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି । ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ । ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି । ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି ।



**ଆଜି ଲାଗି ହେବେ ମହାପ୍ରଭୁ**

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ । ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ । ଏକ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ । ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ । ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ । ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ । ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ । ପାଗ ପରେ ତାହାକୁ କଦଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ । ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ । ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ । ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ । ଏହିସବୁ କାମ ଶୁଦ୍ଧପୂତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥା'ନ୍ତି । ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି । ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି । ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ । ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ । ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ । ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ ।

# ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ

**ମାଲକାନଗିରି, ୨୦।୬ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ



ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ ହୋଇଛନ୍ତି ।

କାଙ୍କେର ଜିଲ୍ଲାର ଅମାଟୋଲା ଓ କଲପାର ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଛୋଟେବେଟିୟା ଥାନାରୁ ଡିଆରଜି ଓ ବିଏସ୍ଏଫ ଜବାନଙ୍କ ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲେ । ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ । ଏହାର ପାଲଟା ଜବାବ ଦେଇଥିଲେ ସୁରକ୍ଷା କର୍ମୀ । ଉଭୟ ପକ୍ଷରୁ ଗୁଳି ବିନିମୟରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ପରେ ତଲାସି ଅଭିଯାନ ସମୟରେ ଜଣେ ୟୁନିଫର୍ମ ପିନ୍ଧା ମହିଳା ମାଓବାଦୀଙ୍କ ମୃତଦେହ ଠାବ ହୋଇଛି । ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି । ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ଏହି ଏନ୍‌କାଉଣ୍ଟର୍‌ରେ ଅନେକ ମାଓବାଦୀ ମୃତାହାତ ହୋଇଥିବା ଅନୁମାନ କରାଯାଉଛି । ତେବେ ଯବାନମାନେ ଫେରିବା ପରେ ସଂପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ଗାଲୁଡିହି ପାଣି ପାଇଁ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି



**ବାରିପଦା, ୨୦।୬ (ସମିସ):** ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ତଳମୁଣ୍ଡରେ ବନ୍ୟା ସ୍ଥିତି ଦେଖାଦେଇଛି । ଶୁକ୍ରବାର ଏହି ନଦୀର ଜଳସ୍ତର ବିପଦ ସଙ୍କେତ (୧୦. ୩୬ ମିଟର) ଟପିଯାଇ (୧୦.୪୩ ମିଟର) ରେ ପହଞ୍ଚିଥିଲା । ତେଣୁ, ଲୋକଙ୍କ ମଧ୍ୟରେ ଭୟ ବଢ଼ିଥିଲା । ତେବେ ଅପରାହ୍ଣରେ ଜଳସ୍ତର କମୁଥିବାରୁ ବିଶେଷକରି ନଦୀକୂଳିଆ ୩ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି । ଅପରପକ୍ଷରେ, ଗୁରୁବାର ସନ୍ଧ୍ୟାରୁ ବନ୍ୟା ପାଣି ଘେରରେ ଥିବା ଯୁବକର କୌଣସି ଖବର ମିଳି ନଥିବା ବେଳେ ଓଡ୍ରାଫ୍ ଟିମ୍ ତାଙ୍କ ସନ୍ଧାନ ଜାରି ରଖିଛି ।

ସୂଚନାନୁଯାୟୀ, ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଓ କେନ୍ଦୁଝର ସମେତ ପଡ଼ୋଶୀ ଝାଡଖଣ୍ଡରେ ପ୍ରବଳ ବର୍ଷା ହୋଇଥିଲା । ଫଳରେ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍‌ରୁ ପାଣି ଛଡ଼ାଯାଇଥିଲା । ତେଣୁ, ସୁବର୍ଣ୍ଣରେଖା ନଦୀରେ ଜଳପତ୍ତନ ହଠାତ ବୃଦ୍ଧି ପାଇଥିଲା । ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୨ କ୍ୟୁସେକ ପାଣି ପ୍ରବାହିତ ହେଉଥିବାରୁ ତଳମୁଣ୍ଡରେ ଥିବା ସାରସକଣା ବ୍ଲକର ୨ଟି ଓ ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଗ୍ରାମରେ ବନ୍ୟା ପରିସ୍ଥିତି ଆଶଙ୍କା ଦେଖାଦେଇଥିଲା । କିନ୍ତୁ ଡ୍ୟାମ୍‌ରୁ ପାଣି ଛଡ଼ାଯିବା ନେଇ ପ୍ରଭାବିତ ଗ୍ରାମଗୁଡ଼ିକରେ ଆଗୁଆ କୌଣସି ସୂଚନା ଦିଆଯାଇନଥିବାରୁ ନଦୀ ତଟବର୍ତ୍ତୀ ଗ୍ରାମର ଲୋକେ ଭୟଭୀତ ହୋଇପଡ଼ିଥିଲେ । କେତେକ ସ୍ଥାନରେ ଗୃହପାଳିତ ପଶୁ ଭାସି ଯାଇଥିଲେ । ସେହିପରି ସାରସକଣାର ମେରୁମଠ ନିକଟ ନଦୀ ଗର୍ଭରେ ଥିବା ପଥର ଟାପୁରେ ଜଣେ ଯୁବକ ପାଣି ଘେରରେ ଫସି ରହିଥିଲେ । ଗୁରୁବାର ରାତିତମାମ ଦମକଳ ବାହିନୀ ଓ ଓଡ୍ରାଫ୍ ଟମ୍ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ପାଇନଥିଲେ । ଶୁକ୍ରବାର ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି

**ରାତିସାରା ଟାପୁରେ ଥିବା ଯୁବକ ନିଖୋଜ**

**ଅପରାହ୍ଣରୁ କମୁଛି ପାଣି; ନଦୀକୂଳିଆ ଗ୍ରାମବାସୀ ଆଶ୍ୱସ୍ତ**

ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ନିଖୋଜ ଯୁବକଙ୍କୁ ନ ପାଇ ନଦୀର ତଳମୁଣ୍ଡରେ ଖୋଜାଯାଇଥିଲେ ମଧ୍ୟ ସନ୍ଧାନ ମିଳିପାରିନାହିଁ ।

ଯୁବକଜଣଙ୍କ ଝାଡ଼ଖଣ୍ଡର ବୋଲି ଜଣାପଡ଼ିଛି । ସେ ମାନସିକ ବିକାରଗସ୍ତ ହୋଇଥିବା ବେଳେ ୧୫ ଦିନ ଧରି ଉକ୍ତ ଅଞ୍ଚଳରେ ବୁଲାବୁଲି କରି ନଦୀପଥର ଟାପୁରେ ରହୁଥିଲା । ରାତିରେ ବନ୍ୟା ଜଳ ସ୍ରୋତରେ ଭାସି ଯାଇଥିବା ନେଇ ଉଦ୍ଧାରକାରୀ ଦଳ ସନ୍ଦେହ କରୁଛନ୍ତି । ଅପରପକ୍ଷରେ ସୁବର୍ଣ୍ଣରେଖାର ଜଳପତ୍ତନ ଅପରାହ୍ଣରେ କମୁଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି । ଏପରିକି, ବନ୍ୟା ପରିସ୍ଥିତି ଉପୁଜିବା ନେଇ କୌଣସି ଆଶଙ୍କା ନାହିଁ ବୋଲି ସେ କହିଛନ୍ତି ।

## ମୋଦୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ

# ଦିନତମାମ ଅନଶନରେ କଂଗ୍ରେସ ନେତା

**ଭୁବନେଶ୍ୱର, ୨୦।୬(ସମିସ):** ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମ ସୀମାରେ ପହଞ୍ଚିଛି । ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି । ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଆଗମନ ଓ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ମୋହନ ମାଝୀଙ୍କ ସରକାରକୁ



ଜାଲି ସାର୍ଟିଫିକେଟ ଦେଇ ତୁଚ୍ଛା ବାହାବା ନେବାକୁ ପ୍ରୟାସ କରାଯାଉଥିବା କହି ରାଜ୍ୟ କଂଗ୍ରେସ ଏହାକୁ ବିରୋଧ କରିଛି । ଏହାର ପ୍ରତିବାଦ ସ୍ୱରୂପ, ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତାମାନେ ଦିନ ତମାମ ଶାନ୍ତିପୂର୍ଣ୍ଣ ଅନଶନ କରିଛନ୍ତି । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ହେଇଥିବା ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ ।

ଏହି ଅବସରରେ ପିସିସି ସଭାପତି କହଛନ୍ତି ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ସାଧାରଣ ଜନତାଙ୍କ ମନରେ ସରକାରଙ୍କ ପ୍ରତି ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିଛି । ସମାନ ଭାବେ ବାରିପଦାଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇନେଇ ଦୁଷ୍କର୍ମ କରିବା ଭଳି ଘଟଣା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହୋଇଛି । ଗତକାଲି କେନ୍ଦ୍ରାପଡ଼ାଠାରେ ଜଣେ ଯୋଗ ଶିକ୍ଷକଙ୍କୁ ଦୁଷ୍କର୍ମ କରାଯିବା ଘଟଣା ଆମ ସମସ୍ତଙ୍କୁ ଲଜ୍ଜିତ କରିଛି । ସମଗ୍ର ରାଜ୍ୟରେ ପୁରୀ, ଅନୁଗୁଳ, କନ୍ଧମାଳ ଏବଂ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଏଭଳି ଭୟଙ୍କର

**ଶବ ଉପରେ ଉତ୍ସବ ପାଳନ କରୁଛନ୍ତି ସରକାର: ଭକ୍ତ**

ଘଟଣା ସାମନାକୁ ଆସିବା ସତ୍ତ୍ୱେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗ ଏହାକୁ ନିୟନ୍ତ୍ରଣକୁ ଆଣିବାରେ ସଂପୂର୍ଣ୍ଣ ଭାବରେ ବିଫଳ ହୋଇଛନ୍ତି । ଏହା ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରର ପ୍ରଶାସନିକ ଅପାରଗତା ଓ ସ୍ଥାଣୁତାକୁ ପଦାରେ ପକାଇଛି ବୋଲି ଶ୍ରୀ ଦାସ କହିଛନ୍ତି । ୨୦୨୫ ମସିହାରେ ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ହଇଜା ମହାମାରୀ ବ୍ୟାପି ୨୪ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି । ହେଲେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଇଁ ଏତେ ପାଗଳ ଯେ ମା' ମାନଙ୍କର ସୁରକ୍ଷା ଏବଂ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ଉପରେ ଉତ୍ସବ ପାଳନ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

# କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



**ଭୁବନେଶ୍ୱର, ୨୦।୬ (ସମିସ):** ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ ଜୋରଦାର୍ ବିରୋଧ କରିଛି । ଶୁକ୍ରବାର ଦିନ ୧୧ଟାରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଶାନ୍ତିପୂର୍ଣ୍ଣ ଅନଶନରେ ଯୋଗଦେବା ପାଇଁ ରାମ ମନ୍ଦିର ଛକରୁ ବାହାରିବା ସମୟରେ ପୁଲିସ୍ ସମସ୍ତଙ୍କୁ ଗିରଫ କରିଛି । ଏହା ପୂର୍ବରୁ ଅର୍ଥାତ୍ ଗୁରୁବାର ରାତିରୁ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ଯୁବନେତା ନୀହାର ବେହେରା, ମହମ୍ମଦ ଗୁଲଫାମ ପ୍ରମୁଖଙ୍କୁ ସେମାନଙ୍କ ଘରୁ ପୁଲିସ ଗିରଫ କରିଛି । ପୁଲିସ୍‌ର ଏପରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବିରୋଧ କରିଛନ୍ତି ।

ସେ କହିଛନ୍ତି, ବିଜେପି ସରକାରର ଏକ ବର୍ଷରେ ମହିଳାମାନେ ସବୁଠୁ ଅଧିକ ନିର୍ଯାତିତ ହୋଇଛନ୍ତି । ଗୋପାଳପୁର ବେଳାଭୂମିରେ ନିରୀହ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାବାଳିକା ଆଦିବାସୀ ଝିଅକୁ ବଳାତ୍କାର କରି ମାରି ଦିଆଯାଇଛି ଏବଂ ଓଡ଼ିଶାରେ ହତ୍ୟା, ଡକାୟତି, ଚୋରା ବନ୍ଧୁକ କାରବାର ବହୁମାତ୍ରାରେ ବଢ଼ିଚାଲିଛି । କହିବାକୁ ଗଲେ, ଓଡ଼ିଶାର ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ସବୁଠୁ ଦୁଃଖ ଏବଂ ପରିତାପର ବିଷୟ, ଓଡ଼ିଶାରେ ୧୧ଟି ଜିଲ୍ଲାରେ ହଇଜା ବ୍ୟାପି ହଜାର ହଜାର ରୋଗୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇସାରିଲେଣି । କିନ୍ତୁ ଏପରି ଘଡ଼ିସନ୍ଧି ମୂହୁର୍ତ୍ତରେ ରାଜ୍ୟ ରାଜସ୍ୱରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ନିଜର ପ୍ରଚାରପ୍ରସାର କରିବା ପାଇଁ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିଛନ୍ତି । ଏ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ କଳା ଦିବ ରୂପେ ପାଳନ କରିଛି ଓ ବିଜେପିର ଡବଲ ଇଞ୍ଜିନ ସରକାରର ଓଡ଼ିଶାବାସୀଙ୍କ ପ୍ରତି ମାନସିକତା କ'ଣ, ତାହା ମଧ୍ୟ ଲୋକଲୋଚନକୁ ଆଣିଛି ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ଯିବା ସମୟରେ ପୁଲିସ୍ ଶ୍ରୀ ପାତ୍ରଙ୍କ ସହ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲଙ୍କ ସମେତ ବହୁ ନେତାଙ୍କୁ ଅଟକ ରଖିଥିବା ଜଣାପଡ଼ିଛି ।

# ଭାଗ ଚାଷୀଙ୍କ ଭାଗ୍ୟ ଫିଟୁନି

**ଜମି ମାଲିକ ନେଉଛି ଇନ୍‌ପୁଟ ସହାୟତା • ଭାଗ ଚାଷୀ ପାଉଛି ଧାନ ମୂଲ୍ୟର ଅଧା**

**ଭୁବନେଶ୍ୱର, ୨୦।୬(ସମିସ):** ରାଜ୍ୟରେ ୭୦ ପ୍ରତିଶତ ଚାଷ ଜମିକୁ ଭାଗଚାଷୀମାନେ ଚାଷ କରୁଛନ୍ତି । ଯେତେବେଳେ ପାଗ ଭଲ ରହୁଛି ଓ ଚାଷ ଭଲ ହେଉଛି, ସେମାନେ କିଛି ପାରିଶ୍ରମିକ ପାଉଛନ୍ତି; କିନ୍ତୁ ପ୍ରାକୃତିକ ଦୁର୍ବିପାକ ହେଲେ ତାଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଷୁଡ଼ି ପଡୁଛି । ପ୍ରାକୃତିକ ବିପର୍ଯ୍ୟୟରେ ମିଳୁଥିବା ସହାୟତା ଜମି ମାଲିକ ନେଇ ଯାଉଥିବାବେଳେ ଭାଗଚାଷୀମାନେ ଟଙ୍କାଟିଏ ବି ପାଉନାହାନ୍ତି । ସେହିଭଳି ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କା ମିଳୁଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ଭାବେ ୮୦୦ ଟଙ୍କା ସହାୟତା ପ୍ରଦାନ କରୁଛନ୍ତି । ହେଲେ ଭାଗଚାଷୀ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କାରୁ ନିଜ ଭାଗ ଅଧେ ବା ୧୧୮୪ ଟଙ୍କାରେ ସନ୍ତୁଷ୍ଟ ରହୁଛି । ପୁନଶ୍ଚ ଏହି ଚାଷୀମାନଙ୍କୁ କୌଣସି ବ୍ୟାଙ୍କ୍ ଋଣ ଦେଉନି । ଏମାନେ ଧାର୍, କରଜ କରି ଚାଷ କରି ବଡ଼ ହୀନସ୍ତା ହେଉଥିଲେ ସୁଦ୍ଧା ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି । ତେଣୁ ଧୀରେ ଧୀରେ ଏହି ଚାଷୀମାନେ ଚାଷରୁ ମୁହଁ ଫେରାଉଛନ୍ତି ।

ଭାଗଚାଷୀଙ୍କୁ ସ୍ୱୀକୃତି ଦେବା ପାଇଁ ବହୁ ବର୍ଷ ହେଲା ନୂଆ ଆଇନ ଆଣିବାକୁ ଦାବି ହେଉଛି । ଏହା ଉପରେ ସରକାର ବିଚାର କରି



ଭାଗ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ କରିବା ପାଇଁ କୁହାଯାଉଛି । ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟରେ ସଂଶୋଧନ କରାଯାଇ ଭାଗ ଚାଷୀଙ୍କୁ ସ୍ୱୀକୃତି ଦିଆଯାଉ ବୋଲି ଚାଷୀ ସଂଗଠନମାନେ ଦାବି କରୁଛନ୍ତି । ପୂର୍ବରୁ ବି ଏହା ଉପରେ ବହୁ ଆଲୋଚନା ହୋଇଛି । ହେଲେ ସେଭଳି କିଛି ନିଷ୍କର୍ଷ ବାହାରିପାରିନି । ତେଣୁ ସରକାର ଏବେ ଭାଗଚାଷୀଙ୍କ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବ୍ୟବସ୍ଥା ଆଣିବା ଜରୁରୀ ବୋଲି କୁହାଯାଉଛି । ସେହି ଆଇନରେ ଜମି ମାଲିକ ଓ ଭାଗ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯୋଜନା କରାଯିବାକୁ କୃଷକ ସଂଗଠନମାନେ କହୁଛନ୍ତି । ପାରମ୍ପରିକ ଭାବେ ଜମିରୁ ଯେଉଁ ଫସଲ ଉତ୍ପାଦନ ହେଉଛି ଗୋଟିଏ ଭାଗ ଜମି ମାଲିକ ନେଉଥିଲା ବେଳେ ଅନ୍ୟ ଏକ ଭାଗ ଚାଷୀଙ୍କୁ ଦିଆଯାଉଛି । କିଛି ସ୍ଥାନରେ ମୋଟ ଉତ୍ପାଦନକୁ ତିନି ଭାଗରେ ବିଭକ୍ତ କରାଯାଉଥିବାବେଳେ ଜମି ମାଲିକ ଗୋଟିଏ ଭାଗ ପାଉଥିବାବେଳେ ଭାଗ ଚାଷୀ ଦୁଇଟି ଭାଗ ପାଉଛନ୍ତି । ତେଣୁ ଏସବୁ ବିଚାରବିମର୍ଶ କରି ଆଇନ ପ୍ରଣୟନ କରାଯାଇ ଆଇନଗତ ସ୍ୱୀକୃତି ଦେବା ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତି କରାଯାଉ ବୋଲି ଦାବି ହୋଇଛି ।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ପୂର୍ବରୁ 'ଓଡ଼ିଶା ଏଗ୍ରିକଲ୍‌ଚରାଲ୍ ଲ୍ୟାଣ୍ଡ ଲିଜିଂ ଆକ୍ଟ' ପ୍ରସ୍ତୁତ ହୋଇଥିଲା । ୨୦୨୦ ମାର୍ଚ୍ଚ ମାସରେ ଏହି ଚିଠା ଆଇନ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇ ସର୍ବସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା । ଭାଗଚାଷୀମାନେ ହଇରାଣ ହେଉଛନ୍ତି ବୋଲି ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି । ରାଜ୍ୟର ଅର୍ଦ୍ଧାଧିକ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ନୂଆ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି । ତେଣୁ ସରକାର ଏବେ ଏହା ଉପରେ ତର୍ଜମା କରି ତୁରନ୍ତ କାର୍ଯ୍ୟନ୍ୱୟନ କରନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି । ଏ ସମ୍ପର୍କରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପ୍ରସଙ୍ଗରେ ଆଲୋଚନା ଓ ବିଚାରବିମର୍ଶ ଚାଲିଛି । ଖୁବ୍‌ଶୀଘ୍ର ମନ୍ତ୍ରୀସ୍ତରୀୟ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

ସକାଳ
THE SAKALA



www.sakalaepaper.com

### ନଦୀବନ୍ଧ ପଥର ପ୍ୟାଚିଂରେ ପ୍ରତିବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି

# ମରାମତି ଅଭାବରୁ ଜିଲ୍ଲାର ଅଧିକାଂଶ ନଦୀବନ୍ଧ ହୁଗୁଳା

ବାଲେଶ୍ୱର, ୨୦।୬(ସମିସ):

ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ନଦୀ, ଉପନଦୀ ଓ ଶାଖା ନଦୀ ଗୁଡିକର ନଦୀବନ୍ଧ ପଥର ପ୍ୟାଚିଂ କରିବାରେ ବର୍ଷକୁ ସରକାରଙ୍କ ରାଜକୋଷରୁ ଖର୍ଚ୍ଚ ହେଉଛି କୋଟିକୋଟି ଟଙ୍କା। ତଥାପି ଜିଲ୍ଲାରେ ପ୍ରବାହିତ ଅଧିକାଂଶ ନଦୀ, ଉପନଦୀ ଓ ଶାଖା ନଦୀ ଗୁଡିକର ନଦୀବନ୍ଧ ଭିନ୍ନଭିନ୍ନ ସ୍ଥାନ ହୁଗୁଳା ହୋଇଯିବା ସହିତ ଭାଙ୍ଗିଯାଇ ମେଲା ହୋଇଯାଇଛି। ବର୍ତ୍ତମାନ ମୌସୁମୀ ବର୍ଷା ଜିଲ୍ଲାରେ ବର୍ଷିବା ଆରମ୍ଭ ହେଇଯାଇଛି। ଧିରେଧିରେ ବଢ଼ିବାରେ ଲାଗିଛି ନଦୀ ଗୁଡ଼ିକର ଜଳସ୍ତର। ହେଲେ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ହୁଗୁଳା ହୋଇଯାଇ ଥିବା ଏବଂ ଭାଙ୍ଗି ଯାଇଥବା ନଦୀ ବନ୍ଧ ଗୁଡ଼ିକର ମରାମତି କରାଯାଇ ନାହିଁ। ସାମାନ୍ୟ ବନ୍ୟାରେ ନଦୀ କୂଳିଆ ଅଞ୍ଚଳ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ଘଟିବାର ଆଶଙ୍କା ରହିଛି।



ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା ଭଳି ଖରସ୍ରୋତା ନଦୀ ପ୍ରବାହିତ ହେଉଥିଲାବେଳେ ସୋନ, ଗଙ୍ଗାହାର, ପଞ୍ଚପଡ଼ା, ଡୁବୁଡୁବି, କଣ୍ଟିଆଚିରା, ପଳାପଳା, ପେଜଗଳା, ପ୍ରସନ୍ନ ପ୍ରଭୃତି ଶାଖା ନଈ ଗୁଡିକ ମଧ ପ୍ରବାହିତ ହେଉଛି। ଏହିସବୁ ନଦୀ ଓ ଶାଖା ନଦୀ ଗୁଡିକର ନଦୀବନ୍ଧ ଭିନ୍ନଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିଲେବି, ଦୀର୍ଘବର୍ଷ ହେଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଭାଙ୍ଗି ଯାଇଥିବା ସ୍ଥାନରେ ପଥର ପ୍ୟାଚିଂ ଦ୍ୱାରା ମରାମତି କରାଯାଇ ନଥିବା ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ କରିଛନ୍ତି, ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ଲୋକମାନେ। ଏହି ପଞ୍ଚାୟତ ଦେଇ ଯାଇଥିବା ପେଜଗଳା ନଈର ବଳଭଦି ଘାଟଠାରୁ ବରଡ଼ିଆ ଗ୍ରାମ ପର୍ଯ୍ୟନ୍ତ ନଦୀବନ୍ଧର ଅବସ୍ଥା ସାଙ୍ଘାତିକ ହୋଇଯାଇଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଭାଙ୍ଗି ଯାଇଥିବାବେଳେ ଅନେକ ସ୍ଥାନରେ ନଦୀବନ୍ଧ ହୁଗୁଳା ହେଇଯାଇଛି। ଏବାବଦରେ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେଇଥିଲେବି ଜିଲ୍ଲା ଜଳ ସମ୍ପଦ ବିଭାଗ ନିରବ ମୁଦ୍ରାରେ ରହିଛି। ବସ୍ତା ଓ ସଦର ବ୍ଲକକୁ ବର୍ଷାଋତୁରେ ଅଧିକ ପ୍ରଭାବିତ କରୁଥିବା ଜଳକା ନଦୀର ଶାଖା ନଈ ହେଉଛି ପେଜଗଳା। ଏହି ଶାଖା ନଈର ଗୋଟିଏ ପଟ ବାଲେଶ୍ୱର ସଦର ବ୍ଲକର ସୁଲପଟା ଚୁଳେଇଚକ ଠାରେ ପଞ୍ଚୁପଡ଼ା ନଈ ସହିତ ଯୋଡିଛି। ଏହାର ଅପର ପଟ ବସ୍ତା ବ୍ଲକର ମଥାନି ଠାରେ ଜଳକା ନଦୀ ସହିତ ସଂଯୋଗ କରିଛି। ଜଳକା ନଦୀର ବନ୍ୟା ଜଳ ନିଷ୍କାସିତ କରିବାରେ ପେଜଗଳା ଶାଖା ନଈ ସମ୍ପୂର୍ଣ୍ଣ ସହାୟକ ହେଇଥାଏ। ବର୍ତ୍ତମାନ ପେଜଗଳା ଓ ପଞ୍ଚୁପଡ଼ା ଶାଖା ନଈର ବିଭିନ ସ୍ଥାନରେ ନଦୀଗର୍ଭ ପୋତି ଯାଇଥିଲା ବେଳେ ଭିନ୍ନଭିନ୍ନ ସ୍ଥାନରେ ନଦୀବନ୍ଧ ଭାଙ୍ଗି ଯାଇଛି। ଏହି ଶାଖା ନଈର ବନ୍ଧ ଭିନ୍ନଭିନ୍ନ ସ୍ଥାନରେ ଭାଙ୍ଗିଯାଇ ଥିଲେବି, ଜଳସମ୍ପଦ ବିଭାଗ ପକ୍ଷରୁ ମରାମତି କରାଯାଇ ନାହିଁ। ଫଳରେ ଜଳକା ନଦୀର ବନ୍ୟାଜଳ ପେଜଗଳା ଶାଖା ନଈରେ ନିଷ୍କାସିତ ହେଇନପାରି ନଦୀକୂଳିଆ ଅଞ୍ଚଳରେ ନାହିଁନଥିବା କ୍ଷୟକ୍ଷତି ଘଟାଇବ ବୋଲି ସମ୍ପୃକ୍ତ ନଈ କୁଳିଆ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ଶ୍ରୀରାମପୁର ପଞ୍ଚାୟତ ବଳଭଦି ଗ୍ରାମର ସଚେତନ ନାଗରିକ ଭାଗବତ ଦାସ ପେଜଗଳା ଓ ପଞ୍ଚୁପଡ଼ା ନଈ ବନ୍ଧ ଭାଙ୍ଗିଯିବା ବାବଦରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପେଜଗଳା ନଈର ବନ୍ଧ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଛି। ପ୍ରତିବର୍ଷ ଜଳକା ନଦୀରେ ସାମାନ୍ୟ ବନ୍ୟା ପରିସ୍ଥିତି ସୃଷ୍ଟିହେଲେ ପେଜଗଳା ଓ ପଞ୍ଚୁପଡ଼ା ନଈ କୁଳିଆ ଅଞ୍ଚଳ ପ୍ରଭାବିତ ହେଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଶାଖା ନଈର ବନ୍ଧକୁ ପଥର ପ୍ୟାଚିଂ ଦେଇ ମରାମତି କରୁନଥିବା ଯୋଗୁଁ ଦରଡ଼ା, କୁଣ୍ଡେଇ, ଚକୁରାଇ ଓ ବଳଭଦି ପ୍ରଭୃତି ଅଞ୍ଚଳ ପ୍ରତିବର୍ଷ ବନ୍ୟାରେ ପ୍ରଭାବିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି। ଏହିଭଳି ବାଲେଶ୍ୱର ସଦର ବ୍ଲକ ପ୍ରବାହିତ ବଳଙ୍ଗ ନଦୀର ଶାଖା ନଦୀ କୁହାଯାଉଥିବା ପଞ୍ଚୁପଡ଼ା ନଦୀର ବନ୍ଧ ମଧ୍ୟ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଅଭିଯୋଗ ହେଉଛି। ସାର୍ଥା ଅଞ୍ଚଳର ସମାଜସେବୀ ସୁବଳ ସାମନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପଂଚୁପଡ଼ା ନଈର ବନ୍ଧ ଭିନ୍ନଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିଲେବି, ମରାମତି କରାଯାଇନି। ବର୍ଷା ଋତୁ ଆସିଲେ ଏହି ଶାଖା ନଈରେ ବନ୍ୟା ପରିସ୍ଥିତି ବାରମ୍ବାର ଦେଖାଦେଇ ଥାଏ। ଚଳିତ ବର୍ଷ ବର୍ଷାଋତୁ ପୂର୍ବରୁ ଏହି ନଦୀର ଭାଙ୍ଗି ଯାଇଥିବା ବନ୍ଧକୁ ମରାମତି କରା ଯାଇନି। ଯେଉଁଥି ପାଇଁ ସାର୍ଥା ଓ କଷାଫଳ ଅଞ୍ଚଳରେ ଏହି ନଦୀର ବନ୍ୟାଜଳ ଅଧିକ ପ୍ରଭାବିତ କରିବା ବୋଲି ସମାଜସେବୀ ସୁବଳ ସାମନ୍ତ କହିଛନ୍ତି। ଏହିଭଳି ଜିଲ୍ଲାରେ ପ୍ରବାହିତ ଅଧିକାଂଶ ନଦୀ ଓ ଶାଖା ନଦୀର ନଦୀବନ୍ଧ ଭାଙ୍ଗି ଯିବା ସହିତ ହୁଗୁଳା ହୋଇଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଭାଙ୍ଗି ଯାଇଥିବା ନଦୀବନ୍ଧକୁ ମରାମତି କାରାଯାଇନି। ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟର ଉପର ମୁଣ୍ଡାରେ ପ୍ରବଳ ବର୍ଷା ହେଉଛି। ଏହି ରାଜ୍ୟର ଥିବା ଚାନ୍ଦିଲି ଡ୍ୟାମରୁ ଜରୁରୀ କାଳୀନ ଭିତ୍ତିରେ ଜଳ ନିଷ୍କାସିତ କରାଯାଉଛି। ଫଳର ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ନଦୀ କୂଳିଆ ଅଞ୍ଚଳ ଗୁଡିକ ନିଶ୍ଚିତ ପ୍ରଭାବିତ ହେବ। ନଦୀବନ୍ଧ ଗୁଡ଼ିକର ଯେଉଁ ସବୁ ସ୍ଥାନ ହୁଗୁଳା ହେଇ ଯିବା ସହିତ ଭାଙ୍ଗି ଯାଇଛି, ସେହି ସବୁ ସ୍ଥାନରେ ସାମାନ୍ୟ ବନ୍ୟାରେ ବନ୍ୟାଜଳ ନଦୀ କୂଳିଆ ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇବାର ସମ୍ଭାବନା ରହିଛି। ତେଣୁ ଜରୁରୀ କାଳୀନ ଭିତ୍ତିରେ ଭାଙ୍ଗି ଯାଇଥିବା ଏବଂ ହୁଗୁଳା ହେଇଥିବା ନଦୀ ବନ୍ଧର ଭିନ୍ନଭିନ୍ନ ସ୍ଥାନକୁ ମରାମତି କରାଇବାକୁ ନଦୀ କୂଳିଆ ଅଞ୍ଚଳ ଲୋକ ଦାବି କରିଛନ୍ତି। ଏ ବାବଦରେ ଜଳ ସମ୍ପଦ ବିଭାଗର ବାଲେଶ୍ୱର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ନବ କୁମାର ମହାଳିକ କହିଛନ୍ତି, ବର୍ତ୍ତମାନ ଚାନ୍ଦିଲି ଡ୍ୟାମରୁ ଜରୁରୀ କାଳୀନ ଭିତ୍ତିରେ ଜଳ ନିଷ୍କାସିତ ହେଉଥିବା ଯୋଗୁଁ ସୁବର୍ଣ୍ଣରେଖାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛି। ଏହି ବନ୍ୟା ପରିସ୍ଥିତିର ପରିବର୍ତ୍ତନ ହେବା ପରେ ଶାଖା ନଦୀ ଗୁଡ଼ିକର ନଦୀ ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ମହାଳିକ କହିଛନ୍ତି।

## ବନ୍ୟା ପାଣି ଘେରରେ ଫସି ରହିଥିବା ୧୫ ମାଙ୍କଡ଼ ଉଦ୍ଧାର

ଭୋଗରାଇ, ୨୦।୬ (ସମସ): ସୁବର୍ଣ୍ଣରେଖା ରେ ଚଳିତବର୍ଷର ପ୍ରଥମ ବନ୍ୟା ପାଣି ଦେଖିବାକୁ ମିଳିଛି। ହଠାତ୍ ବନ୍ୟାପାଣି ପାଇଁ ଭୋଗରାଇ ବ୍ଲକର ତଳିଆ ଅଞ୍ଚଳର ବସବାସ କରୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ୍ୟା ଆସୁଥିବା ନେଇ ପ୍ରଶାସନ ପକ୍ଷରୁ ଲୋକଙ୍କୁ କୈଣସି ଆଗୁଆ ସୂଚନା ଦିଆଯାଇ ନଥିବା ବେଳେ ନଦୀରେ ପାଣି କ୍ରମଶଃ ବଢ଼ିଯିବାରୁ ଦହମୁଣ୍ଡା ନିକଟରେ ସୁବର୍ଣ୍ଣରେଖା ନଦୀ ଚଢ଼ରେ ଥିବା ଦୁଇଟି ଗଛରେ ୧୫ରୁ ଅଧିକ ମାଙ୍କଡ଼ ଫସି ରହିଥିଲେ। ଚାରି ପାଖରେ ପାଣି ଘେରି ଯାଇଥିବାରୁ ସେମାନେ ଜଳବନ୍ଦୀ ଅବସ୍ଥାରେ ଗଛ ଉପରେ ରହିଯାଇଥିଲେ। ତେବେ ସ୍ଥାନୀୟ ଯୁବକ ମାନେ ସମସ୍ତ ମାଙ୍କଡ଼ ମାନଙ୍କୁ ଏକ ଡଙ୍ଗା ସାହାଯ୍ୟରେ ଆଣି ନଦୀ ବନ୍ଧ ଉପରେ ଛାଡ଼ିଥିବା ଜଣାପଡ଼ିଛି।

## ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ; ବାଲିଆପାଳ ବ୍ଲକରେ ବନ୍ୟା

ବାଲିଆପାଳ, ୨୦।୬ (ସମିସ): ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଆସିଛି। ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ସନ୍ଧ୍ୟା ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୦.୭୮ ମିଟରରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଞ୍ଚାୟତବାସୀ ଆଶଙ୍କା ଭିତରେ ରହିଛନ୍ତି। ଚଡପାଳ ପଡ଼ା, ତଳ ଧାନଦା, ଚଡବଡ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର,



ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବୋଲି, ଇକଡପାଳ, ଚଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବାରେ ଲାଗିଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକେ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ତେବେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ବନ୍ୟାରେ ଧୋଇ ଗଲା ସ୍ୱର୍

### ବିପଦ ଘେରରେ ବାଉଁଶଖଣା ଗାଁ

ବାଲେଶ୍ୱର(ଉତ୍ତର), ୨୦।୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇରୁ ବାଲିଆପାଳ ବ୍ଲକ ସଂଯୋଗ କରିବା ପାଇଁ ଅଡଙ୍ଗ ପନ୍ତେଇ ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ୫ ବର୍ଷ ଧରି ଏଲ ଏଣ୍ଡ ଟି କମ୍ପାନୀ ଦ୍ୱାରା ଏହି ପୋଲ ଚାଲୁଥିବା ବେଳେ କାର୍ଯ୍ୟ ଶେଷ ହେବାକୁ ଆହୁରି ଅନେକ ସମୟ ଲାଗିବ। ନଦୀରେ ପାଣିକୁ ଅଟକାଇ ପାଇଁ ବାଲି ବନ୍ଧ ପକାଇବା ସହ ଲୁହା ଚଦର ଦିଆଯାଇଥିବା ବେଳେ ସମ୍ପୃକ୍ତ ଠିକାଦାର



କମ୍ପାନୀ ଏହାକୁ ହଟାଇ ନଥିବା ବେଳେ ବର୍ତ୍ତମାନ ନଦୀରେ ଉପୁଜିଥିବା ବନ୍ୟା ପରିସ୍ଥିତି ପାଇଁ ତଟବର୍ତ୍ତୀ ବାଉଁଶଖଣା, ଅଡ଼ଙ୍ଗ ପନ୍ତେଇ ଗ୍ରାମ ପାଇଁ ବିପଦ ସୃଷ୍ଟି କରିଛି। ନିଷ୍କାସିତ ହେଉଥିବା ବନ୍ୟା ଜଳ ଏହି ଅସ୍ଥାୟୀ ବନ୍ଧ ପାଇଁ ତାର ଗତିପଥ ବଦଳାଇ ପ୍ରବଳ ସ୍ରୋତରେ ଜଳ ଗାଁ ଭିତରେ ପ୍ରବେଶ କରୁଛି। ତେଣୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ଯଦି ଏହି ବନ୍ଧକୁ ଭଙ୍ଗା ନଯିବ ତେବେ ବନ୍ୟାରେ ଗାଁ ଦୁଇଟି ନିଶ୍ଚିହ୍ନ ହେବାର ଆଶଙ୍କା ରହିଛି।

## ନୀଳଗିରିରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ଉ

ନୀଳଗିରି, ୨୦।୬ (ସମିସ): ଆଜି ଓଡ଼ିଶା ସରକାରଙ୍କ ପରିବାର କଲ୍ୟାଣ ବିଭାଗର ବାଲେଶ୍ୱର ଟିମ, ନୀଳଗିରି ଅବକାରୀ ବିଭାଗ ଓ ନୀଳଗିରି ପୁଲିସର ଏକ ମିଳିତ ଟିମ୍ ନୀଳଗିରି ବଜାରରେ ଥିବା ପାନ ଦୋକାନ, ଜଳଖିଆ ଦୋକାନ, ଗ୍ରୋସେରୀ ପ୍ରମୁଖ ଦୋକାନରେ ଯାଞ୍ଚ କରିଥିଲେ। ତମାଖୁ, ସିଗାରେଟ ବିକ୍ରି କରୁଥିବା ଦୋକାନୀଙ୍କ ଠାରୁ ଫାଇନ କାଟିବା ସହିତ ଏଭଳି ଜିନିଷ ବିକ୍ରି ଏବଂ ସେବନ ପାଇଁ ବାରଣ କରିଥିଲେ। ୧୮ ବର୍ଷ ରୁ କମ୍ ବୟସ୍କ ପିଲାଙ୍କୁ ଏଭଳି ଜିନିଷ ବିକ୍ରି ନ କରିବା, ତମାଖୁ ଷ୍ଟିକର ଦୋକାନରେ ନ ମାରିବାକୁ ଦୋକାନୀଙ୍କୁ ବାରଣ କରିଥିଲେ। ଉକ୍ତ ଚଢ଼ାଉରେ ଏପିଡେମୋଲିଷ୍ଟ ଅରୂପ ଅଭିଷେକ, ନନ କମ୍ୟୁନିକେବଲ ଡିଜିଜ୍ ର ସହକାରୀ ପ୍ରବନ୍ଧକ ମୌସୁମୀ ସାମଲ, ନୀଳଗିରି ପୁଲିସ ଓ ଅବକାରୀ ବିଭାଗ ସାମିଲ ଥିଲେ।

## ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ଘଟଣା, ହତ୍ୟା ସନ୍ଦେହ

ରାଜଘାଟ, ୨୦।୬ (ସମିସ); ବସ୍ତା ଥାନା ଅଧିନସ୍ଥ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ସୁନିଲ ଖଣ୍ଡାଙ୍କ ମା’ ଦୁର୍ଗାମଣୀ ଖଣ୍ଡା (୮୪) ଙ୍କ ମୃତ ଦେହ ଜଳକାନଦୀର ସଦର ବ୍ଲକ ଧନ୍ଦାଡି ନିକଟରୁ ବୁଧବାର ମାଛଧରା ଜାଲରୁ ଉଦ୍ଧାର ହୋଇ ପୁଲିସ କେସ ନଂ ୧୪/୨୫ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପ୍ରକାଶ ଥାଉକି ଗତ ୧୬ତାରିଖ ସୋମବାର କୌଣସି କଥାକୁ ନେଇ ପୁଅବୋହୂ ସହିତ ସନ୍ଧ୍ୟାରେ ଯୁକ୍ତିତର୍କ ହୋଇଥିଲା। ହେଲେସେହି ସୋମବାର ରାତ୍ରିରେ ବୃଦ୍ଧା ଗାଏବ ହେବା ପରେ ବୁଧବାର ମାଛ ଧରା ଜାଲରୁ ଶବ ଉଦ୍ଧାର ହେବା ସମୟରେ ଛାତିରେ ମାଡ ହେବାର ଚିହ୍ନ ବାହାରିବା ସହିତ ପାଟିର ରକ୍ତ ବାହାରିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ ମାନେ ପୁଲିସ ନିକଟରେ ପ୍ରକାଶ କରିଥିଲେ। ଅପରପକ୍ଷେ ପରିବାରଲୋକେ ବୁଧବାର ବସ୍ତା ଥାନାରେ ନିରୁଦିଷ୍ଟ ହୋଇଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଦାବିକରିଛନ୍ତି ଅଞ୍ଚଳବାସୀ।

## ଖଇରାକୁ ବ୍ୟାପିଲା ଡାଇରିଆ, ୬ ଆକ୍ରାନ୍ତ

ଖଇରା, ୨୦।୬ (ସମିସ): ବାଲେଶ୍ୱର ଜିଲା ସିମୁଳିଆ, ସୋରରେ ଡାଇରିଆ ଆତଙ୍କ ସୃଷ୍ଟି କରିବା ପରେ ଖଇରାକୁ ବ୍ୟାପିବା ଆରମ୍ଭ କରିଛି। ୫ଜଣ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏମାନେ ସମସ୍ତ କୁପାରୀ, ରଟିଣା ଓ ବଡ ନୂଆଗାଁ ଅଞ୍ଚଳର ବୋଲି ଜଣାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ଶିଶୁ ଅଛନ୍ତି। ସୁସ୍ଥ ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ଶୁକ୍ରବାର ଅପରାହ୍ନରେ ରଟିଣା ପଞ୍ଚାୟତ ବଗଦିଆ ଗ୍ରାମର ଲକ୍ଷ୍ମୀ ପାତ୍ର ଙ୍କୁ ଝାଡାବାନ୍ତି ପରେ ବର୍ତ୍ତନାର ଏକ ଘରୋଇ ଚିକିତ୍ସାକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଦାବି ହୋଇଛି।

### ଗାଜିପୁର ଗ୍ରାମରେ ପିଇବା ପାଣି ପାଇଁ ମହିଳାଙ୍କ ପ୍ରତିବାଦ ପ୍ରସଙ୍ଗ

## କ୍ଷେତ୍ର ପରିଦର୍ଶନ କଲେ ବିଭାଗୀୟ କନିଷ୍ଠଯନ୍ତ୍ରୀ

ଚନ୍ଦନେଶ୍ୱର, ୨୦।୬ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଗାଜିପୁର ୫ ନମ୍ବର ୱାର୍ଡ଼ରେ ପିଇବା ପାଣିର ଘୋର ସଙ୍କଟ ଦେଖାଦେଇଥିବା ବେଳେ ଏ ପ୍ରସଙ୍ଗରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ



ଆଜି ଶୁକ୍ରବାର ସକାଳେ ଭୋଗରାଇ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ହରିପ୍ରିୟା ମହନ୍ତ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ ପାଣି ପାଇପ କାର୍ଯ୍ୟ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଦୀର୍ଘଦିନ ଧରି ପାଣି ଟ୍ୟାପରୁ ପାଣି ଆସୁନଥିବାରୁ ୱାର୍ଡ଼ର ମହିଳା ମାନେ ଟୋପାଏ ପିଇବା ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ପାଣି ଟ୍ୟାପ ପାଖରେ ଅଟକିରହୁଥିବା ଓ ନିକଟସ୍ଥ ପୋଖରୀରୁ ପାଣି ଆଣି ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା।

## ନାବାଳିକା ପତ୍ନୀକୁ ନିର୍ଯାତନା, ସ୍ୱାମୀ ସମେତ ୫ ଗିରଫ

ନୀଳଗିରି, ୨୦।୬ (ସମିସ): ଜନୈକ ଯୁବକ ଜଣେ ନାବାଳିକାକୁ ଜୋରଜବରଦସ୍ତି ବାହାହେବା ପରେ ଯୌତୁକ ନିର୍ଯାତନା ସହିତ ମାରିଦେବା ନେଇ ଧମକ ଦେଇଥିବା ନେଇ ଯୁବତୀଙ୍କ ମାଆ ଥାନାର ଦ୍ୱାରସ୍ଥ ହେବାପରେ ନୀଳଗିରି ପୁଲିସ ୫ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ୨୦୨୪ ମସିହା ଡିସେମ୍ବର ୫ ତାରିଖରେ ବସ୍ତା ଥାନା ଅଞ୍ଚଳର ୧୬ ବର୍ଷର ଏକ ନାବାଳିକାକୁ ନୀଳଗିରି ଥାନା ନରସିଂହପୁର ଗ୍ରାମର ରମେଶ ମୁଖୀଙ୍କ ପୁଅ ପ୍ରଶାନ୍ତ ମୁଖି (୨୧) ଜୋର ଜବରଦସ୍ତି ଉଠାଇ ଆଣି ବାହା ହୋଇଥିଲେ।

ଦୀର୍ଘ ପାଞ୍ଚମାସ ଧରି ଲୁଚାଇ ରଖିବା, ଗର୍ଭବତୀ କରିବା ସହ, ପରବର୍ତ୍ତୀ ସମୟରେ ଯୌତୁକ ଦାବିକରି ମାନସିକ ଯନ୍ତ୍ରଣା ଦେବା ସହିତ ପିଟାମାରା କରୁଥିବା ନେଇ ନାବାଳିକାଙ୍କ ମାଆ ଶୁକ୍ରବାର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପ୍ରଶାନ୍ତଙ୍କ ସହିତ ବଡ଼ଭାଇ ପ୍ରଭାତ, ମାଆ ଦମୟନ୍ତୀ, ଭିଣୋଇ ଗଦାଧର, ଭଉଣୀ ସସ୍ମିତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅବକାରୀ ଚଢ଼ଉ, ୫ ଗିରଫ

ସୋର, ୨୦।୬ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇ ଗୁଡପୋଚ ନଷ୍ଟ କରି ସ୍କୁଟି ସହ ଦେଶୀମଦ ଏବଂ ଜିଞ୍ଜର ଜବତ କରିଥିବା ବେଳେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା, ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସ ଏକ ଟିମ ସହ ମୂଳିସିଂ ଗ୍ରାମରେ ଚଢ଼ାଉ କରି ସୁବାସ ଆହାଡ଼ି ନିକଟରୁ ୯୦ ଲିଟର ଦେଶୀମଦ, ଦୁର୍ଗାପୁର ଗ୍ରାମର ପଦ୍ମଲୋଚନ ମହାପାତ୍ର ନିକଟରୁ ୩୪.୨ ଲିଟର ଜିଞ୍ଜର, କାଳନ୍ଦୀ ପାଟଣା ଗ୍ରାମର ସନାତନ ସିଂ ନିକଟରୁ ୧୨ ଲିଟର ଆସ୍କା ଫର୍ଟି ମଦ, ଗୁଡ଼ିଖୋଳା ଗ୍ରାମର ଲକ୍ଷ୍ମୀମଣି ସିଂ ନିକଟରୁ ୪୦ ଲିଟର ଦେଶୀମଦ ଏବଂ ବର୍ତ୍ତନା ଛକରୁ ସ୍କୁଟି ସହ ୧୫୦ ଲିଟର ଦେଶୀମଦ ଜବତ କରି ଅଭିଯୁକ୍ତ ଅଡଙ୍ଗ ବଜାର ଗ୍ରାମର ଡମ୍ବରୁ ଧଡ଼ାକୁ ଗିରଫ କରିଥିଲେ। ସେହିପରି ଏହି ଟିମ ଶିଙ୍ଗାଖୁଣ୍ଟା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରି ୨୫୫୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୪୫୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ୩ମାସ ବିତିଲା

# ଶ୍ୟାମସୁନ୍ଦରପୁର ମହାରଣାସାହିରୁ ଜବରଦଖଲ ହଟିଲାନି

ଖଇରା, ୨୦।୬ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମ ମହାରଣା ସାହିରେ ଜଣେ ବ୍ୟକ୍ତି ସରକାରୀ ଜାଗାକୁ ମାଡିବସି ବେଆଇନ ନିର୍ମାଣ କରିଥିବା କାରଣରୁ ଗ୍ରାମବାସୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ କି ଅଗ୍ନିଶମ ବିଭାଗ ଗାଡି ଗାଁ ଭିତରକୁ ପଶି ପାରୁନି। ହାଇକୋର୍ଟ ଙ୍କ ନିର୍ଦ୍ଦେଶ ପରେ ମଧ ପ୍ରଶାସନ ଉଚ୍ଛେଦ ପାଇଁ କୁଣ୍ଠାବୋଧ କରୁଛି। ଭୋଟବ୍ୟାଙ୍କ ହାତଛଡା ହେବା ଆଶାରେ ନେତା ଚାପ ପ୍ରୟୋଗ କରି ଉଚ୍ଛେଦକୁ ଅଟକାଇ ରଖିଛନ୍ତି। ଯଦି ରାଜସ୍ୱ ବିଭାଗ ଏହା ଉପରେ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ଏହି ୨୦ ପରିବାର ପୁନଶ୍ଚ ଅଦାଲତକୁ ଯିବା ସହ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ସାହି ସମ୍ମୁଖରେ ଥିବା ସରକାରୀ ଯାଗା (ଖାତା ନମ୍ବର୧୮୩ ପ୍ଲଟ ନମ୍ବର୭୧୯)କୁ ଗୋଟିଏ ପରିବାର ଜବରଦଖଲ



କରି ବିଭିନ୍ନ ପ୍ରକାର ବେଆଇନ ନିର୍ମାଣ କରିଥିଲେ। ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ଗଣ୍ଡିବେଡ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ଦ୍ୱାରା ମାପ କରାଯାଇ ଜବର ଦଖଲ ଉଚ୍ଛେଦ ପାଇଁ କ ଓ। ଫର୍ମରେ ଜବଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରିବା ପରେ ଗ୍ରାମବାସୀ ମାନେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟଳୟ ୨୦୨୫ ମସିହା ଜାନୁଆରୀ ୧୫ ତାରିଖ ରେ ଉକ୍ତ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁ(ପି) ୯୪୭ଅଫ୨୦୨୫)ର ବିଚାର କରି ୩ମାସ ମଧ୍ୟରେ ଫଏସଲା କରିବାକୁ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତକାଳିନ ତହସିଲଦାର (ଗ) ଫର୍ମରେ କେବଳ ନୋଟିସ କରିଥିଲେ ହେଁ ଜବରଦଖଲ ହଟାଇବାକୁ ପଛଘୁଞ୍ଚା ଦେଇଥିଲେ। ଏଥିରୁ ବଞ୍ଚିତ ହେବା ପରେ ପୁନଶ୍ଚ ନ୍ୟାୟ ଆଶାରେ ଗ୍ରାମବାସୀ ୨୦୨୫ ମସିହା ମେ ୧୩ତାରିଖରେ ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଥିଲେ। ହେଲେ ଏପର୍ଯ୍ୟନ୍ତ ପ୍ରଶାସନ ଚୁପ ହୋଇରହିବା ନେଇ ବର୍ତ୍ତମାନର ସରକାରୀ ବ୍ୟବସ୍ଥା ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଜବରଦଖଲ ଉଚ୍ଛେଦ ହେଉନଥିବାରୁ ବହୁ ସମୟରେ ଗ୍ରାମବାସୀ ଆମ୍ବୁଲାନ୍ସ ସେବା ପାଇବାକୁ ଅକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ତହସିଲଦାର ଅମିତ ରଞ୍ଜନ ହୋତାଙ୍କୁ ଯୋଗାଯୋଗ କରିବାରେ ଏହା ପୂର୍ବରୁ ଉଚ୍ଛେଦ ପାଇଁ ଯେଉଁ ତାରିଖ ସ୍ଥିର ହୋଇଥିଲା ମହିଳା ପୁଲିସ ପହଞ୍ଚି ନ ପାରିବାରୁ ସ୍ଥଗିତ ରହିଥିଲା। ଖୁବ୍‌ଶୀଘ୍ର ତାରିଖ ସ୍ଥିର କରାଯାଇ ଏହାକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ



ବାଲେଶ୍ୱର, ୨୦।୬ (ସମିସ): କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତିର ରାଜ୍ୟସ୍ତରୀୟ ସମାବେଶ ଅବସରରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନରୁ ସିଧା ପ୍ରସାରଣ ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ କକ୍ଷରେ ଆୟୋଜିତ ବରପୁତ୍ର ଐତିହ୍ୟ ଗ୍ରାମ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରି ଥିବାବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ବିକାଶ ମେଳା ଏବଂ ବିକାଶ ବାହନ ଏହି କାର୍ଯ୍ୟକ୍ରମର ଏକ ଅଂଶ ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନ ଯୋଜନା, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଭଳି ସମାବେଶୀ ଶାସନ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଫକୀର ମୋହନ ସେନାପତି ସାହିତ୍ୟ ସଂସଦ ସଭାପତି ସୁବାସ ଚନ୍ଦ୍ର ପାତ୍ର ଫକୀର ମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଗଳ୍ପ ସାହିତ୍ୟର ଜନକ ଏବଂ ଏକ ସମାଜ ସଂସ୍କାରକ ବୋଲି ବର୍ଣ୍ଣନା କରିଥିଲେ। ମଲ୍ଲିକାଶପୁରକୁ ଏକ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା କରିବା ହେତୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ ଓଡ଼ିଆ ଭାଷାର ସୁରକ୍ଷାରେ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଛନ୍ତି। ପରିଶେଷରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ କାଳ ଜୟୀ ଓଡିଆ ଭାଷା ସାହିତ୍ୟର ଜନକ ଫକୀର ମୋହନ ସେନାପତି ବ୍ରିଟିଶଙ୍କ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ସ୍ୱର୍ ଉତ୍ତୋଳନ କରି ଲେଖା ମାଧ୍ୟମରେ ଜାଗ୍ରତ କରୁଥିଲେ ବୋଲି କହିଛନ୍ତି।

## ନିରଞ୍ଜନ ରଥଙ୍କ ବିୟୋଗରେ ଓୟୁଜେର ଶୋକ

ବାଲେଶ୍ୱର, ୨୦।୬ (ସମିସ): ବରିଷ୍ଠ ସାମ୍ବାଦିକ ଦୈନିକ ସମାଜର ପୂର୍ବତନ ସମ୍ପାଦକ, ପ୍ରକାଶକ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ଶ୍ରୀ ରଥଙ୍କ ବିୟୋଗରେ ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଶୋକ ପ୍ରକାଶ କରଯାଇଛି। ଶ୍ରୀ ରଥଙ୍କ ବିୟୋଗ ସାମ୍ବାଦିକତା ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହିତ ତାଙ୍କର ପ୍ରେରଣା, ଅଭିଜ୍ଞତା, ପ୍ରତିଜ୍ଞାବଦ୍ଧତା ଓ ଜନସମ୍ପର୍କକୁ ଲୋକେ ସବୁଦିନ ମନେ ରଖିବେ ବୋଲି ୟୁନିୟନର ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, ରାମନାରାୟଣ ଶତପଥୀ, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ସୁଧାନିଧି ମହାପାତ୍ର, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଆଣ, ହାଇଦର ଖାନ, ରବିରଞ୍ଜନ ତ୍ରିପାଠୀ ପ୍ରମୁଖ କହିଛନ୍ତି।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ବାଲେଶ୍ୱର, ୨୦।୬ (ସମିସ): ଚଳିତ ମାସ ୧୧ ଠାରୁ ୧୯ ଜୁନ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ବିକାଶ ମେଳା ସ୍ଥାନୀୟ ପୁଲିସ ଲାଇନ ରିଜର୍ଭ ପଡ଼ିଆ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ମେଳାରେ ମୋଟ ୫୦ଟି ଷ୍ଟଲ ସଜାଯାଇଥିଲା। ଯେଉଁଥିରେ ଜିଲ୍ଲାରୁ ବିଭିନ୍ନ ବ୍ଲକର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ସରକାରୀ ବିଭାଗରୁ ଷ୍ଟଲ ମାନଙ୍କରେ ଜନ ସଚେତନତାଧର୍ମୀ ବାର୍ତ୍ତା ଓ ଯୋଜନା ପ୍ରଚାର ଓପ୍ରସାର ଉଦ୍ଦେଶ୍ୟରେ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୨୫ଟି ଓରମାସ ଓ ୨୫ଟି ମିଶନ ଶକ୍ତି ଦ୍ୱାରା ଆୟୋଜିତ ହୋଇଥିଲା। ବିଭିନ୍ନ ବ୍ଲକରେ ବ୍ଲକ ସ୍ତରୀୟ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ନିଜ ରୋଷେଇ କୌଶଳ ପ୍ରଦର୍ଶନ କରିବାର ଅବସର ମିଳିଥିଲା ଓ କୃତୀ ପ୍ରୋତିଯୋଗୀଙ୍କୁ ଅର୍ଥ ରାଶିରେ ପୁରସ୍କୃତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିଲେ। ଉଦଯାପନୀ ଦିବସର ଶେଷ ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକାର ମିଳିତ ଚଢ଼ଉ

# ଡିଲକ୍ସ ବିରିୟାନି ସେଣ୍ଟର ସିଲ୍, ୩୦ ହଜାର ଜରିମାନା

ବାଲେଶ୍ୱର, ୨୦।୬ (ସମିସ)







ପକୋଡା ପାଇଁ ମେରିନେଟ୍ ହୋଇଥିବା ଚିକେନ୍‌ରେ ଫେଣ ବାହାରୁଛି। ସେଥିରେ କ୍ଷତିକାରକ ରଙ୍ଗ ମିଶିଛି। ଯେଉଁଥିରେ ଚିକେନ ପକୋଡା ପୁରା ରଙ୍ଗୀନ ହୋଇଯାଉଛି। ଖାଲି ସେତିକି ନୁହେଁ ଏଥିରେ ମିଶୁଛି ନିଷେଧ ଥିବା ଚାଇନା ସଲ୍‌ଟ। ଯାହା ଲୋକଙ୍କ ଜୀବନ ପାଇଁ ବିପଦ। ଆଜି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ

- **ବିପୁଳ ପରିମାଣରେ ଚାଇନା ସଲଟ୍ ଜବତ**
- **ଟ୍ରାକ୍ଟରରେ ଗଲା ବିରିୟାନି ଓ ପକୋଡା ପାଇଁ ଥିବା ଚିକେନ୍**

ଓ ପୌରପାଳିକାର ଅଚାନକ ମିଳିତ ଚଢ଼ଉରେ ଚିଡିଆପୋଲ ନିକଟରେ ଥିବା ଡିଲକ୍ସ ବିରିୟାନି ସେଣ୍ଟରରୁ ଏହା ବାହାରିଛି। ଯାହା ବିଭାଗକୁ ମଧ ଆଶ୍ଚର୍ଯ୍ୟ କରିଛି। ସହରରେ ଅନ୍ୟ କେଉଁ ହୋଟେଲ ବା ଫାଷ୍ଟଫୁଡ ଦୋକାନରେ ଆଜିଯାଏଁ ଚାଇନା ସଲଟ୍ ମିଳିନଥିବା ବେଳେ ଏହି ସେଣ୍ଟର ଏହାକୁ କେଉଁଠୁ ଆଣି ଲୋକଙ୍କୁ ବିଷ ଖାଦ୍ୟ ପରଷୁଛନ୍ତି। ବ୍ୟବସାୟ ନାମରେ ଲୋକଙ୍କୁ ଏକପ୍ରକାର ବିଷ ଖାଇବାକୁ ଦେଉଛନ୍ତି ଦୋକାନୀ। ଏଥିସହିତ ସବୁଠୁ ଖରାପ ଓ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଲୋକଙ୍କ ଖାଇବା ତିଆରି କରି ଦେଉଛନ୍ତି। ଏମିତିକି ବିନା ଲାଇସେନ୍ସରେ ମଧ ଦୋକାନ ଚଲାଉଛନ୍ତି। ଏଥିପାଇଁ ଆଜି ସେଣ୍ଟର ମାଲିକ ୩୦ ହଜାର ଜରିମାନା ଗଣିଥିବା ଦେଇଥିବା ବେଳେ ଦୋକାନ ମଧ ସିଲ୍ କରାଯାଇଛି। ଏଥିସହିତ ପୌରପାଳିକା ପକ୍ଷରୁ ଟ୍ରାକ୍ଟର ମାଧ୍ୟମରେ ତିଆରି ହୋଇଥିବା ହଣ୍ଡା ହଣ୍ଡା ବିରିୟାନି ଓ ପୋକଡା ପାଇଁ ପ୍ରସ୍ତୁତ ହୋଇଥିବା ମେରିନେଟ୍ ଚିକେନକୁ ନଷ୍ଟ କରାଗଲା।

ସୂଚନାଯୋଗ୍ୟ, ସହରର ଡିଲକ୍ସ ବିରିୟାନି ଓ ପକୋଡାର ଏକ ଅଲଗା ସୁଆଦ ଥିବା ଭାବି ଅନେକ ଲୋକ ସେଠାକୁ ଖାଇବାକୁ ଧାଇଁ ଯାଆନ୍ତି। ଏମିତିକି କିଛି ଲୋକ ଏଠାରେ ଖାଇବା ପାଇଁ ପାଗଳ। ସନ୍ଧ୍ୟା ହେବା ମାତ୍ରେ ଶହ ଶହ ଲୋକ ଖାଇବା ସହ ପାର୍ସଲ ନେଇଯାଆନ୍ତି। ହେଲେ ଏହି ଡିଲକ୍ସ ବିରିୟାନି ସେଣ୍ଟରେ ଅସ୍ୱାସ୍ଥ୍ୟକର ପରିବେଶଠୁ ଆରମ୍ଭ କରି ପାଣି, ଖାଦ୍ୟ ଆଦି ସବୁ ଅପରିଷ୍କାର। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଆଜି ଅଚାନକ ସେଣ୍ଟର ଉପରେ ଚଢ଼ାଉ ହୋଇଥିଲା। ଚଢାଉ ସମୟରେ ଅନେକ ବେଆଇନ ଏବଂ ନିଷେଧ ଥିବା ସାମଗ୍ରୀ ବାହାରିଥିଲା। ଏଥିସହ ଏହି ସେଣ୍ଟର ବିନା ଲାଇସେନ୍ସରେ ମଧ ଚାଲୁଛି। ଏନେଇ ବିଭାଗ ପକ୍ଷରୁ ଜରିମାନା ଆଦାୟ ସହ ଦୋକାନ ସିଲ୍ କରାଯାଇଛି। ଆମେ ଆଜି ରେଗୁରାଲ୍ ଯାଞ୍ଚ କରୁଥିଲୁ। ପ୍ରଥମେ ଫକୀରମୋହନ ଗୋଲେଇ ସ୍ଥିତ ଖାନା ଖଜାନାରେ ଚଢାଉ ଓ ଯାଞ୍ଚ କରିବା ପରେ ଡିଲକ୍ସ ବିରିୟାନି ସେଣ୍ଟରକୁ ଆସିଥିଲୁ। ଏଠାକୁ ଆସିବା ପରେ ଚାଇନା ସଲଟ୍, ନିଷେଧ ଥିବା ରଙ୍ଗ ଏବଂ ବହୁତ ସମୟ ପର୍ଯ୍ୟନ୍ତ ମାରିନେଟେଡ୍ ହୋଇଥିବା ଚିକେନ ପାଇଲୁ। ଫୁଡ୍ ଓ ଟ୍ରେଡ୍ ଲାଇସେନ୍ସ କିଛି ନାହିଁ। ଆମେ ଜରିମାନା ଆଦାୟ କରିଛୁ ଏବଂ ଦୋକାନ ସିଲ୍ ହୋଇଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି। ସେହିପରି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆ କହିଛନ୍ତି, ଆମେ ବାଲେଶ୍ୱରରେ ଏତେ ହୋଟେଲ, ରେଷ୍ଟୁରାଣ୍ଟ ଯାଞ୍ଚ କରିଛୁ ହେଲେ କେବେ ଚାଇନା ସଲଟ୍ ପାଇନୁ। ପ୍ରଥମ ଥର ଏହି ଫାଷ୍ଟଫୁଡ୍ ସେଣ୍ଟରରେ ବିପୁଳ ପରିମାଣରେ ଚାଇନା ସଲଟ୍ ପାଇଲୁ। କୁହାଯାଏ କର୍କଟର ମୁଖ୍ୟ କାରଣ ହେଉଛି ଏହି ଚାଇନା ସଲଟ୍। ଏଥିସହ ନିଷେଧ ଥିବା ଖାଦ୍ୟ ରଙ୍ଗ ଏବଂ ବହୁତ ସମୟ ଧରି ମାରିନେଟ୍ ହୋଇଥିବା ଚିକେନ ମଧ ମିଳିଲା। ସେଥିପାଇଁ ଦୋକାନ ସିଲ୍ କରାଯାଉଛି’। ଖାଲି ଏତିକି ନୁହେଁ ସହରର ଫକୀରମୋହନ ଗୋଲେଇ ସ୍ଥିତ ଖାନା ଖଜାନାରେ ପ୍ରଥମେ ଚଢ଼ଉ ହୋଇଥିଲା। ସେଠାରେ ବିନା ଲାଇସେନ୍ସରେ ଫାଷ୍ଟଫୁଡ ଦୋକାନ ଚାଲୁଛି। ଏଥିସହିତ ବାସି ଚିକେନ୍ ରଖାଯାଇଛି। ଖରାପ ସସ୍ ସବୁ ଲୋକଙ୍କୁ ଦିଆଯାଉଛି। ଏଥିସହିତ ପଚା ସୁରମା ଚିକେନ୍ ରହିଛି। ଯାହାକୁ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ପୌରପାଳିକା ଓ ଖାଦ୍ୟ ସୁରକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## କିଛି ଦିନ ବନ୍ଦ ରହିବ ଗୁପ୍‌ଚୁପ୍ ଓ ଫାଷ୍ଟଫୁଡ୍ ଦୋକାନ

ବାଲେଶ୍ୱର, ୨୦।୬(ସମିସ): ଡାଇରିଆକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଳ ବିଶୋଧନ ଓ ବାସି ଖାଦ୍ୟ ଉପରେ ଚଢାଉ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରରେ ଗୁପଚୁପ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରହିବ ନେଇ ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ଏ

- **ମାଇକ୍ ଯୋଗେ ପ୍ରଚାର କଲା ପୌରପାଳିକା**

ନେଇ ଆଜି ପୌରପାଳିକା ପକ୍ଷରୁ ମାଇକ୍ ଦ୍ୱାରା ପ୍ରଚାର ମଧ କରାଯାଇଛି। ବାଲେଶ୍ୱର ସହରରେ ଛତୁ ଫୁଟିବା ଭଳି ଗୁପଚୁପ, ଦହିବରା ଓ ଫାଷ୍ଟ ଫୁଡ୍ ଦୋକାନ ଖୋଲିଲାଣି। ଏସବୁ ମଧ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ତିଆରି ଓ ବିକ୍ରି ହେଉଛି। ସେଥିପାଇଁ ବର୍ତମାନ ସମୟରେ ଏସବୁ ଲୋକଙ୍କ ପାଇଁ ବିପଦ ଆଣିବାରେ। ଏହାକୁ ଦୃଷ୍ଟିରେ ରଖି ଗୁପଚୁପ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରହିବ ନେଇ ପୌରପାଳିକା ନିଷ୍ପତ୍ତି ନେଇଛି। ବର୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି କିଛି ଦିନ ପାଇଁ ଗୁପଚୁପ ଓ ଫାଷ୍ଟ ଫୁଡ୍ ଦୋକାନ ବନ୍ଦ ରଖାଯିବ। ପୁଣି ସ୍ଥିତିକୁ ଦେଖି ଆମେ ଖୋଲିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେବୁ। କାରଣ ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟକର ପରିବେଶ ସହ ସ୍ୱାସ୍ଥ୍ୟକୁ ମଧ ଦେଖିବାକୁ ପଡ଼ିବ। ଦୋକାନୀମାନେ ମଧ କିଛି ଦିନ ଦୋକାନ ବନ୍ଦ ହେବା ନେଇ ଚିନ୍ତାରେ ଅଛନ୍ତି। ଆମେ ମଧ ସ୍ଥିତିକୁ ଦେଖି ଦୋକାନ ଖୋଲିବାର ପରାମର୍ଶ ଦେବୁ। ଯାଞ୍ଚ କରୁଛୁ। ପ୍ରଥମତଃ ଆମେ ପରିଷ୍କାର ତଥା ସ୍ୱାସ୍ଥ୍ୟକର ପରିବେଶ ଅଛି କି ନାହିଁ ଦେଖୁଛୁ। ବାସି ଖାଦ୍ୟ ରଖୁଛନ୍ତି କି ତାହା ମଧ ଦେଖୁଛୁ। ମୁଁ ଯେତେବେଳ ଯାଞ୍ଚ କରୁଥିଲି ସେତେବେଳେ ଗାନ୍ଧି ସ୍ମୃତି ଭବନ ନିକଟ ଏକ ହୋଟେଲରୁ ଦୁଇ ଦିନର ଚିକେନ୍ ବିନା ଫ୍ରିଜ୍ ରେ ରଖିଥିଲା। ଯାହା ପଚିକି ଗନ୍ଧ କରୁଥିଲା।



ବିଭିନ୍ନ ଛକ, ଦୋକାନ, ହୋଟେଲରେ ଚଢାଉ ହେଉଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି। ସେହିପରି ପୌରପାଳିକା ସାନାଟାରି ଇନ୍ସପେକ୍ଟର କମଳ ଲୋଚନ ପାତ୍ର କହିଛନ୍ତି, ଚଢ଼ଉ ସମୟରେ ବ୍ୟବସାୟିକ ଏବଂ ଖାଦ୍ୟର ଲାଇସେନ୍ସ ଅଛି କି ନାହିଁ ଯାଞ୍ଚ କରୁଛୁ। ଏବେ ସୁଦ୍ଧା ଆଇଟିଆଇ ଛକରୁ ଗାନ୍ଧି ସ୍ମୃତି ଭବନ, ଏଡିଏମ୍ ଛକ, ଗଡ଼ଗଡ଼ିଆ ଛକରୁ ପତୁଆଁପଦା ଛକ ଏବଂ କଲେଜ ଛକରେ ଚଢ଼ଉ କରାଯାଇଛି। ସେମାନଙ୍କ ରୋଷେଇ ଘରେ ସିଧା ପଶି ତାହାକୁ ସେମାନେ ପକୋଡା କରିବେ ବୋଲି ରଖିଥିଲେ। ତାହାକୁ ଦୁଇ ହଜାର ଟଙ୍କା ଜରିମାନା କରାଯାଇଛି। ସେଥିପାଇଁ ଛୋଟ ଦୋକାନକୁ ୫ ଶହ ଏବଂ ବଡ଼ ଦୋକାନ ହେଲେ ଏକ ହଜାରରୁ ୩ ହଜାର ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଉଛି। ଏହାବ୍ୟତୀତ ବର୍ତ୍ତମାନ ସ୍ଥିତିକୁ ଦେଖି ଗୁପଚୁପ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରହିବ। ପ୍ରଶାସନ ନିର୍ଦ୍ଦେଶ ନଦେବା ଯାଏଁ କେହି ଦୋକାନ ଖୋଲିପାରିବେ ନାହିଁ। ଏ ନେଇ ପୌରପାଳିକା ପକ୍ଷରୁ ମାଇକ୍‌ରେ ପ୍ରଚାର ମଧ କରାଯାଉଛି।

## ହରେକୃଷ୍ଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ବାଲେଶ୍ୱର, ୨୦।୬ (ସମିସ): ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହରେକୃଷ୍ଣ ପ୍ରଧାନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସମ୍ମାନ ମିଳିଛି। ବିଶେଷ କରି ଚାରା ବଣ୍ଟନ, ବୃକ୍ଷ ରୋପଣ, ଘରେ ଘରେ ପରିବେଶ ସୁରକ୍ଷା ସଚେତନତା, ତଥା ୨୦୧୯-୨୫ ପାଞ୍ଚ ବର୍ଷ ମଧ୍ୟରେ ସମୁଦାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ ଓ ରୋପଣ କରାଇବା ନିମନ୍ତେ ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବନ ବିଭାଗର ୱାର୍କିଂ ପ୍ଲାନ ଅଫିସର (ଡବ୍ଲୁପିଓ) କନ୍ଦନ ସିଂ ଏବଂ ଫରେଷ୍ଟ ରେଞ୍ଜ ଅଫିସର ଜଗନ୍ନାଥ ପରିଡ଼ାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରୋତ୍ସାହନ ସ୍ୱରୂପ ସରକାରୀ ମାନପତ୍ର ପ୍ରଦାନ ସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ପରିବେଶ ସଚେତନତା କାର୍ଯ୍ୟକ୍ରମମାନକୁ ସଫଳ କରାଇଥିବା କର୍ମକର୍ତ୍ତା ଓ ପରିବାରବର୍ଗଙ୍କୁ ସମ୍ପୃକ୍ତ ସମ୍ମାନର ଶ୍ରେୟ ଶ୍ରୀ ପ୍ରଧାନ ଦେଇଛନ୍ତି। ପ୍ରକାଶ ଥାଉକି, ହରେକୃଷ୍ଣ ହେଉଛନ୍ତି ତାଡ଼ଦା ପଞ୍ଚାୟତ ପାଣିଶୁଳିଆ ଗ୍ରାମର ସ୍ୱର୍ଗତ ସଦାଶିବ ପ୍ରଧାନ ଓ ବନଲତା ପ୍ରଧାନଙ୍କ ପୁଅ।

## ବୈଜ୍ଞାନିକ ଅନୁସନ୍ଧାନ ଓ ବୃହତ୍ତର ସମୁଦ୍ର ତଟ ସଫେଇ ଅଭିଯାନ



ବାଲେଶ୍ୱର, ୨୦।୬ (ସମିସ): ଅନ୍ତର୍ଜାତୀୟ ନୀଳ ରକ୍ତ କଙ୍କଡା ଦିବସ ଉପଲକ୍ଷେ ଚାନ୍ଦିପୁର ବେଳାଭୂମିରେ ବୈଜ୍ଞାନିକ ଅନୁସନ୍ଧାନ ଓ ବୃହତ୍ତର ସମୁଦ୍ର ତଟ ସଫେଇ ଅଭିଯାନ ଆୟୋଜିତ ହୋଇଯାଇଛି। ଏଥିରେ ଏନସିସି, ଜୁନିଅର ରେଡକ୍ରସ୍, ଗାଇଡ୍ ଓ ସ୍କାଉଟ୍ ସହ ମୋଟ ୨୦୦ ଠାରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର ଓ ସାମ୍ବାଦିକତା ବିଭାଗର ଡ଼. ଅଶେଷ କୁମାର ସ ନୀଳରକ୍ତ କଙ୍କଡାର ପ୍ରାଚୀନ ଇତିହାସ ଓ ପରିସ୍ଥିତିକ ଗୁରୁତ୍ୱ ସମ୍ପର୍କରେ ଅଲୋକପାତ କରିଥିଲେ। ବିକାଶ ସାଥୀର ଡ଼. ବିଶ୍ୱଜିତ ପଣ୍ଡା ଛାତ୍ରଛାତ୍ରୀଙ୍କୁ ନୀଳରକ୍ତ କଙ୍କଡା ଓ ଅନ୍ୟାନ୍ୟ ସମୁଦ୍ରଜନ୍ତୁ ବିଷୟରେ ଜ୍ଞାନ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏକ ଇକୋ ୱାକ୍‌ର ଆୟୋଜନ କରାଯାଇଥିଲା, ଯାହାକି ଆକାଶ ଜେନା, ସାଇପ୍ରିୟ ନାୟକ, ତୁଷାର ବେହେରା, ଆଦର୍ଶ ଜେନା, ରଶ୍ମିତା କାବଟ, ରେବତୀ ସିଂ, ରସିଆ ର ଜଳେନ୍ଦ୍ର ମହାଳିକ, ଦ୍ୱାରା ନେତୃତ୍ୱ ଦିଆଯାଇଥିଲା। ପୋଷ୍ଟର ଓ ପ୍ରସ୍ତୁତି ପ୍ରତିଯୋଗିତାରେ ସିଦ୍ଧି ପ୍ରଧାନ, ଅର୍ଜୁନ ଆରା ଖାନ ଓ ଅଙ୍କିତା ଦିଣ୍ଡା ଶ୍ରେଷ୍ଠ ପୁରସ୍କାର ପାଇଥିଲେ। ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍‌ର ଶିକ୍ଷକ ମଳୟ ରଞ୍ଜନ ମହାପାତ୍ର, ସନତ କୁମାର ମହାନ୍ତି, ନମିତା ପାତ୍ର ଓ ମୌସୁମୀ ସ ମେରିନ୍ ଜୀବନର ସୁରକ୍ଷା ନେଇ ଅଭିଜ୍ଞତା ବାଣ୍ଟିଥିଲେ। ସମ୍ବିତ ପାତ୍ର କାର୍ଯ୍ୟକ୍ରମ ସଂଘଟନରେ ମୁଖ୍ୟ ଭୂମିକା ନିଭାଇଥିଲେ। ଛାତ୍ରଛାତ୍ରୀମାନେ ମିଶି ୫୦୦ କି.ଗ୍ରା. ଠାରୁ ଅଧିକ ପ୍ଲାଷ୍ଟିକ ଓ ଘୋଷ୍ଟ ନେଟ୍ ସଂଗ୍ରହ କରି ସଫା ସମୁଦ୍ର ଅଭିଯାନର ଅଂଶ ହୋଇଥିଲେ।

### ୬ଷ୍ଠ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ ପାଳିତ

# ପାଠ୍ୟ ପୁସ୍ତକରେ ନୀଳରକ୍ତ କଙ୍କଡ଼ା ବିଷୟ ପଢ଼ାଯାଉ



ବାଲେଶ୍ୱର, ୨୦।୬(ସମିସ)


ସହରର ଗୋପବନ୍ଧୁ ପାର୍କ ପରିସରରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ସହ ଏବିସି, ଅରଣ୍ୟକ୍, ମୁନ୍ କମ୍ୟୁନିକେସନ, ରେ ଅଫ୍ ହୋପସ୍, ଯୁବ ବିକାଶ ଓ ହେଲପିଙ୍ଗ ସୋସାଇଟିର ମିଳିତ ସହଯୋଗରେ ୬ଷ୍ଠ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ ପାଳିତ ହୋଇଯାଇଛି। ସଭାକାର୍ଯ୍ୟକୁ ସୁରକ୍ଷା ମଞ୍ଚ ସଭାପତି ଶିଳ୍ପୀ କେଶୁଦାସ ପରିଚାଳନା କରିଥିବା ବେଳେ ଅରଣ୍ୟକର ମୁଖ୍ୟ ସୁଧାକର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏବିସି ତରଫରୁ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ାର ଉପକାରିତା ବିଷୟରେ ଆଲୋକପାତ କରିଥିବା ବେଳେ ଗବେଷିକା ଉପାସନା ପଟ୍ଟନାୟକ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ବିଷୟରେ କହିଥିଲେ। ସମୁଦ୍ର କୂଳରେ ମତ୍ସ୍ୟଜୀବୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମୁନ କମ୍ୟୁନିକେସନ ତରଫରୁ ଅବନୀ ଜେନା ମତବ୍ୟକ୍ତ କରିଥିବା ବେଳେ ରାଜେନ୍ଦ୍ର ରାଉତ ସେବା ଫାଉଣ୍ଡେସନର ବିରୋଜ ରାଉତ, ଯୁବ ବିକାଶର ଅସୀତ ଦଳାଇ, ଶୁଭସ୍ମିତା ବିନ୍ଧାଣୀ, ରେ ଅଫ୍ ହୋପସ୍‌ର ସ୍ୱସ୍ତିକ ଦେ, ସସ୍ମିତା ମାଝି, ହେଲପିଙ୍ଗ ସୋସାଇଟିର ଜୀବନ ସଂଗ୍ରାମ ମିଶ୍ର ଯୋଗଦେଇ ନୀଳରକ୍ତ ସୁରକ୍ଷା ପାଇଁ ନିଜ ନିଜ ସ୍ତରରେ କାର୍ଯ୍ୟକ୍ରମ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଅନୁଷ୍ଠାନ ତରଫରୁ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ନୀଳରକ୍ତ ଅଭୟାରଣ୍ୟ ଓ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ପାଠ୍ୟ ପୁସ୍ତକରେ ନୀଳରକ୍ତ କଙ୍କଡ଼ା ବିଷୟ ସାମିଲ କରାଯାଉ ବୋଲି ଦାବି କରାଯାଇଛି। ଆଗ୍ନେଶା ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ:** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ ପାଳନ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଶ୍ୱବିଦ୍ୟାଳୟ ଜୀବବିଜ୍ଞାନ, ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜି ବିଭାଗଙ୍କ ସହଯୋଗରେ, ଭାରତୀୟ ହର୍ସସ୍ୟୁ କ୍ରାବ୍ ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଓ ଓଡ଼ିଶା ବନ ବିଭାଗ ଏହି କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ନିଜ ଉଦବୋଧନରେ, ଓଡ଼ିଶା ରାଜ୍ୟ ପାଇଁ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ କ୍ଷେତ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ବିଶେଷ ଦାୟିତ୍ୱ ଗ୍ରହଣ କରିଛି ଓ ଏହି ପ୍ରାଣୀର ଗବେଷଣା କ୍ଷେତ୍ରରେ ପ୍ରୋତ୍ସାହନ ଦେଉଥିବା ଏହା ଏକମାତ୍ର ବିଶ୍ୱବିଦ୍ୟାଳୟ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ହର୍ସସ୍ୟୁ କ୍ରାବର ବଂଶବିସ୍ତାର, ସଂରକ୍ଷଣ ଓ ଅନୁସନ୍ଧାନ ଗୁଡ଼ିକ ଫଳାଫଳ ଭିତ୍ତିକ ହେବାର ଆଶାପୋଷଣ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଅରବିନ୍ଦ ମିଶ୍ର, ଉପମୁଖ୍ୟ ବନ ସଂରକ୍ଷକ (ପିସିସିଏଫ ବନ୍ୟଜନ୍ତୁ ବିଭାଗ), ଏଚ୍.କେ. ରଥ, (ନିର୍ଦ୍ଦେଶକ, ଆଇଟିଆର), ଯାଦବ ସୁଦର୍ଶନ ଗୋପୀନାଥ(ବିଭାଗୀୟ ବନ ଅଧିକାରୀ, ରାଜନଗର), ଦାତିନି ସେଠୀ, (ସହାୟକ ବନ ଅଧିକାରୀ, ବାଲେଶ୍ୱର), ଡ଼କ୍ଟର ସୁବ୍ରତ କୁମାର ଦାସ, (ବୈଜ୍ଞାନିକ, ଡିପ୍ ଓସନ୍ ମିସନ୍, ଆଇଏଲଏସ) ସୁବ୍ରତ ନାୟକ ( ଭାଇସପ୍ରେସିଡେଣ୍ଟ, ନୋସି) ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଦୃଶ୍ୟ-ଶ୍ରବ୍ୟ ଡକ୍ୟୁମେଣ୍ଟାରୀ ମଧ ପ୍ରଦର୍ଶିତ ହେଉଥିଲା, ଯାହା ଛାତ୍ରଛାତ୍ରୀଙ୍କୁ ହର୍ସସ୍ୟୁ କ୍ରାବ୍‌ର ବାସସ୍ଥଳୀ ସଂରକ୍ଷଣ, ବିଭିନ୍ନ ଗବେଷଣାତ୍ମକ ଅଧ୍ୟୟନ ବିଷୟରେ ଆଲୋକପାତ କରିଥିଲା। ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ପରିବେଶ ଶିକ୍ଷା ଓ ତୃଣମୂଳ ସ୍ତରରେ ସଂରକ୍ଷଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ବିଶ୍ୱବିଦ୍ୟାଳୟରେ ଏହାର ଗବେଷଣା ସହ ସଂରକ୍ଷଣ ନିମନ୍ତେ କରାଯାଉଥିବା ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ଆୟୋଜକଙ୍କୁ ବିଶେଷ ଶୁଭେଚ୍ଛା ଜଣାଇଥିଲେ। ଡ଼କ୍ଟର ଭାରତ ଭୂଷଣ ପଟ୍ଟନାୟକ ସ୍ୱାଗତ ସମ୍ବୋଧନ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଅନିଲ ଚାଟାର୍ଜୀ (ବୈଜ୍ଞାନିକ, ଏନଆଇଓ ଗୋଆ) ଓ ଡ଼କ୍ଟର ବସୁଦେବ ତ୍ରିପାଠୀ (ବୈଜ୍ଞାନିକ, ଜେଡ଼ଏସଆଇ-ପୁଣେ) ଅନଲାଇନ୍ ମାଧ୍ୟମରେ ଯୋଗ ଦେଇଥିଲେ। ଡ଼କ୍ଟର ନିଳାଦ୍ରି ଭୂଷଣ କର, (ସହଯୋଗୀ ଅଧ୍ୟାପକ, ଜୀବବିଜ୍ଞାନ ବିଭାଗ) କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।






# ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ଦୂଷିତ ଓ ବିଷାକ୍ତ

ଦେଶ ଦୁନିଆ ବହୁତ ଆଗେଇଲାଣି। ଲୋକଙ୍କ ରୁଚି ଓ ଚଳଣି ମଧ୍ୟ ବଦଳି ଗଲାଣି। ଘରୁ ଗୋଡ଼କାଢ଼ିଲେ ବଜାରଘାଟରୁ ୧୦ ଟଙ୍କା ଓ ୨୦ ଟଙ୍କାରେ ପାଣି କିଣି ପିଉଛୁ। ବଜାରରୁ ଆପଣା ରୁଚି ଅନୁଯାୟୀ ଜଳଖିଆ କିଣି ଖାଉଛୁ। ଏହା କେବଳ ସହରାଞ୍ଚଳରେ ସୀମିତ ନାହିଁ। ସହରତଳି ଗ୍ରାମୀଣ ପରିବେଶରେ ସେହି ଏକାପ୍ରକାରର ଜୀବନଯାତ୍ରା। ମାତ୍ର ଆମେ କେବେ ବିଚାର କରିଛେ ଯେଉଁ ବଟଲର ପ୍ଲାଣ୍ଟରୁ ପାଣି ଆସି ବଜାରରେ ବିକ୍ରି ହେଉଛି ତାହାର ମାନ କ'ଣ? ପାଟି ସୁଆଦ ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟ ନିର୍ବିଚାରରେ ଖାଇଚାଲିଛୁ। କ୍ରେତା ଓ ବିକ୍ରେତା କେହି ସ୍ୱାସ୍ଥ୍ୟ ପ୍ରତି ସଚେତନ ନୁହନ୍ତି। ନ ହେଲେ ରାଜ୍ୟର ଆଗୁଆ ଜିଲ୍ଲା ଯାଜପୁରଠାରୁ ଆରମ୍ଭ ହୋଇଥିବା ଡାଏରରିଆ ୧୦ଟି ଜିଲ୍ଲାକୁ ସଂକ୍ରମିତ ହୋଇ ନଥା'ନ୍ତା। ହଜାର ହଜାର ରୋଗୀ ଶଯ୍ୟା ସୁବିଧା ଥାଇ କି ନ ଥାଉ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ପଡ଼ି ନଥା'ନ୍ତେ। କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ରିପୋର୍ଟ ଦେଇଛନ୍ତି। ସଂକ୍ରମଣ କାରଣ ହେଉଛି ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟ। ସମଗ୍ର ବିଶ୍ୱରୁ କଲେରା ବା ହଇଜା ବିଲୁପ୍ତ ହେବାକୁ ବସିଥିବା ବେଳେ ଓଡ଼ିଶାରେ ୧୬ ଜଣ ରୋଗୀଙ୍କଠାରେ ଏହି ଜୀବାଣୁ ଥିବାର ପରିଲକ୍ଷିତ ହୋଇଛି। ଏ କଥା ସତ ଯେ ବର୍ଷାଋତୁ ଆସିବା ପରେ କିଛି ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ପରିଲକ୍ଷିତ ହୁଏ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ମୌସୁମୀର ବିଧିବଦ୍ଧ ଆଗମନ ହୋଇନି। କିନ୍ତୁ ଡାଏରିଆ ମାଡ଼ି ଚାଲିଛି ଗୋଟିକ ପରେ ଗୋଟିଏ ଜିଲ୍ଲାକୁ।

ସରକାର ମାନନ୍ତୁ କି ନ ମାନନ୍ତୁ ରାଜ୍ୟରେ ୨୩ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତି ଓ ହଇଜାରେ ମଲେଣି। ଅଥଚ ବିକଶିତ ରାଜ୍ୟର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବାରେ ଟିକିଏ ବି ହେଳା କରୁନାହାନ୍ତି ସରକାର। ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ, ସମସ୍ତ ସହରାଞ୍ଚଳକୁ ମଧ୍ୟ ଏ ଯାଏଁ ପାଇପ ଯୋଗେ ପାନୀୟ ଜଳଯୋଗାଣ ଆରମ୍ଭ ହୋଇନି। ଏ ଦିଗରେ ଆରମ୍ଭ ହୋଇଥିବା କାର୍ଯ୍ୟକୁ ସରକାର ବଦଳିବା ପରେ ବନ୍ଦ ରଖାଯାଇଛି। ପଞ୍ଚାୟତ ସ୍ତରରେ ମୁଣ୍ଡ ଟେକିଥିବା ପାଣି ଟାଙ୍କି ସେମିତି ଶୁଖିଲା ପଡ଼ିଛି। ନଳକୂପ ଖନନ କାର୍ଯ୍ୟ ପ୍ରତି ନିଘା ନାହିଁ। ବର୍ଷ ପୂର୍ତ୍ତି ଉତ୍ସବରେ ସରକାର ମାତିଛନ୍ତି, ସଭାସମିତିରେ ଡବଲ୍ ଇଞ୍ଜିନ ସରକାରର ଗୁଣଗାନ କରିଚାଲିଛନ୍ତି। ଅଥଚ ରାଜ୍ୟରେ ଡାଏରିଆ ମହାମାରୀର ରୂପ ନେଉଛି। କେନ୍ଦ୍ରୀୟ କମିଟି ରିପୋର୍ଟରେ ଦିଆଯାଇଥିବା ପରାମର୍ଶକୁ ପଢ଼ିଲେ ବା ଶୁଣିଲେ ସରମରେ ମୁଣ୍ଡ ନୋଇଁଯାଉଛି। ନିଜ ସ୍ଥାନକୁ ଠିକଣା ରୂପେ ନିରୂପଣ କରିପାରୁ ନଥିବା ସରକାର ବିକାଶ ଯୋଜନାରେ ମିଛ ବାହୁସ୍ଫୋଟ ମାରିଚାଲିଛନ୍ତି। ଏହାକୁ କେବଳ ସମୟର ବିଡ଼ମ୍ବନା କହିବା ନି ତ ଆଉ କ'ଣ କହିବା?

ରାଜନୈତିକ ବାଛବିଚାରର ସମ୍ମୁଖୀନ ହୋଇଛି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି। ପୂର୍ବ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସେମିତି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। କାରଣ ଆଞ୍ଚଳିକ ସ୍ତରରେ ଏବେ ମଧ୍ୟ ବିରୋଧୀ ଦଳର ପ୍ରାଧାନ୍ୟ ରହିଛି। ଏହି ଉନ୍ନୟନ କାର୍ଯ୍ୟରେ ସର୍ବାଧିକ ଗୁରୁତ୍ୱ ପାନୀୟ ଜଳ ଯୋଗାଣକୁ ଦିଆଯାଉ ନ ଥିବାରୁ ତାହା ଏବେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ପହଞ୍ଚିଛି। ସରକାର ଅପେକ୍ଷା କରିଛନ୍ତି ପରବର୍ତ୍ତୀ ନିର୍ବାଚନକୁ। ତାଙ୍କ ଦଳ ପଞ୍ଚାୟତ ସ୍ତରରେ କ୍ଷମତାକୁ ଆସିଲେ ହିଁ ଅର୍ଥ ମଞ୍ଜୁର କରାଯିବ। ଆମକୁ ଏଠାରେ ମନେ ରଖିବାକୁ ହେବ ଯେ ଶାସନ ବ୍ୟବସ୍ଥା ଏକ ନିରଙ୍କୁଶ ପ୍ରବାହ। ଦଳୀୟ କ୍ଷମତା ନିର୍ବିଶେଷରେ ଏହି ପ୍ରବାହକୁ ଜାରି ରଖିବାକୁ ପଡ଼ିବ। ଏବେ ଯେତେବେଳେ କୁହାଯାଉଛି ଜଳ ଉତ୍ସକୁ ଯାଞ୍ଚ କରି ବିଶୋଧନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ, ତାହାକୁ କିଏ କିପରି କରିବ? ଅବଶ୍ୟ ପଞ୍ଚାୟତି ରାଜ୍ୟ ବିଭାଗ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି ବ୍ୟବସ୍ଥାକୁ ସୁଧାରିବା ବ୍ୟତୀତ ଅନ୍ୟ ଗତି ନାହିଁ। ତୃଣମୂଳସ୍ତରରେ ତାହାର ସକ୍ରିୟତା ଓ ବ୍ୟୟବହୁଳତାକୁ ନେଇ କିଛି ମତାମତ ନ ଦେବା ଭଲ। କର୍ତ୍ତୃପକ୍ଷ ଯେଉଁ ଜଳ ଉତ୍ସ କଥା ଉଲ୍ଲେଖ କରିଛନ୍ତି ସେଥିରେ ସହରାଞ୍ଚଳ ମଧ୍ୟ ଆସୁଛି। ନଦୀକୂଳରେ ମୁଣ୍ଡ ଟେକିଥିବା ଅଧିକାଂଶ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ କରିଥାଏ ସେହି ନଦୀଜଳ। ଆମ ରାଜ୍ୟରେ ଏମିତି କୌଣସି ନଦୀ ନାହିଁ, ଯାହାର ଜଳ ପ୍ରଦୂଷିତ ଓ ବିଷାକ୍ତ ନୁହେଁ। ତାହାକୁ ପାନୀୟ ଜଳ ରୂପେ ବ୍ୟବହାର କରାଯାଉଥିବା ବେଳେ ଉପଯୁକ୍ତ ବିଶୋଧକ ପ୍ରତି କର୍ତ୍ତୃପକ୍ଷ ଉଚିତ ଧ୍ୟାନ ଦେଉଛନ୍ତି ତ? ସରକାର ନିର୍ବିଶେଷରେ ଏମିତି କିଛି କଥା ଅଛି, ଯାହାର ସାର୍ବଜନିନ ଆଭିମୁଖ୍ୟର ଗୁରୁତ୍ୱ ସବୁକାଳେ ରହିଛି। ଏ କ୍ଷେତ୍ରରେ ରାଜନୈତିକ ପକ୍ଷପାତିତା ରହିବା ଉଚିତ ନୁହେଁ।

ଆମ ସହରୀଜୀବନରେ ପରିଲକ୍ଷିତ ପରିବର୍ତ୍ତନ ଦୃଷ୍ଟି କଟୁ ଲାଗିଲେ ମଧ୍ୟ ତାହାକୁ ସମସ୍ତେ ଏକପ୍ରକାର ବରଦାସ୍ତ କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଦେଖିବାକୁ ଗଲେ ଏବେକାର ପରିବାର ଓ ସଂସାର ଛୋଟିଆ। ଜଞ୍ଜାଳ ମଧ୍ୟ ଅପେକ୍ଷାକୃତ କମ୍। ଏ ସବୁ ସତ୍ତ୍ୱେ ରୋଷେଇ ପ୍ରତି ଅନାଗ୍ରହ ପ୍ରାୟ ଅଧିକାଂଶ ପରିବାରରେ ଅନୁଭୂତ ହେଉଛି। ଜଳଖିଆଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ସବୁ ସେହି ରାସ୍ତାକଡ଼ର ଦୋକାନ ଉପରେ ନିର୍ଭରଶୀଳ। ତାହାର ଖାଦ୍ୟୋପଯୋଗିତା ପ୍ରତି କାହାର ନଜର ନାହିଁ। 'ପାଟି ସୁଆଦ ଓ ରୋଗ ବରାଦ' ନୀତିରେ ସମସ୍ତେ ଅଗ୍ରସର। ମୁହଁରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରସ୍ପରଙ୍କୁ ପରାମର୍ଶ ଦେଉଥିଲେ ମଧ୍ୟ କର୍ମରଙ୍କୁଣା ମାନସିକତା ମଣିଷକୁ ଏତେ ନିକମା କରିଦେଇଛି ଯେ ଅର୍ଥ ବିନିମୟରେ ରୋଗ କିଣୁଛି। ଏବେ ଯେଉଁ ଝାଡ଼ାବାନ୍ତି ଓ ହଇଜା ସଂକ୍ରମଣ ବୃଦ୍ଧି ପାଇଛି, ତାହା ପଛରେ ଏହା ଅନ୍ୟତମ କାରଣ। ସରକାରୀ କଳର ଯାଞ୍ଚ ଓ ବିଶୋଧନ ପ୍ରକ୍ରିୟା ପରିସ୍ଥିତିକୁ କେତେ ଶୀଘ୍ର ସୁଧାରି ପାରିବ ସେ ନେଇ ସନ୍ଦେହ ରହିଛି। ବଡ଼ କଥା ହେଉଛି ସ୍ୱାସ୍ଥ୍ୟ ସଚେତନତା ପ୍ରଥମେ ଘରୁ ଆରମ୍ଭ ହେବା ଉଚିତ। ତା' ପରେ ଯାଇ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା।

ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଆମେ ନିଜକୁ ସୁଧାରିବାର ଯେଉଁ ସୁଯୋଗ ଅଛି ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଜରୁରୀ। ସହରୀ ଜୀବନରେ ଘରେ ଘରେ ପାନୀୟ ଜଳ ବିଶୋଧନ ବ୍ୟବସ୍ଥା ଥିଲେ ମଧ୍ୟ ବାହାରୁ ଥଣ୍ଡାପାନୀୟ ପିଇବାର ଅଭ୍ୟାସକୁ ଆମେ ଛାଡ଼ିପାରୁନାହାନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଥଣ୍ଡାପାନୀୟ ଓ ରାସ୍ତାକଡ଼ର ପାଟିସୁଆଦ ଖାଦ୍ୟ ଲାଳସା ତ୍ୟାଗ କରିବା ଆବଶ୍ୟକ। ଏହିଦୃଷ୍ଟିରୁ ଗ୍ରାମାଞ୍ଚଳର ସ୍ଥିତି ବର୍ଷା ଦିନରେ ଆହୁରି ସାଂଘାତିକ। ତେଣୁ ପିଇବା ପାଣି ଫୁଟାଇବା ସହ ହାଲୋଜେନ୍ ବଟିକା ବ୍ୟବହାର କରାଯାଇପାରେ। ଏ ସବୁକୁ ବାଦ୍ ଦେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠାରେ ପର୍ଯ୍ୟାପ୍ତ ଔଷଧ ବ୍ୟବସ୍ଥା ସହ ଚିକିତ୍ସା ଓ ସେବା ପାଇଁ ସରକାର ଡାକ୍ତର ଓ ପାରାମେଡିକାଲା ଷ୍ଟାଫ୍ ନିଯୁକ୍ତିକୁ ଅଗ୍ରାଧିକାର ଦେବା ଉଚିତ। ଏ କ୍ଷେତ୍ରରେ ସରକାର କେତେଦୂର ସକ୍ଷମ ହେବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ●

## 'ଡନିଂ-କ୍ରୁଗର'ର ମାୟାଜାଲ

**ବିମଳ ଷଡ଼ଙ୍ଗୀ**

ଯୁକ୍ତିବାଦୀ ଚିନ୍ତାନାୟକମାନଙ୍କ ଦ୍ୱାରା ସଂକଳିତ ଏକ ତଥ୍ୟ ଦର୍ଶାଏ ଯେ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ଅତିକମରେ ୬୦୬ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି, ଯାହା ବାର୍ଷିକ ହାରାହାରି ସଂଖ୍ୟା ୫୦ ରୁ ଅଧିକ। ୨୦୧୩ ମସିହାରେ 'ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ' ପ୍ରଣୟନ ହେବା ସତ୍ତ୍ୱେ ଏପରି ଘଟଣା ପାଇଁ ଓଡ଼ିଶା ଦେଶର ଶୀର୍ଷ ରାଜ୍ୟ ମଧ୍ୟରେ ନିରନ୍ତର ସ୍ଥାନ ପାଇଆସୁଛି। ଏହାର ମୁଖ୍ୟ କାରଣ କେବଳ ଅନ୍ଧବିଶ୍ୱାସ, ସୀମିତ ଶିକ୍ଷା ଓ ସଚେତନତାର ଅଭାବ ନୁହେଁ, ବରଂ 'ଡନିଂ-କ୍ରୁଗର'ମାନଙ୍କ ପ୍ରତି ସାଧାରଣ ଜନତାଙ୍କ ଅତିରିକ୍ତ ବିଶ୍ୱାସ ମଧ୍ୟ ଏଥିପାଇଁ ଦାୟୀ।

ଆମେରିକାର ଦୁଇ ମନସ୍ତତ୍ତ୍ୱବିତ ଡେଭିଡ୍ ଡନିଂ ଓ ଜଷ୍ଟିନ୍ କ୍ରୁଗର ଏକ ନୂତନ ତଥ୍ୟକୁ ୧୯୯୯ ମସିହାରେ ଉଦ୍ଭାବନ କରିଥିଲେ, ଯାହାର ନାମ ସେହି ଦୁଇମନସ୍ତତ୍ତ୍ୱବିତ୍‌ଙ୍କ ନାମାନୁସାରେ 'ଡନିଂ-କ୍ରୁଗର' ରଖାଯାଇଛି। ସରଳରେ ଏହାର ଅର୍ଥ ଆତ୍ମସଚେତନତାର ଅଭାବ ହେତୁ କିଛି ଲୋକ ନିଜକୁ ଜ୍ଞାନୀ ବୋଲି ଭାବନ୍ତି ଏବଂ ତାହାକୁ ଅତି କୁଶଳତାର ସହିତ ସାଧାରଣ ଜନତାଙ୍କୁ ମାନିବାକୁ ବାଧ୍ୟ କରନ୍ତି ବା ମନାଇ ଦିଅନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ସେମାନଙ୍କୁ ପଥଭ୍ରଷ୍ଟ କରାଇ ସମାଜରେ ଅସ୍ଥିରତା ସୃଷ୍ଟି କରନ୍ତି। ଡନିଂ-କ୍ରୁଗର ପ୍ରଭାବରେ ନିଜ ପ୍ରତିଭାକୁ ଅତିରଞ୍ଜିତ କରନ୍ତି ଏବଂ ସମ୍ଭାବ୍ୟ ଫଳାଫଳକୁ ବିଚାର ନ କରି ବିପଦ ସୃଷ୍ଟି କରିଥା'ନ୍ତି। ଉଦାହରଣ ସ୍ୱରୂପ, କିଛି ବ୍ୟକ୍ତି କହିବେ ମୋ ଖଟ ଦୌଡ଼ି ଦୌଡ଼ି ନଦୀ ପାଖକୁ ଗଲା ଏବଂ ପାଣି ପିଇ ଫେରିଆସି ମୋ ଶୋଇବା ପାଇଁ ବିଛଣା ପକାଇଲା। ହ୍ୱାଟ୍‌ସ୍ଆପରେ ଦିନରାତି ବୁଡ଼ିରହିଥିବା ବ୍ୟକ୍ତି କୁହନ୍ତି, ହେୟାର ଡ୍ରାୟର ମାଧ୍ୟମରେ ନାକରେ ଗରମ ପବନ ଦେଲେ କରୋନା ଦୂର ହୋଇଯାଏ।

ଅନେକ ବୈଜ୍ଞାନିକ ଓ ଚିନ୍ତକ କୁହନ୍ତି ଯେ ଯୁକ୍ତିଯୁକ୍ତତା, କୌତୂହଳ, ସନ୍ଦେହ ଓ ପ୍ରଶ୍ନ କରିବାର ଇଚ୍ଛା ଆଧାରରେ ଏକ ମାନସିକତା ସୃଷ୍ଟିର ପ୍ରୟାସ ଆଜିର ଶିକ୍ଷାବ୍ୟବସ୍ଥାର ମୂଳମନ୍ତ୍ର ହେବା ଜରୁରୀ। ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ନେତା ଓ ବୈଜ୍ଞାନିକଙ୍କ ମତାମତକୁ ଆମେ ଉଦାହରଣ ରୂପେ ମଧ୍ୟ ନେଇପାରିବା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଥିଲେ ଜଣେ ବିଜ୍ଞାନ ପ୍ରବକ୍ତା। ସେ ଥରେ କହିଥିଲେ 'ବୈଜ୍ଞାନିକ ମନୋଭାବ ହେଉଛି ଜଣେ ମୁକ୍ତ ମଣିଷର ମନୋଭାବ।' ସେ ବିଶ୍ୱାସ କରୁଥିଲେ ଯେ ଜାତୀୟ ପ୍ରଗତି ପାଇଁ ବୈଜ୍ଞାନିକ ଚିନ୍ତାଧାରା ଅତ୍ୟାବଶ୍ୟକ ଏବଂ ଭାରତକୁ ଆଗକୁ ବଢ଼ିବା ପାଇଁ ଅନ୍ଧବିଶ୍ୱାସ ଓ ଭାଗ୍ୟବାଦକୁ ତ୍ୟାଗ କରିବାକୁ ପଡ଼ିବ। ସେ ସମୟରୁ ଭାରତୀୟ ସମ୍ବିଧାନରେ ଏକ ମୌଳିକ କର୍ତ୍ତବ୍ୟ ଭାବରେ 'ବୈଜ୍ଞାନିକ ମନୋଭାବ' ଲେଖାଯାଇଥିଲା, ଯାହା ଆଜି ବି ବିଦ୍ୟମାନ। କାର୍ଲ ସାଗାନ ଜଣେ ଆଗଧାଡ଼ିର ଜ୍ୟୋତିର୍ବିଜ୍ଞାନୀ, ଯାହାଙ୍କ ମତରେ 'ବିଜ୍ଞାନ ଜ୍ଞାନର ଏକ ଅଂଶ ନୁହେଁ ବରଂ ତା'ଠାରୁ ଯଥେଷ୍ଟ ଅଧିକ, ଯାହାକୁ ଚିନ୍ତା କରିବାର ଏକ ଉପାୟ କୁହାଯାଇପାରେ।' ସାଗାନ୍ ଛଦ୍ମବିଜ୍ଞାନ ବିଷୟରେ ଗଭୀର ଚିନ୍ତିତ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଯେତେବେଳେ ଅନ୍ଧବିଶ୍ୱାସ ଓ ରାଜନୀତି ଶିକ୍ଷାରେ ପ୍ରବେଶ କରିବ ସେତେବେଳେ ତାହା ସମାଜକୁ ଏକ ଅନ୍ଧକାରମୟ ଗହ୍ୱରକୁ ଟାଣିନେଇ ମାନବ ସଭ୍ୟତାକୁ ଧ୍ୱଂସ କରିଦେବ। ତାଙ୍କ ପୁସ୍ତକ 'ଦି ଡେମନ-ହଣ୍ଟେଡ୍ ୱାର୍ଲ୍ଡ'ରେ ସେ ଭୟ ଓ ଅଜ୍ଞତାର ପ୍ରତିଷେଧକ ଭାବରେ ସମାଲୋଚନାମୂଳକ ଚିନ୍ତାଧାରାକୁ ଅତି ଉଚ୍ଚସ୍ଥାନ ଦେଇଥିଲେ। ନୋବେଲ୍ ପୁରସ୍କାର ବିଜେତା ପଦାର୍ଥବିଜ୍ଞାନୀ ରିଚାର୍ଡ ଫେନିମ୍ୟାନ୍ କହିଥିଲେ ଯେ, 'ମୁଁ ପ୍ରଶ୍ନ କରାଯାଇ ନ ଥିବା ଉତ୍ତର ଅପେକ୍ଷା ଉତ୍ତର ଦିଆଯାଇ ନ ଥିବା ପ୍ରଶ୍ନ ରଖିବାକୁ ପସନ୍ଦ କରିବି।' ସେ ଅନ୍ଧବିଶ୍ୱାସ ପ୍ରଣାଳୀରେ ସମାଜରେ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଚେତାବନୀ ଦେଇଥିଲେ। ତାଙ୍କ ପାଇଁ ବୈଜ୍ଞାନିକ ମନୋଭାବର ଅର୍ଥ ହେଉଛି ନ ଜାଣିଥିବା ବିଷୟରେ ଜାଣିବାର ଇଚ୍ଛା ଏବଂ ସର୍ବଦା ନିଜର ଭୁଲକୁ ସଂଶୋଧନ କରିବାର ରାସ୍ତାକୁ ଖୋଲା ରଖିବା। ବିଶ୍ୱପ୍ରସିଦ୍ଧ ପଦାର୍ଥବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ୍ ଯୁକ୍ତି, ନୀତି ଓ ବୌଦ୍ଧିକ ସଚ୍ଚୋଟତାକୁ ସବୁଠାରୁ ଅଧିକ ଉଚ୍ଚ ଆସନ ଦେଇଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ ଏକ ବୈଜ୍ଞାନିକ ବିଶ୍ୱଦୃଷ୍ଟିକୋଣ ମାଧ୍ୟମରେ ଆଶ୍ଚର୍ଯ୍ୟକର ବସ୍ତୁ ବା ପଦାର୍ଥର ଉଦ୍ଭାବନ ପାଇଁ ନିଜର ମନବୃତ୍ତିକୁ ଉନ୍ମୁକ୍ତ ରଖିବା ଉଚିତ, ଅହଂକାର ପାଇଁ ନୁହେଁ। ଭାରତର ନରେନ୍ଦ୍ର ଦାଭୋଲକରଙ୍କ ମତରେ ଚମତ୍କାର ବା ପ୍ରାକୃତିକ ନିୟମର ଉଲ୍ଲଂଘନ କରି ଯଦି କିଛି ଘଟେ, ତେବେ ଏହାର ଏକ କୌଣସି ନା କୌଣସି କାରଣ ଅଛି, ଯାହାର ତଦନ୍ତ କରାଯାଇପାରିବ। ଦାଭୋଲକର ଜଣେ ଭାରତୀୟ ଯୁକ୍ତିବାଦୀ ଥିଲେ, ଯିଏ ଅନ୍ଧବିଶ୍ୱାସ, କଳାଯାଦୁ ଏବଂ ନକଲି ଧର୍ମଗୁରୁଙ୍କ ବିରୁଦ୍ଧରେ ଲଢ଼ିଥିଲେ। ସେ ବୈଜ୍ଞାନିକ ମନୋଭାବକୁ ଏକ ନାଗରିକ ଦାୟିତ୍ୱ ଭାବରେ ସୂଚୀତ କରିଥିଲେ। ତାଙ୍କ ଦୃଷ୍ଟିକୋଣରେ ସବୁକିଛି ଉପରେ ପ୍ରଶ୍ନ କରନ୍ତୁ। ଏପରିକି ଆପଣଙ୍କ ନିଜସ୍ୱ ବିଶ୍ୱାସକୁ ମଧ୍ୟ।

ପ୍ରମାଣ ଓ ଦାବିଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ନିଜର ଭାବନା ଓ କାର୍ଯ୍ୟକୁ ସମାଲୋଚନାମୂଳକ ଭାବରେ ଚିନ୍ତା କରିବା ହେଉଛି ସଶକ୍ତୀକରଣର ଏକ ରୂପ। ଅନ୍ଧ ବିଶ୍ୱାସକୁ ଆହ୍ୱାନ କରିବା ଅର୍ଥ ଅଯୌକ୍ତିକତା ଉପରେ ଆକ୍ରମଣ। ବିଜ୍ଞାନକୁ କେବଳ ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ପଢ଼ିଲେ ବା ବିଜ୍ଞାନ ଛାତ୍ରଛାତ୍ରୀ ହେଲେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ ନାହିଁ। କେବଳ କୌଣସି ଘଟଣାର କାରଣ ଖୋଜିଲେ ବିଜ୍ଞାନକୁ ବୁଝିହୁଏ। ଦୁଃଖର ବିଷୟ ଅନେକ ସମୟରେ ଶିକ୍ଷାଜଗତର କିଛି ବ୍ୟକ୍ତି ଏହି ଧାରାରୁ ମଧ୍ୟ ମୁକ୍ତ ନଥା'ନ୍ତି। ସେମାନେ ମଧ୍ୟ ଡନିଂ-କ୍ରୁଗର ଦ୍ୱାରା ପ୍ରଭାବିତ ହୋଇ ନିଜର ଅବୈଜ୍ଞାନିକ ମତାମତ ଦ୍ୱାରା ସାଧାରଣ ଲୋକଙ୍କୁ ଭୁଲ ବାଟରେ ପରିଚାଳିତ କରିଥା'ନ୍ତି। ଉଦାହରଣ ସ୍ୱରୂପ ୨୦୨୧ ମସିହାରେ, ଭାରତର ଜଣେ ବିଚାରପତି ଘୋଷଣା କରିଥିଲେ ଯେ ଗାଈ ହେଉଛି ଏକମାତ୍ର ପ୍ରାଣୀ, ଯେଉଁମାନେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ନିଃଶ୍ୱାସରେ ମଧ୍ୟ ଅମ୍ଳଜାନ ତ୍ୟାଗ କରନ୍ତି। କିଛିଦିନ ପୂର୍ବରୁ ଜଣେ ଆଇଆଇଟିର ନିର୍ଦ୍ଦେଶକ ତାଙ୍କ ଅଞ୍ଚଳରେ ବାଦଲ ଫଟା ମେଘ ଏବଂ ଭୂସ୍ଖଳନର କାରଣ ଭାବରେ ଜନସାଧାରଣଙ୍କ ମାଂସ ଖାଇବାକୁ ଦାୟୀ କରିଥିଲେ, ଯାହା ସାଧାରଣ ବ୍ୟକ୍ତିଙ୍କୁ ଅନେକ ସମୟରେ ଦ୍ୱିଧାରେ ପକାଇଥାଏ।

ବିଜ୍ଞାନ ହେଉଛି ବିସ୍ତୃତ, ଯାହା ପ୍ରାୟତଃ ଭୁଲ ବୁଝାଯାଇଥିବା କ୍ଷେତ୍ରକୁ ସବୁସମୟରେ ଖୋଜି ପାଇବାକୁ ବ୍ୟାକୁଳିତ ଏବଂ ମାନବ ସମାଜର କଲ୍ୟାଣ ପାଇଁ ପ୍ରମାଣ ଆଧାରରେ ବିଭିନ୍ନ ଉପାୟ ସ୍ଥିରୀକୃତ କରିବାକୁ ପ୍ରୟାସ ଜାରି ରଖିଥାଏ। ବାହ୍ୟ ଜଗତକୁ ଜାଣିବା ପାଇଁ ବିଜ୍ଞାନ ହେଉଛି ଆମର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏହା ପରୀକ୍ଷଣ ଓ ସତ୍ୟର ସନ୍ଧାନ ଉପରେ ପର୍ଯ୍ୟବସିତ। ବୈଜ୍ଞାନିକ ପଦ୍ଧତି କୌଣସି ବ୍ୟକ୍ତିଙ୍କୁ ବିଶ୍ୱାସ କରିବାକୁ କୁହେ ନାହିଁ, ବରଂ ପ୍ରଶ୍ନ କରିବାକୁ କହିଥାଏ। ବିଜ୍ଞାନ ଆମକୁ ଆଣ୍ଟିବାୟୋଟିକ୍, ଉପଗ୍ରହ, ଆପେକ୍ଷିକ ତତ୍ତ୍ୱ ଭଳି ଅନେକ ମାନବ କଲ୍ୟାଣକାରୀ ଜ୍ଞାନ ଦେଇଛି। ଏହା ଆମକୁ ଜଳବାୟୁ ପରିବର୍ତ୍ତନ, ମହାମାରୀ ଓ ଆମର ନିଜସ୍ୱ ଜ୍ଞାନର ସୀମା ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଡନିଂ-କ୍ରୁଗର ପ୍ରଭାବରେ ବ୍ୟକ୍ତି ଅନ୍ଧବିଶ୍ୱାସ ଓ ବିଜ୍ଞାନ ମଧ୍ୟରୁ ଅନ୍ଧବିଶ୍ୱାସକୁ ଉଚ୍ଚ ଭାବରେ ଉପସ୍ଥାପନ କରି ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରେ(ଯଥା ନିଆଁ ଉପରେ ଚାଲିବା, ରୋଗରୁ ମୁକ୍ତି ପାଇଁ ପଶୁବଳି ଇତ୍ୟାଦି)। ଏଥିସହିତ ଯାଦୁକରୀ ମିଥ୍ୟା ଚିନ୍ତାଧାରାକୁ ମଧ୍ୟ ପ୍ରଚାରପ୍ରସାର କରେ। ସମାଜକୁ ଶାନ୍ତି ଦେବା ବଦଳରେ ଅଶାନ୍ତିର ବୀଜ ବପନ କରିଚାଲେ। ସେ ସମୟରେ ଲୋକଙ୍କୁ ସବୁକିଛି ପ୍ରେମ ଓ ଆଲୋକ ବୋଲି କହି ବିଜ୍ଞାନ ବିରୁଦ୍ଧରେ ପ୍ରଚାରକରି ନିଜର ସୁବିଧା ହାସଲ କରେ।

ତେଣୁ ଏହିପରି ଡନିଂ-କ୍ରୁଗରଙ୍କଠାରୁ ଅଚେତନ ଜନତାଙ୍କୁ ସଚେତନ କରିବାକୁ ହେଲେ ଶିଶୁ, କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ମଧ୍ୟରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବକୁ ଉଜ୍ଜୀବିତ କରିବା ସହିତ ପ୍ରମାଣ ଆଧାରରେ ଅନ୍ଧବିଶ୍ୱାସକୁ ଦୂରକରି ସମାଜର କଲ୍ୟାଣ ପାଇଁ ସର୍ବାଦୌ କାର୍ଯ୍ୟକରିବାର ଆବଶ୍ୟକତା ରହିଛି। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସମ୍ପର୍କରେ ସଙ୍କଟ

**ପାର୍ଥସାରଥୀ ରାଉତ**

ସତରେ ଭାରି ସାଂଘାତିକ ସମୟ ଚାଲିଛି। ଫ୍ରିଜ୍ ଦେଖିଲେ ସ୍ତ୍ରୀ ମନରେ ଅଜବ ଚିନ୍ତା ଆସୁଛି। ନୀଳ ରଙ୍ଗର ବଡ଼ ଡ୍ରମ୍ ଦେଖିଲେ ସ୍ୱାମୀ ମନରେ ଛନକା ପଶୁଛି। ବକ୍ସ ଖଟ ଦେଖିଲେ ସ୍ୱାମୀ ଚମକୁଛି ତ କାର୍ ଡିକି ଦେଖିଲେ ଭୟରେ ଶିହରି ଉଠୁଛି ସ୍ତ୍ରୀ। ନିକଟ ଅତୀତରେ ଏହିପରି ଅଭାବିତ ଘଟଣାକ୍ରମ ଦେଖିବା ପରେ ଏମିତି ଏକ ଉପସଂହାର ଟାଣିବାକୁ ଅନେକ ବାଧ୍ୟ ହେଉଛନ୍ତି। ଦିଲ୍ଲୀର ଶ୍ରଦ୍ଧା ୱାକର, ନିକି ଯାଦବ ଏବଂ ମିରଟର ବହୁଚର୍ଚ୍ଚିତ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ମାମଲା ପରଠାରୁ ଉପରୋକ୍ତ ଜାଗାସବୁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ମାତ୍ର ଇତିମଧ୍ୟରେ ଆଉକିଛି ସ୍ପର୍ଶକାତର ଘଟଣା ଘଟିଛି, ଯାହାଫଳରେ ଏହି ଫ୍ରିଜ୍-ଡ୍ରମ୍ ତାଲିକାରେ ଆଉ କିଛି ସ୍ଥାନ ଯୋଡ଼ି ହୋଇଯାଇଛି।

କର୍ପୋରେଟ ଜଗତରେ ସମ୍ପର୍କ ତଡ଼ିତ ବେଗରେ ବିଗିଡ଼ିବାରେ ଲାଗିଛି। ସମ୍ପର୍କରେ ସଙ୍କଟ ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏବେ ଯେଉଁ ସ୍ଥିତି ଉପୁଜିଛି, ତାହା ଦାମ୍ପତ୍ୟ ସମ୍ପର୍କକୁ ଅତ୍ୟନ୍ତ ବିପଦଜନକ ମୋଡ଼ରେ ପହଞ୍ଚାଇଦେଇଛି। ବିବାହ ପରେ ନବଦମ୍ପତି ହନିମୁନ ଯିବା ଆମ ସାମ୍ପ୍ରତିକ ଚଳଣିର ଅଂଶବିଶେଷ ହୋଇଯାଇଛି। ଏଠାରେ କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ସମୟ ଏତେ ସାଂଘାତିକ ହୋଇଯାଇଛି ଯେ ହନିମୁନ ଯିବା ବି ନିରାପଦ ନୁହେଁ। ଯଦି ହନିମୁନ ଉଦ୍ଦେଶ୍ୟରେ ନବଦମ୍ପତି କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି ତ ଆପାତତଃ ବିପଦ ନାହିଁ। କିନ୍ତୁ ସ୍ଥାନଟି ଯଦି ନିରୋଳା, ନିଛାଟିଆ ରିସର୍ଟ, ହୋଟେଲ ଅଥବା ବଙ୍ଗଳା, ତା'ହେଲେ ସୁଖଦ ସମୟ ବିତାଇବାକୁ ନିରାପଦ ମଣୁନାହାନ୍ତି। ଇନ୍ଦୋରର ନବଦମ୍ପତି ହନିମୁନରେ ମେଘାଳୟରେ ନିଖୋଜ ହେବା ଘଟଣା ପଛର ସତ୍ୟ ପଦାକୁ ଆସିବା ପରେ ଷଡ଼ଯନ୍ତ୍ର, ସନ୍ଦେହ ଓ ସଂଶୟର ଏ ନୂଆ ଧାରା ଆରମ୍ଭ ହୋଇଛି। ବିବାହର ମାତ୍ର ତେର ଦିନ ପରେ 'ସୁପାରୀ କିଲର'ନିୟୋଜିତ କରି ସ୍ୱାମୀ ରାଜ ରଘୁବଂଶୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ସୋନମ। ଏହି ଘଟଣା ପରେ ଘର ଛାଡ଼ି ରିସର୍ଟ, ହୋଟେଲ ଅଥବା ବଙ୍ଗଳାରେ ରହିବା ମଧ୍ୟ ବିପଦ ସାବ୍ୟସ୍ତ ହୋଇଛି।

ଏତେସବୁ ଅକଳ୍ପନୀୟ ଅବିଶ୍ୱସନୀୟ ଜଘନ୍ୟ ଘଟଣା ଘଟିବା ପରେ ଦାମ୍ପତ୍ୟ ଓ ପାରିବାରିକ ସମ୍ପର୍କକୁ ନେଇ ବହୁ ପ୍ରଶ୍ନ ମୁଣ୍ଡ ଟେକିଛି। ବଞ୍ଚିବେ ତ କେମିତି ବଞ୍ଚିବେ? ବିଶ୍ୱାସ କରିବେ ତ କାହାକୁ ବିଶ୍ୱାସ କରିବେ? ସମ୍ପର୍କ ବଜାୟ ରଖିବେ ତ କାହାକୁ ଆଧାର କରି? ଦଶମେଳକ ସୂତ୍ର ଅନୁଯାୟୀ କୋଷ୍ଠିମେଳକ ପୂର୍ବକ ଦିଅଁମଙ୍ଗୁଳା ହୋଇ ଅଗ୍ନୀଙ୍କୁ ସାକ୍ଷୀ ରଖି ପାଣିଗ୍ରହଣ ଉତ୍ସବ ପରେ ବନ୍ଧନ ସ୍ୱୀକୃତି ପାଇଥାଏ। ସାମାଜିକ ସ୍ୱୀକୃତି ପରେ ପାରିବାରିକ ଜୀବନର ଅୟମାରମ୍ଭ ହୋଇଥାଏ। ଘର ସଂସାର କରିବା ଭିତରେ କଳହ, ମନୋମାଳିନ୍ୟ ଆଦି ହୋଇଥାଏ ଏବଂ ହେବା ବି ସ୍ୱାଭାବିକ। ବେଶ୍ କିଛିବର୍ଷ ହେବ ଏଥିରେ ବିଚ୍ୟୁତି ଘଟି ଏ ପବିତ୍ର ସମ୍ପର୍କ ଆହୁରି କଳୁଷିତ ହୋଇଛି। ବିବାହ ପରେ ଅନୈତିକ ସମ୍ପର୍କ, ପରକୀୟା ପ୍ରୀତି ଆଦି କାରଣରୁ ବିବାହ ବିଚ୍ଛେଦର ଧାରା ବ୍ୟାପକ ହୋଇଛି। ତଥାପି ଏସବୁ ଏକ ସରହଦ ଭିତରେ ସୀମିତ ଥିଲା। କିନ୍ତୁ ଏବେଏବେ ଏପରି ଘଟଣାମାନ ଘଟୁଛି ଯେ ଉଭୟଙ୍କ ଉପରୁ ଉଭୟଙ୍କ କେବଳ ଆସ୍ଥା ତୁଟିଯାଉନି, ସମ୍ପର୍କର ଶିଳାନ୍ୟାସରୁ ସନ୍ଦେହର ନିଆଁରେ ଦୁଇଜଣ କୁହୁଳିବାକୁ ଲାଗୁଛନ୍ତି। ପ୍ରେମ ପ୍ରଣୟରେ ଛନ୍ଦି ହୋଇ ପରସ୍ପରର ଛାଇ ପାଲଟିବା ପରିବର୍ତ୍ତେ ଉଭୟ ଉଭୟଙ୍କ ଛାଇ ଦେଖିଲେ ଭୂତ ଦେଖିବା ସଦୃଶ ଡରିବାକୁ ବାଧ୍ୟ ହେଉଛନ୍ତି।

ବିବାହର ଅର୍ଥ କେବଳ ଶାରୀରିକ ମିଳନ ନୁହେଁ, ସ୍ୱର୍ଗୀୟ ଅନୁବନ୍ଧନର ଏକ ସ୍ମାରକୀ। ଏହା ଦୈହିକ ସମ୍ପର୍କଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ। ଉଭୟ ଉଭୟଙ୍କ ପାଖରେ ନିଃସର୍ତ୍ତ ସମର୍ପଣ କରିଦେବାର ଏକ ମହନୀୟ ଉପଲବ୍ଧି। ବୈବାହିକ ସମ୍ପର୍କ ଅତୁଟ ରଖିବାରେ ଉଭୟ ପତି ଓ ପତ୍ନୀଙ୍କ ଭୂମିକା ସମାନ। ଏହି ଗୁରୁଦାୟିତ୍ୱ ଉଭୟଙ୍କ ଉପରେ ସମାନ ଭାବେ ନ୍ୟସ୍ତ ଆଉ ବିଗିଡ଼ିବାରେ ଉଭୟ ସମ ପରିମାଣରେ ଦାୟୀ।

ପୂର୍ବରୁ ଆର୍ଥିକ ଦୁରବସ୍ଥା ଯୋଗୁଁ ବୈବାହିକ ସମ୍ପର୍କ ଭାରସାମ୍ୟ ହରାଉଥିଲା। ସନ୍ତାନସନ୍ତତି ଜନିତ ନିଃସଙ୍ଗତା କାରଣରୁ ସମ୍ପର୍କରେ ସଙ୍କଟ ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଆଉ ଏ ସ୍ଥିତି ନାହିଁ। ଉଦାରୀକରଣ ଅର୍ଥନୀତି ପରେ ଆର୍ଥିକ ସ୍ଥିତିରେ ଅନେକ ପରିମାଣରେ ସୁଧାର ଆସିଛି। ଚିକିତ୍ସା ବିଜ୍ଞାନର ଚମତ୍କାରିତା ଫଳରେ ଦ୍ୱିତୀୟ ସମସ୍ୟା ମଧ୍ୟ ବହୁଳ ଭାବେ ସମାଧାନ ହୋଇଛି। କିନ୍ତୁ ଏବେ ଦେଖାଯାଉଛି ଯେ ବିବାହ ପୂର୍ବରୁ ସମ୍ପର୍କ ବିବାହ ପରର ସମ୍ପର୍କ ଭାଙ୍ଗିବାରେ ମୁଖ୍ୟ କାରକ ଭାବେ ଉଭାହୋଇଛି। ହାତଗଣ୍ଠି ପଡ଼ିବା ବେଳଠୁ ତଦଜନିତ ଆଶଙ୍କା ଓ ଭୟ ଏତେ ଡରାଇଦେଉଛି ଯେ ମଣିଷଟି ଖୁବ୍ ଆତଙ୍କିତ ହୋଇପଡୁଛି। ପାରିବାରିକ ବାଧ୍ୟବାଧକତା ଯୋଗୁଁ ହୋଇଥିବା ବିବାହଠୁ ମୁକ୍ତି ପାଇବାକୁ ଯୋଜନା କରୁଛି। ଏଥିରେ ଉତପ୍ରେରକ ସାଜୁଛି ପୂର୍ବତନ ପ୍ରେମିକ ଅଥବା ପ୍ରେମିକା। ଫଳସ୍ୱରୂପ ସୋନମ-ରଘୁବଂଶୀ ଏବଂ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ପରି ଘଟଣା ଘଟୁଛି। ପୂର୍ବ ସମ୍ପର୍କ କାରଣରୁ ଯେଉଁ କ୍ଷେତ୍ରରେ ବିବାହ ହେଉନି ତ ଖବ୍ ଭଲ। ଯେଉଁ କ୍ଷେତ୍ରରେ ହେଉଛି, ସେଠାରେ ସ୍ୱାମୀ ଓ ସ୍ତ୍ରୀକୁ ପ୍ରଥମେ ଏଥିରୁ ବାହାରିବାକୁ ପଡ଼ିବ। ସମ୍ପର୍କ ଗଢ଼ିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଜୀବନକୁ ନେଇ ବିଶ୍ଳେଷଣ କିମ୍ବା ବ୍ୟବଚ୍ଛେଦ କରିବା ଅନୁଚିତ। ବରଂ ଜୀବନ ବଞ୍ଚିବା ଶିଖିବା ଆବଶ୍ୟକ। ଏକଥା ବି ସତ ଯେ ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ବୈବାହିକ ଜୀବନ ବି ଯାବତୀୟ ଝିଟରେ ଛନ୍ଦା। କିନ୍ତୁ ତା' ଭିତରେ ଅତୀତର ଅସ୍ଥାୟୀ ସମ୍ପର୍କକୁ ଭୁଲି ବର୍ତ୍ତମାନ ବିତୁଥିବା ଜୀବନର ସୁନ୍ଦରପଣକୁ ଖୋଜି ବାହାର କରିବାକୁ ପଡ଼ିବ। ●

ଭୁବନେଶ୍ୱର, ମୋ: ୯୪୩୮୨୯୦୪୯୧

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ସମ-ୟେ ବୌଦ୍ଧ ମହାବିହାର ପ୍ରତିଷ୍ଠା ପରେ ଏବଂ ବୌଦ୍ଧଧର୍ମକୁ ରାଜ୍ୟ ଧର୍ମ ଭାବେ ରାଜକୀୟ ସ୍ୱୀକୃତି ମିଳିଯିବା ପରେ ପଦ୍ମସମ୍ଭବ ତିବ୍ବତୀୟ ବୌଦ୍ଧଧର୍ମ ମଧ୍ୟରେ ପୁରାଣ କଥାର ନାୟକ ଭଳି ଚିରକାଳ ପାଇଁ ଖ୍ୟାତ ହୋଇଗଲେ। ଶାନ୍ତରକ୍ଷିତ ଓ ପଦ୍ମସମ୍ଭବ ଉଭୟେ ବୌଦ୍ଧ ଶାସ୍ତ୍ର ଓ ତାନ୍ତ୍ରିକ ବୌଦ୍ଧଧର୍ମର ଗ୍ରନ୍ଥ ମଧ୍ୟରେ ଶ୍ଳୋକାବଦ୍ଧ ହୋଇ ତିବ୍ବତରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ପଦ୍ମସମ୍ଭବ ରାଜା ଖ୍ରୀ-ସ୍ତନ୍‌ଙ୍କୁ ଉଭୟ ବଜ୍ରକୀଳ ଓ ହୟଗ୍ରୀବ ଉପାସନାରେ ଦୀକ୍ଷିତ କରିଥିଲେ। ରାଜା ହୟଗ୍ରୀବ ସାଧନାରେ ଅଧିକ ମନୋନିବେଶ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ପଦ୍ମସମ୍ଭବ ସେଠାରେ ସୈଦ୍ଧାନ୍ତିକ ଭାବେ 'ଦ୍ୱିତୀୟ ବୁଦ୍ଧ' ରୂପେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବା ସହ ପ୍ରତିଷ୍ଠା ଲାଭ କରିଥିଲେ। ଏପରିକି ତିବ୍ବତରେ ସେ ବୁଦ୍ଧଙ୍କ ଅପେକ୍ଷା ଅଧିକ ସମ୍ମାନର ଅଧିକାରୀ ହୋଇଥିଲେ। ହିମାଳୟ ଅଞ୍ଚଳର ଦେଶମାନଙ୍କରେ ସେ ଜଣେ ଅତ୍ୟନ୍ତ ଅଲୌକିକ କ୍ଷମତାସଂପନ୍ନ ମହାପୁରୁଷ ରୂପେ ଚିତ୍ରିତ ହୋଇଛନ୍ତି।



ଦ୍ୱିତୀୟ-ବୁଦ୍ଧ କଥା

ତାଙ୍କର ପ୍ରତିଛବିରେ ମସ୍ତକରେ ଧାରଣ କରିଥିବା ମୁକୁଟରେ ସୂର୍ଯ୍ୟ ଓ ଚନ୍ଦ୍ର (ସର୍ବଗୁଣ ସଂପନ୍ନତାର ପ୍ରତୀକ), ବୃହତ୍କାୟ ହୀରା (ଦୁର୍ଜୟର ପ୍ରତୀକ) ଓ ମୟୂରଚନ୍ଦ୍ରିକା (ନିଷ୍ପାପର ପ୍ରତୀକ) ରହିଛି। ସେହିପରି ଗୋଟିଏ ହାତରେ ବଜ୍ରସ୍ୱରୂପ ରାଜଦଣ୍ଡ ଏବଂ ଅନ୍ୟ ହାତରେ ଖପୁରୀରେ ରକ୍ତ ଧାରଣ କରିଥିବା, ତୀକ୍ଷ୍ଣ ମୁକୁଳା ଦାନ୍ତ ସହ ବେକରେ ମଣିଷ ମୁଣ୍ଡର ମାଳା ପିନ୍ଧିଥିବା ଏବଂ ଗୋଟିଏ ମହାବଳ ବାଘ ଉପରେ ବସି ହାତରେ ଡମ୍ବରୁ ବଜାଉଥିବା ଦେଖାଯାଏ।

ତିବ୍ବତରେ ତାଙ୍କ ସଫଳତାର ମୁଖ୍ୟ ରହସ୍ୟ ହେଉଛି ସେ ଜଣେ ଶୁଦ୍ଧ ବୌଦ୍ଧ ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ବୌଦ୍ଧତାନ୍ତ୍ରିକ ଥିଲେ। ସେ ଥିଲେ ମୂଳ ଉଡ୍ଡୀୟାନ ବାସନ୍ଦା। ତାଙ୍କ ପିତା ମଧ୍ୟ ଥିଲେ ଖ୍ୟାତନାମା ସିଦ୍ଧ (୮୪ ସିଦ୍ଧ) ଏବଂ ଚକ୍ରସମ୍ବର ସଂପ୍ରଦାୟର ଜଣେ ଅତ୍ୟନ୍ତ ଖ୍ୟାତିସମ୍ପନ୍ନ ତାନ୍ତ୍ରିକ। ରାଜାଇନ୍ଦ୍ରଭୂତି ପଦ୍ମସମ୍ଭବ ମହାଯାନ ବୌଦ୍ଧ ଧର୍ମର ଯୋଗାଚାର ଶାଖାର କର୍ମକାଣ୍ଡ ବହୁଳ ଦୀକ୍ଷାଦାନରେ ବିଶେଷ ଅଭିଜ୍ଞ ଥିଲେ। ତାଙ୍କର ସଂସ୍କୃତ ଗ୍ରନ୍ଥ 'ସମୟପଞ୍ଚଶିଳା' ତିବ୍ବତୀୟ ଭାଷାରେ ଅନୂଦିତ ଅବସ୍ଥାରେ ସେଠାରେ ସଂରକ୍ଷିତ। ବୌଦ୍ଧ ଓ ବୌଦ୍ଧ ତନ୍ତ୍ର ଗ୍ରନ୍ଥ ସୃଷ୍ଟିରେ ମଧ୍ୟ ତାଙ୍କର ଉଲ୍ଲେଖଯୋଗ୍ୟ ପାଣ୍ଡିତ୍ୟ ରହିଛି।

ତିବ୍ବତ ଓ ହିମାଳୟ ଅଞ୍ଚଳରେ ଏତେ ଅଧିକ ପରିଚୟ ପଦ୍ମସମ୍ଭବ ଅର୍ଜନ କରିଥିବା ବେଳେ ଭାରତୀୟ ବୌଦ୍ଧଧର୍ମର ଇତିହାସରେ ସେ ଦେଖିବାକୁ ମିଳନ୍ତି ନାହିଁ। ତିବ୍ବତରେ ସେ କିଛିବର୍ଷ ରହିଥିଲେ ମଧ୍ୟ ସେଠାରେ ତାଙ୍କର ଧାର୍ମିକ ଓ ସାମାଜିକ କାର୍ଯ୍ୟ ତାଙ୍କ ପାଇଁ ଅଜସ୍ର ଖ୍ୟାତି ଆଣିଦେଇଛି। ସେଠାରେ ସେ ରହିବା କାଳରେ ତିବ୍ବତ ସବୁକ୍ଷେତ୍ରରେ ଉନ୍ନତି ସାଧନ କରିପାରିଥିଲା। ଶସ୍ୟଅମଳ ଆଶାନୁରୂପ ହୋଇଥିବା ସହ ଜନସଂଖ୍ୟା ବୃଦ୍ଧି ପାଇଥିଲା ଏବଂ କୌଣସି ପ୍ରକାର ଅଘଟଣ ଘଟି ନଥିଲା। ରାଜନୈତିକ ଓ ଧାର୍ମିକ କାର୍ଯ୍ୟକଳାପ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା। ରାଜା ଖ୍ରୀ-ସ୍ରନ୍‌ଙ୍କର ଜୀବଦଶାରେ 'ବନ୍' ଧର୍ମକୁ ଅବଦମିତ କରାଯାଇ ପାରିଥିଲା। ବୌଦ୍ଧ ଧର୍ମ ଯାହା ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା, ତାହା ସମଗ୍ର ତିବ୍ବତରେ ପ୍ରସାରିତ ହେବା ସହ ଏକ ସମୃଦ୍ଧଶାଳୀ ଧର୍ମରେ ପରିଣତ ହୋଇପାରିଥିଲା।

ସମ୍-ୟେ ମହାବିହାର ନିର୍ମାଣ ଶେଷ ହୋଇଯିବା ପରେ ଉଭୟ ଶାନ୍ତରକ୍ଷିତ ଓ ପଦ୍ମସମ୍ଭବଙ୍କ ପରାମର୍ଶକ୍ରମେ ରାଜା ଭାରତ ଏବଂ ଆଖପାଖ ଅନ୍ୟ ଦେଶରୁ ବୌଦ୍ଧ ଗ୍ରନ୍ଥ ଶିକ୍ଷା ଦେବା ଏବଂ ଅନୁବାଦ କରିବା ନିମିତ୍ତ ବୌଦ୍ଧପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇଲେ। ରାଜାଙ୍କ ପୃଷ୍ଠପୋଷକତାରେ ଶହ ଶହ ବୌଦ୍ଧ ଓ ଅନ୍ୟାନ୍ୟ ଶାସ୍ତ୍ରସବୁ ତିବ୍ବତୀୟ ଭାଷାରେ ଅନୁବାଦ କରାଯାଇଥିଲା। ବୌଦ୍ଧବିହାର ଓ ଶିକ୍ଷାକେନ୍ଦ୍ରମାନ ଗଢ଼ାଗଲା ଏବଂ ସମଗ୍ର ତିବ୍ବତରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ କରିପାରିଥିଲା। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I.E. BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଝାଡ଼ାବାନ୍ତି ବ୍ୟାପିବା ଘଟଣା : ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ**

# ସୁଧୁରୁଛି ଯାଜପୁର ସମେତ ୫ ଜିଲ୍ଲା ସ୍ଥିତି

■ ଜାରି ରହିଛି ଜଳ ବିଶୁଦ୍ଧତା ଓ ସଚେତନତା

■ ନିୟୋଜିତ ହୋଇଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ

ଭୁବନେଶ୍ୱର, ୨୦।୬ (ସମିସ): ଦୀର୍ଘ ୧୪ ଦିନ ପରେ ରାଜ୍ୟରେ ଡାଇରିଆ ସଂକ୍ରମଣରେ ସାମାନ୍ୟ ସୁଧାର ଆସିଛି। ଡାଇରିଆର ଉତ୍ପତ୍ତି ଯାଜପୁର ଜିଲ୍ଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳରେ ମଧ୍ୟ ନୂଆ ଆକ୍ରାନ୍ତଙ୍କ ପରିମାଣ କମିଛି। ଏହି ୫ଟି ଜିଲ୍ଲାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ହୁ'ହୁ' ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସମେତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ। ଏହା ଦ୍ୱାରା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ.ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି।

ସରକାରୀ ସୂଚନାନୁସାରେ, ଯାଜପୁର ଜିଲ୍ଲାରେ, ୧୦ ଜୁନ୍‌ରେ ୧୨୬ଟି ମାମଲା ରେକର୍ଡ ହୋଇଥିଲା। ୧୧ ଜୁନ୍‌ରେ ଏହା ୧୫୦ଟି ନୂଆ ମାମଲା ସହ ଶୀର୍ଷରେ ପହଞ୍ଚିଥିଲା। ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ନଗରପାଳିକା ଅଞ୍ଚଳରେ ଜୁନ୍ ୧୨ଠାରୁ ମାମଲା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହି ଦିନ ମୋଟ ୧୩୫ଟି ନୂଆ ମାମଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୧୫ରେ ୧୨୧କୁ ଓ ୧୮ରେ ୯୧କୁ ହ୍ରାସ ପାଇଥିଲା। ଗତକାଲି ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ୭୧ଟି ନୂଆ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମଣ ଆରମ୍ଭରୁ ଗୁରୁବାର ରାତି ସୁଦ୍ଧା ୧୧୨୭ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏଥିରୁ ୧୦୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବାବେଳେ ମାତ୍ର ୮୨ଜଣ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲାରେ ୧୦ ଜୁନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୯ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯାହା ୧୨ରେ ୪୪କୁ ଓ ୧୮ରେ ୩୮କୁ ହ୍ରାସ ପାଇଥିଲା। ଗତକାଲି ରାତି ସୁଦ୍ଧା, ଜିଲ୍ଲାରେ ମୋଟ ନୂଆ ମାମଲା ୧୭କୁ ସୀମିତ ଥିଲା। ଗତକାଲି ରାତି ସୁଦ୍ଧା ମୋଟ ୪୯୭ ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୪୫୪ଜଣ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ ଏବଂ ୩୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ବର୍ତ୍ତମାନ ରାଜ୍ୟବ୍ୟାପୀ ଡାଇରିଆ ବିରୋଧୀ ଅଭିଯାନ ଚାଲିଛି। ବିଶେଷକରି ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ଜିଲ୍ଲାଗୁଡ଼ିକରେ ସଂକ୍ରମଣ ଶୀର୍ଷରେ ଥିଲା। ଏବେ ତାହା ହ୍ରାସ ପାଇବା ଆରମ୍ଭ ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ଅତିରିକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିଲେ। ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶା କର୍ମୀ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଦି ସ୍ତରରେ ପର୍ଯ୍ୟାପ୍ତ ଔଷଧ, ଫ୍ଲୁଇଡ୍ ଓ ଇଞ୍ଜେକ୍ସନ ଆଦି ମହଜୁଦ୍ ରଖାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଦଳମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ନିରୀକ୍ଷଣ ଓ ମାର୍ଗଦର୍ଶନ କରୁଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଘରେଘରେ ସଚେତନତା ଅଭିଯାନ ବ୍ୟାପକ କରାଯାଇଛି।

**ଅଣସରରେ ଗୁପ୍ତ ସେବା**

## ଚକାକୁ ବିଜେ ହେଲେ ଦାରୁଦିଅଁ

ପୁରୀ୨୦।୬ (ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ମଙ୍ଗଳବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

■ ଆସୁଛି ରଥଯାତ୍ରା

## ରଥ ପାଇଁ ଆସେ ପାଞ୍ଚଥର ଆଜ୍ଞାମାଳ

ପୁରୀ, ୨୦।୬ (ସମିସ): ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହିଁ ଅନୁଷ୍ଠିତ ହୋଇଆସୁଛି। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ, ସ୍ୱୟଂ ମହାପ୍ରଭୁ ଏହି ଯାତ୍ରା କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାତ୍ରା ନିମନ୍ତେ ତିନିରଥ ଶିଳ୍ପ ଶାସ୍ତ୍ରାନୁଯାୟୀ ପାରମ୍ପରିକ ଶିଳ୍ପୀମାନେ ନିର୍ମାଣ କରିଥା'ନ୍ତି। ରଥକାର୍ଯ୍ୟ ଆରମ୍ଭରୁ ମହାପ୍ରଭୁଙ୍କର ଦୃଷ୍ଟି ରଥଗୁଡ଼ିକ ଉପରେ ନିବଦ୍ଧ ରହିଥାଏ। ଅର୍ଥାତ୍ ରଥ ପାଇଁ ପାଞ୍ଚଥର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିଥାଏ।

ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିନ ତିବିବାଡରୁ ତିନିଗୋଟି ଆଜ୍ଞାମାଳ ରଥଖଳାକୁ ବିଜେ ହୁଅନ୍ତି। ତିନିରଥ ପାଇଁ ପ୍ରସ୍ତୁତ ଥିବା ତିନିଖଣ୍ଡ କାଠରେ ପୂଜାପଣ୍ଡା ସାମନ୍ତ ଏହି ଆଜ୍ଞାମାଳ ଲାଗି କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ତିନିରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏହି କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିବା ପାଇଁ ଦାରୁବିଗ୍ରହଙ୍କ ନିକଟରୁ ପୁନଶ୍ଚ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବା ଚନ୍ଦନ ଯାତ୍ରାର ଭଉଁରୀ ଦିନ ଆଜ୍ଞାମାଳ ଆସି ତିନିରଥର ୬ ଚକ ଓ ୩ ଅଖରେ ଲାଗି କରାଯାଇଥାଏ। ଏହି ଦିନ ତିନିରଥର ୨ଟି ଲେଖାଏଁ ଚକ ୩ଟି ଅଖରେ ଯୋଡ଼ାଯାଏ। ଏହାକୁ ଚକ ଡେରା ନୀତି କହନ୍ତି। ପୁନଶ୍ଚ ରଥଯାତ୍ରା ପୂର୍ବଦିନ ନିର୍ମାଣ କାର୍ଯ୍ୟ ସରିବା ପରେ ରଥଗୁଡିକୁ ସିଂହଦ୍ୱାରକୁ ଟାଣିନେବା ପାଇଁ ଠାକୁରମାନଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ। ଏହି ଆଜ୍ଞାମାଳ ପାଇବା ପରେ ତିନିରଥ ସିଂହଦ୍ୱାରକୁ ଆସନ୍ତି। ରଥଖଳାରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ହୋଇ ସିଂହଦ୍ୱାରରେ ଏକ ସରଳ ରେଖାରେ ଅବସ୍ଥାନ କରିଥାନ୍ତି। ସେହିଦିନ ରାତ୍ରିରେ ତିନିରଥର ଦଧିନଉତିରେ ଲାଗିବାକୁ ଥିବା ୯ଟି କଳସଙ୍କୁ ତିନିବାଡର ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ପ୍ରଥମେ ଏହି କଳସଗୁଡ଼ିକୁ ଜୟବିଜୟ ଦ୍ୱାରକୁ ଅଣାଯାଇଥାଏ। ସନ୍ଧ୍ୟାଧୂପ ସରିବା ପରେ ଜଣେ ପୂଜାପଣ୍ଡା ତିନିବାଡ଼ରୁ ଆଜ୍ଞାମାଳ ନେଇ ତିନିକଳସଙ୍କୁ ଦେଇଥାନ୍ତି। ଚାଙ୍ଗଡ଼ା ମେକାପ ତିନିଖଣ୍ଡ ପଟନୀ ଶାଢ଼ି ଦିଅନ୍ତି ଓ ପୂଜାପଣ୍ଡା ତିନି କଳସରେ ବାନ୍ଧନ୍ତି। ଏହାପରେ କୋଠ ସୁଆଁସିଆମାନେ କଳସ ନେଇ ରଥରେ ବାନ୍ଧିଥା'ନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଲାଗୁଥିବା କଳସ ତ୍ରୟର ନାମ ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଲାଗୁଥିବା କଳସ ତ୍ରୟ ହେଲେ ନଭ, ଆକାଶ ଓ ବ୍ୟୋମ।

ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥଗୁଡ଼ିକୁ ତିନିବାଡ଼ରୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଏହିଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ତିନିଖଣ୍ଡ ନେଇ ଘଣ୍ଟ, ଛତା ଓ କାହାଳୀ ସହ ତିନିରଥ ନିକଟକୁ ଯାଇ ପ୍ରଦାନ କରନ୍ତି। ଏହାପରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଇଥାଏ। ଏହିପରି ଭାବେ ସମୁଦାୟ ପାଞ୍ଚଥର ରଥ ନିମନ୍ତେ ଠାକୁରମାନେ ଆଜ୍ଞମାଳ ପ୍ରଦାନ କରିଥା'ନ୍ତି। ରଥ ନିର୍ମାଣଠାରୁ ରଥଯାତ୍ରାକାଳୀନ ସମସ୍ତ କାର୍ଯ୍ୟ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥାଏ ବୋଲି ଡ. ଦାଶ କହିଛନ୍ତି।

## ଜାମିନ ପାଇଁ ହାଇକୋର୍ଟ ଗଲେ ଧୀମାନ ଚକମା



ଭବାନୀପାଟଣା, ୨୦।୬ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଜଣେ କ୍ରସର ମାଲିକଙ୍କଠାରୁ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଗିରଫ କରିଥିଲା। ଏବେ ସେ ଜେଲ୍‌ରେ ଅଛନ୍ତି। ଗତ ୧୭ତାରିଖରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ସେହିଭଳି ଏହା ଭିତରେ ସମ୍ପୃକ୍ତ ବ୍ୟବସାୟୀଙ୍କ ସହ ଉପ ଜିଲ୍ଲାପାଳଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ମ୍ୟାଚ ପାଇଁ ଆବଶ୍ୟକ ପରୀକ୍ଷା (ସ୍ପେକ୍ଟ୍ରୋ ଗ୍ରାଫି ଟେଷ୍ଟ) କରାଯାଇଛି। ଶେଷରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିବା ତାଙ୍କ ଓକିଲ ଦିଲ୍ଲୀପ ସା କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ପ୍ରଧାନମନ୍ତ୍ରୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ସମୃଦ୍ଧ ଓଡିଶା ଏବଂ ଦେଶ ବିକଶିତ ଭାରତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଜେପି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ଏକ ରୋଡ ଶୋରେ ପ୍ରଧାନମନ୍ତ୍ରୀ ଜନତା ମଇଦାନ ଆସିଥିଲେ।

### ଘମାଘୋଟ ଲଢ଼େଇ...

ଦେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଚେତାବନୀ ଦେଇଛନ୍ତି। ସାମରିକ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ନେତାନ୍ୟାହୁ କହିଛନ୍ତି। ଦ୍ୱିତୀୟବିଶ୍ୱଯୁଦ୍ଧ ପରେ କ୍ଲଷ୍ଟର ବୋମାକୁ ନିଷିଦ୍ଧ କରାଯାଇଥିଲା। ମାତ୍ର ଏହାକୁ ବ୍ୟବହାର କରି ଇରାନ ଯୁଦ୍ଧ ଅପରାଧ କରିଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ସେହିପରି ଇସ୍ରାଏଲ ମଧ୍ୟ ଆଜି ଇରାନ ପରମାଣୁ ଏବଂ ସାମରିକ ଠିକଣାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ସୋରକୋ ହସ୍ପିଟାଲ ଆଦିକୁ ନିଶାଣ କରି ଶହେରୁ ଅଧିକ ଆତ୍ମଘାତୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ ପକ୍ଷରୁ କୁହାଯାଇଛି। ଆଣବିକ କେନ୍ଦ୍ରରେ ଆକ୍ରମଣକୁ ଇରାନ ବିଦେଶ ମନ୍ତ୍ରୀ ଗମ୍ଭୀର ଯୁଦ୍ଧ ଅପରାଧ କହିଛନ୍ତି।

ଏହା ପୂର୍ବରୁ ସକାଳେ ବିର୍ସେବାରେ ଥିବା ମାଇକ୍ରୋସଫ୍ଟ ଅଫିସ ନିକଟରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ଦ୍ୱାରା ଅନେକ କାର୍‌ରେ ନିଆଁ ଲାଗି ଯାଇଥିଲା। ଏହା ମଧ୍ୟରେ ଇରାନ ଭାରତ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି। ଅପରେସନ ସିନ୍ଧୁ ଅଧଇନରେ ଭାରତ ସରକାର ଆଗାମୀ ଦୁଇ ଦିନ ମଧ୍ୟରେ ୩ଟି ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ପ୍ରାୟ ହଜାରେ ଭାରତୀୟଙ୍କୁ ଉଦ୍ଧାର କରିବେ। ଏହି ବିମାନ ଇରାନର ମସହଦରୁ ଉଡାଣ ଆରମ୍ଭ କରି ଦିଲ୍ଲୀରେ ଅବତରଣ କରିବ। ଅନ୍ୟପକ୍ଷରେ ଆମେରିକା ପକ୍ଷରୁ କୁହାଯାଇଛି ଯେ ପରମାଣୁ ଅସ୍ତ୍ର ପ୍ରସ୍ତୁତି ଲାଗି ଇରାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଦେଶ ଦେଲେ କିଛି ସପ୍ତାହ ମଧ୍ୟରେ ପରମାଣୁ ବୋମା ପ୍ରସ୍ତୁତ କରିହେବ। ଯଦି ଇରାନ ଏହାର କରିଦିଏ ତେବେ କେବଳ ଇସ୍ରାଏଲ ନୁହେଁ, ବରଂ ଆମେରିକା ସହିତ ସାରା ବିଶ୍ୱର ସୁରକ୍ଷା ବିପଦରେ ପଡ଼ିଯିବ ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନା ଲେଭିଟ କହିଛନ୍ତି। ସୂଚନା ଅନୁଯାୟୀ ଏହି ଯୁଦ୍ଧରେ ଇରାନରେ ୬୫୭ ଜଣ ଏବଂ ଇସ୍ରାଏଲର ୨୪ ଜଣ ପ୍ରାଣ ହରାଇଲେଣି।

### ରାଜ୍ୟ ବାହାରୁ...

ହୋଇଥିବାରୁ ମାସିକ ଏତେ ଟଙ୍କା ଖର୍ଚ୍ଚ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଔଷଧ ନ ଖାଇଲେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବା ସହ ଜୀବନ ପ୍ରତି ମଧ୍ୟ ବିପଦ ରହିଛି।

ସେ ଆହୁରି କହିଛନ୍ତି ଯେ, ଗତ ମେ' ୨୫ରେ ବିଶାଖାପାଟଣା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଆୟୁଷ୍ମାନ କାର୍ଡରେ କରାଯାଇଥିଲା। କିନ୍ତୁ ଏହି କାର୍ଡ ମାଧ୍ୟମରେ ଔଷଧ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଥିଲା। ଚିକିତ୍ସାଳୟ କାଉଣ୍ଟର୍ କର୍ମଚାରୀଙ୍କଠାରୁ ଉତ୍ତର ପାଇବା ପରେ ତାଙ୍କ ପରିବାରଲୋକଙ୍କ ମୁଣ୍ଡରେ ଚଡ଼କ ପଡିଥିଲା। ଗତ ୫ବର୍ଷ ହେଲା ବିଏସ୍‌କେୱାଇ କାର୍ଡରେ ବିନା ଟଙ୍କା ଖର୍ଚ୍ଚ କରି ଚିକିତ୍ସା ଏବଂ ମାଗଣା ଔଷଧ ପାଉଥିବା ବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନା ତାଙ୍କ ପାଇଁ କାଳ ସାଜିଥିବା ରୋଗୀ ରମେଶଙ୍କ ପତ୍ନୀ ବି. ଶ୍ରୀଦେବୀ ପ୍ରକାଶ କରିଛନ୍ତି। ତେଣୁ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିକଟରେ ସେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ପୌରସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇ କୌଣସି ବ୍ୟବସ୍ଥା କରିବାକୁ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଆଶ୍ୱସନା ଦେଇଥିବା ସେମାନେ କହିଛନ୍ତି।

### ଚିକିତ୍ସା ପାଇଁ...

ସମୟରେ ଅନେକ ମହିଳାଙ୍କ ଆଖିଲେ ଲୁହ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିମାନ ବନ୍ଦର ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଆମ ଦଳର ନେତା ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି। ଲୋକଙ୍କ ମନରେ ନବୀନଙ୍କ ପ୍ରତି ଥିବା ସମ୍ମାନ ଆଜି ନବୀନ ନିବାସରୁ ବିମାନବନ୍ଦରରେ ପ୍ରତିଫଳିତ ହୋଇଛି। ସେମାନଙ୍କ ମଧ୍ୟରେ ମହିଳା, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଅଛନ୍ତି। ଦଳମତ ନିର୍ବିଶେଷରେ ଲୋକମାନେ ନବୀନଙ୍କୁ ଭଲ ପାଆନ୍ତି। ନବୀନ ସୁସ୍ଥ ହୋଇ ଶୀଘ୍ର ଫେରିଆସନ୍ତୁ ବୋଲି ସମସ୍ତେ କାମନା କରୁଛନ୍ତି। ନବୀନ ସର୍ଭିକାଲ ଆର୍ଥ୍ରାଇଟିସରେ ପୀଡିତ ହୋଇଥିବା ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଏହା ସହ ମୁମ୍ବାଇରେ ବରିଷ୍ଠ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶ୍ରୀ ପଟ୍ଟନାୟକଙ୍କ ଚିକିତ୍ସା ହେବ ବୋଲି ନବୀନ ରାଜ୍ୟବାସୀଙ୍କୁ ଅବଗତ କରାଇଥିଲେ। ନବୀନଙ୍କ ଏହି ସୂଚନା ପରେ ବହୁ ବିଶିଷ୍ଟ ବ୍ୟକ୍ତି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଦଳମତ ନିର୍ବିଶେଷରେ ବହୁ ନେତା ମଧ୍ୟ ନବୀନଙ୍କ ଉତ୍ତମ ଚିକିତ୍ସା କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

### ୫୦ରୁ ଊର୍ଦ୍ଧ୍ୱ...

ଅପରପେକ୍ଷ, ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାର ସବୁ ବିଭାଗୀୟ କର୍ମଚାରୀଙ୍କର ଛୁଟି ବାତିଲ୍ କରାଯାଇଛି। ଏପରିକି, ମୁଖ୍ୟାଳୟ ନ ଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସରେ ହୋଇଥିବା ଏହି ବୈଠକରେ ୪ଟି ବ୍ଲକ୍(ଜଳେଶ୍ୱର, ବାଳିଆପାଳ, ବାସ୍ତା ଓ ଭୋଗରାଇ)ର ବିଡିଓ ଓ ତହସିଲଦାର ଯୋଗ ଦେଇଥିଲେ। ସମସ୍ତଙ୍କୁ ୨୪ଘଣ୍ଟା ଆଲର୍ଟରେ ରହିବା ଏବଂ ବ୍ୟକ୍ତିଗତ ଭାବେ ସମ୍ବେଦନଶୀଳ ଅଞ୍ଚଳକୁ ଯାଇ ସ୍ଥିତିର ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ଆଜି ଅପରାହ୍ଣ ସୁଦ୍ଧା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର, ବିଷ୍ଣୁପୁର, ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଜାମକୁଣ୍ଡା ପଞ୍ଚାୟତର ନଖପାଳ, କୁହ୍ଲାଚଡ଼, ତାଳପଦା, ପାଳଜାମକୁଣ୍ଡା, ମଧୁପୁରା ପଞ୍ଚାୟତର ଚଡବସ୍ତି, କାଳରୁହି, ପଞ୍ଚୁରୁଖୀ, ମଧୁପୁରା, ଚୌଧୁରୀକୁଦ, ନିଖିରା ପଞ୍ଚାୟତର ପାଳବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଗୁଆପଡ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଥିଲା ବେଳେ ଜଳେଶ୍ୱରର ରାୟା ରାମଚନ୍ଦ୍ରପୁର, ପଶ୍ଚିମବାର୍ଡ, ଝାଡ଼ପିପଳ, ପାଇକସିଦା, ଗଡ଼ ସାହି ବାଲିଆପାଳ, ତୋଟାପଡ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି।

ସେହିପରି ଭୋଗରାଇ ବ୍ଲକ୍‌ର ଆରୁହାବୃତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି, ବାର ବାଟିଆ, ହରିଣକୁଲି, ଖରିଦପିପଳ ପଞ୍ଚାୟତର ଆରୁହା ବୃତ୍ତି-୨, ଖରିଦପିପଳ, ନାଚିନ୍ଦା ପଞ୍ଚାୟତ ର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତ ର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା, କୁହ୍ଲା, ଅଡଙ୍ଗ ପନ୍ତେଇ,କୁମ୍ଭୀରଗଡ଼ି ଇତ୍ୟାଦି ଗାଁ ସହ ପୁଟିଣା, ଦାରୁହା, କରୁଆଡ଼ି,କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ବହୁ ଗାଁ ରେ ବନ୍ୟା ଜଳ ପ୍ରବେଶ କରୁଥିବା ସୂଚନା ମିଳିଛି। ଏପରିକି ନାଚିନ୍ଦା- ବାରବାଟିଆ ପ୍ରଧାନମନ୍ତ୍ରୀ ସଡ଼କ, ଦାହାର୍ଦ୍ଦା-ଚିରକୁଲା ସଡ଼କର ଅନେକ ଅଂଶ ଜଳରେ ବୁଡିଯାଇଥିବା ଜଣାପଡ଼ିଛି।

ସେହିପରି ତିନିଟି ବ୍ଲକର ପ୍ରାୟ ୧୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇଯାଇଛି। ଅନ୍ୟପକ୍ଷରେ ଖରିଦ ପିପଳ, ଆରୁହାବୃତ୍ତି ଓ କୁମ୍ଭୀରଗଡ଼ି ପଞ୍ଚାୟତର ନଦୀକୂଳିଆ ଗାଁଗୁଡ଼ିକରେ ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ବନ୍ୟାରେ ବୁଡ଼ିଯାଇଛି। ବର୍ତ୍ତମାନ ସମୁଦ୍ର ଜୁଆରିଆ ନଥିବା ତଥା ସ୍ଥାନୀୟ ଅଞ୍ଚଳରେ ଉଦ୍‌ବୃତ୍ତ ବର୍ଷାଜଳ ନ ଥିବାରୁ ବନ୍ୟାପାଣି ସମୁଦ୍ରକୁ ସହଜରେ ନିଷ୍କାସନ ହୋଇପାରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ପ୍ରସ୍ତୁତି କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ମାନେ ପ୍ରସ୍ତୁତ ରହିଛନ୍ତି। ବିଶେଷକରି ଭୋଗରାଇ ବ୍ଲକ୍‌ର ଅଧିକ ଗାଁ ଜଳମଗ୍ନ ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ନିଆଯାଉଥିବା ସୂଚନା ମିଳିଛି।

ଅପରପକ୍ଷେ, ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନଭୂମି ଓ ବନ୍ୟାପ୍ରବଣ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ଏବଂ ପରିସ୍ଥିତି ଅଧିକ ଖରାପ ହେଲେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଆବଶ୍ୟକ ଔଷଧ ସଂଗ୍ରହ ଓ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ସମସ୍ତ ଗେଟ୍‌ର ଯାଞ୍ଚ କରିବା, ନିୟମିତ ଅନ୍ତରାୟରେ ଜଳସ୍ତର ମାପ କରିବା ଓ ଆବଶ୍ୟକ ଉପାୟ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଆବଶ୍ୟକ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଉପଲବ୍ଧ କରିବା ବାବଦରେ କୁହାଯାଇଛି।

## ଏନଆରଆରଆଇ ଦ୍ୱାରା ବିକଶିତ ୭ଟି ଧାନ କିସମକୁ ଅନୁମୋଦନ

କଟକ,୨୦।୬(ସମିସ): ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ)କଟକ ଦ୍ୱାରା ବିକଶିତ ସାତଟି ଉଚ୍ଚ-ଅମଳକ୍ଷମ ଧାନ କିସମକୁ ରାଜ୍ୟ ବିହନ ଉପ-କମିଟି ଓଡ଼ିଶାର ବିବିଧ କୃଷି-ପରିବେଶିକ ଅଞ୍ଚଳରେ ଚାଷ ପାଇଁ ଅନୁମୋଦନ କରିଛି। ଏହି ସମସ୍ତ କିସମଗୁଡ଼ିକ ପ୍ରମୁଖ କୀଟପତଙ୍ଗ ଏବଂ ରୋଗ ପ୍ରତି ସହନଶୀଳ, ଯାହା ଓଡ଼ିଶାର ଧାନ ଚାଷୀମାନଙ୍କୁ ଉନ୍ନତ ସ୍ଥିତିସ୍ଥାପକତା ଏବଂ ଉତ୍ପାଦକତା ପ୍ରଦାନ କରିବ। ନିରନ୍ତର କୃଷି ଏବଂ ଚାଷୀ ସମୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। ଏହି କିସମ ଗୁଡିକ ହେଲା ସି ଆର ଧାନ ୨୧୫ (ଇନ୍ଦୁମତି)- ଯାହା ଲୁଣିଆ ଏବଂ ଆନାରୋବିକ୍ ଅଙ୍କୁରଜନ ସହନଶୀଳତା ସହିତ ଏକ ଉଚ୍ଚ ଅମଳକାରୀ ଧାନ କିସମ। ଉପକୂଳ ଲବଣାକ୍ତ ଏବଂ ଜଳସେଚିତ ଜମିରେ ଚାଷ ପାଇଁ ଏହାକୁ ବିକଶିତ କରାଯାଇଛି। ସି ଆର ଧାନ ୩୨୫(ସଲିଳ) ହେଉଛି ଏକ ମଧ୍ୟମ ଅବଧି (୧୧୫-୧୨୦ ଦିନ) ଉଚ୍ଚ ଅମଳକାରୀ ବିହନ ଯାହା ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି। ସେହିଭଳି ସି ଆର ଧାନ ୩୩୪ (ସତ୍ୟଦେବ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ଉଚ୍ଚ ଅମଳକାରୀ ଲମ୍ବା ପତଳା ପ୍ରିମିୟମ୍ ଗୁଣବତ୍ତାପୂର୍ଣ୍ଣ ଶସ୍ୟ। ସି ଆର ଧାନ ୩୩୫ (ଆଲୋକ) - ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ପରିବେଶ ପାଇଁ ବିକଶିତ କରାଯାଇଥିବା ବେଳେ ସି ଆର ଧାନ ୬୦୪ (କଳ୍ପନା) – ଯାହା ଅଙ୍କୁରିତ ହେବା ସମୟରେ କମ୍ ତାପମାତ୍ରା ଏବଂ ପ୍ରଜନନ ପର୍ଯ୍ୟାୟରେ ଉତ୍ତାପ ସହ୍ୟ କରିପାରୁଥିବା ଧାନ ଶୁଷ୍କ ଋତୁ (ଡାଲୁଆ) ଚାଷ ପାଇଁ ବିକଶିତ କରାଯାଇଛି। ସି ଆର ଧାନ ୭୦୫ (ଗଙ୍ଗା) - ଏହା ଏକ ଲମ୍ବା ପତଳା ଦାନା ସହିତ ମଧ୍ୟମ ଅବଧିର ଏକ ସଙ୍କର ଧାନ କିସମ, ଓଡ଼ିଶାର ଜଳସେଚିତ, ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ଏବଂ ସିଧା ଛଟା ବୁଣା ପରିବେଶ ପାଇଁ ବିକଶିତ କରାଯାଇଛି।

Office of the Principal
Women's Degree College, Padampur
Dist.: Bargarh, Pin: 768036
Tender Call Notice
Invited sealed quotation from reputed Farms/ Agency/ Vendors to supply IT equipments at the college office by post / by hand on or before Dt. 25.06.2025.
For more details visit https://www.wdcpadampur.com
Sd/- Principal

AFFIDAVIT
By virtue of an affidavit sworn before the Executive Magistrate, Bhubaneswar vide C.F. No.68, dated-19/06/2025, I, Rajas Sunil Kolhatkar, Son of Sunil Kolhatkar, permanent resident of C1-503, Kumar Shantiniketan, Baner Pashan Link Road, Pashan, Pune-411021, Maharashtra, have changed my name from Rajas Kolhatkar to Rajas Sunil Kolhatkar. Henceforth, I shall be known as RAJAS SUNIL KOLHATKAR for all purposes.

SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & KJ Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

TO-LET
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

NOTICE
(for Minor)
By virtue of an affidavit sworn before Executive Magistrate, BALASORE, dated 20/06/2025 I, UPENDRA KUMAR SINGH, Address HOUSE NO. 143, KUNWAR SINGH COLONY, PO/PS – CHAS, DISTRICT – BOKARO STEEL CITY, JHARKHAND - 827013 declare that I have changed the name of my son from AYANSH KUMAR to AYANSH SINGH. Henceforth, he shall be known as AYANSH SINGH for all purpose.
UPENDRA KUMAR SINGH

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ

AFFIDAVIT
By virtue of an affidavit sworn before The Executive Magistrate, Bhubaneswar on 04/06/2025, I Sanjaya Kumar Swain, resident of 261/8, Near MKG College, PO- Mathakaragola, Dist-Dhenkanal, Odisha hereby affirm that in the School Records of my daughter Sameeksha Swain my name is wrongly recorded as Sanjay Kumar Swain. However, Sanjaya Kumar Swain and Sanjay Kumar Swain are same and one.

AFFIDAVIT
By virtue of an affidavit sworn before Executive Magistrate Danagadi, Dated: 28/3/25, I Raimuni Gagarai, Vill-Gadpur, P.O.-Khurunti, P.S.-Kalinganagar, Dist.-Jajpur, declare that I have changed my daughter's name from Mini Gagrai, D/o Kanhu Badara, D.O.B.- 01.01.2010 Nandita Hembram, D/o- Kanhu Charan Hembram, D.O.B.- 28.10.2011 shall be known as Nandita Hembram, D/o- Kanhu Charan Hembram, D.O.B. 28/10/2011 for all purposes.

AFFIDAVIT

AFFIDAVIT
I Nabeen Chandra Sahu, aged about 59 years, S/o- Udayanath Sahu, resident of At- Monasa Building, Main Road, Near Uttareswar Temple, Brahmapur Sadar, Po- Gosaninuagam, Berhampur Sadar, Dist-Ganjam, PIN- 760003, Odisha declare by this Affidavit No. 510, dtd. 17/06/2025 I have changed my minor son's name from Ashish Kumar Sahu To Aasish Kumar Sahu for all future purposes.

AFFIDAVIT
I, Rajendra Kumar Swain, aged about 36 years, S/o- Surendra Swain, resident of At-Mousudha, PO-Mousudha Bazar, Via-Motto, Ps- Bansada, Dist- Bhadrak, PIN-756132, Odisha declared by this affidavit No. 509, dtd- 17/06/2025 that now onwards I shall be known as RAJENDRA SWAIN for all future purposes.

## ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଅବୈଧ ଘୋଷଣା ଭେଳିକି

# ବାହାନଗାରେ ବଢୁଛି ବେଆଇନ ଥାଇ ମାଗୁର ଚାଷ

ବାହାନଗା, ୨୦।୬ (ରୁଚିକ ରଞ୍ଜନ ମହାପାତ୍ର) :

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ସହ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଥାଇ ମାଗୁର ଚାଷକୁ ଭାରତର ପ୍ରାକୃତିକ ଜଳଜ ପରିବେଶ ପାଇଁ ହାନିକାରକ ଦର୍ଶାଇ ଅବୈଧ ଘୋଷଣା କରିଥିଲେ ହେଁ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ବେଆଇନ ଥାଇ ମାଗୁର ଚାଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଅଧିକ ଲାଭ ପାଇବା ଆଶାରେ ଚାଷୀମାନେ ଏହି ବେଆଇନ ମାଗୁର ଚାଷକୁ ଆପଣାଇଥିବାବେଳେ ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲା ମତ୍ସ୍ୟ ବିଭାଗ ସ୍ଥାଣୁ ପାଲଟିଛି। ଏକର ଏକର ଜମିରେ ଏହି ବେଆଇନ ଥାଇ ମାଗୁର ଚାଷ ହେଉଥିବା ବେଳେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଖବର ନ ରହିବା ପ୍ରଶାସନ କଳର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଥାଇ ମାଗୁର ଏକ ବିଦେଶୀ ପ୍ରଜାତିର ମାଛ ହୋଇଥିବା ବେଳେ ଏହି ମାଛ ଶକ୍ତିଶାଳୀ ଶିକାରୀ ଭାବରେ ଅନ୍ୟ ଛୋଟ ମାଛ ଓ ଅଣ୍ଡାକୁ ଖାଇ ଦେଇଥାଏ। ଫଳରେ ଦେଶୀ ମାଛ ପ୍ରଜାତିର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହି ମାଛ ପରିବେଶ ପାଇଁ କ୍ଷତିକାରକ ହୋଇଥିବା ବେଳେ ଏହାକୁ ଧ୍ୟାନରେ ରଖି ବିଜ୍ଞାନ ଓ ପରିବେଶ ବିଭାଗ ଏବଂ ଭାରତର ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ମଧ୍ୟ ଥାଇ ମାଗୁର ଚାଷ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏମିତିକି ୨୦୧୩ ମସିହାରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମଧ୍ୟ ଏହି ଚାଷକୁ ଅବୈଧ ଘୋଷଣା କରିଥିଲେ। ସରକାରଙ୍କ ଅବୈଧ ଘୋଷଣା ସତ୍ତ୍ୱେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ପଥରପେଣ୍ଠ, ପଣ୍ଡାଶୁଣୀ, ସାଉଡ଼ ଆଦି ବିଭିନ୍ନ ପଞ୍ଚାୟତରେ କିଛି ବ୍ୟକ୍ତି ଥାଇ ମାଗୁର ଦ୍ରୁତ ବୃଦ୍ଧି ଓ ସଂଖ୍ୟା ଅଧିକ ଥିବାରୁ କମ୍ ସମୟରେ ଅଧିକ ଲାଭ ହେଉଥିବାରୁ ଗୁପ୍ତଭାବେ ବେଆଇନ ଥାଇ ମାଗୁର ଚାଷ କରୁଛନ୍ତି। ଏମିତିକି ବାହାନଗା ବ୍ଲକର ବିଭିନ୍ନ ଅଞ୍ଚଳର ଏକର ଏକର ଜମିରେ ଏହି ଥାଇ ମାଗୁର ଚାଷ ହେଉଥିବା ବେଳେ ମାଗୁର ମାଛକୁ ଅଳ୍ପ ଦିନରେ ବଢ଼ାଇବା ପାଇଁ ବିଭିନ୍ନ ଚିଙ୍ଗୁଡ଼ି ପ୍ରସେସିଂ ପ୍ଲାଣ୍ଟରୁ ନିର୍ଗତ ଚିଙ୍ଗୁଡ଼ି ମାଛର ମୁଣ୍ଡ ଏବଂ ଖୋଳାକୁ ମାଗୁର ଚାଷ ହୋଇଥିବା ପୋଖରୀରେ ପକାଯାଉଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧ ହେବା ସହ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇ ଜନବସତି ଉପରେ ବିଶେଷ ପ୍ରଭାବ ପଡୁଛି। ପ୍ରଶାସନ ଦେଖଣାହାରୀ ସାଜିଥିବା ବେଳେ ସରକାରଙ୍କ ନିଷିଦ୍ଧ ସତ୍ତ୍ୱେ ଏହି ବେଆଇନ ଚାଷ କରି ପଶ୍ଚିମବଙ୍ଗ, ବିହାର ସମେତ ବାଂଲାଦେଶକୁ ରପ୍ତାନି କରି କେତେକ ବ୍ୟକ୍ତି ମାଲେମାଲ ହେଉଛନ୍ତି। ପରିବେଶ ଉପରେ ପ୍ରଭାବ ପଡୁଥିବା ଏହି ବେଆଇନ ଥାଇ ମାଗୁର ମାଛ ଚାଷ



ଉପରେ ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନର ଅଙ୍କୁଶ ରହୁ ନ ଥିବାରୁ ଅଞ୍ଚଳବାସୀ ଏବଂ ପରିବେଶବିତ୍ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ବେଆଇନ ଥାଇ ମାଗୁର ଚାଷକୁ ବନ୍ଦ କରିବା ସହ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

### ମତାମତ

ସମଗ୍ର ଭରତ ବର୍ଷରେ ସରକାର ଥାଇ ମାଗୁର ଚାଷକୁ ଅବୈଧ ଘୋଷଣା କରିଛନ୍ତି। ବାହାନଗା ବ୍ଲକରେ ଏହି ଥାଇ ମାଗୁର ଚାଷ ହେଉଥିବାର ଆମ ନଜରକୁ ଆସିନାହିଁ। ସରକାରଙ୍କ ପ୍ରୋତ୍ସାହନରେ ପୋଖରୀ ଖୋଳି ମାଛ ଚାଷ କରୁଥିବା ଚାଷୀ ଏଭଳି ବେଆଇନ ଥାଇ ମାଗୁର ଚାଷ କରୁନଥିବାର ନଜରକୁ ଆସିଛି। ହେଲେ, ବିନା ସରକାରୀ ପ୍ରୋତ୍ସାହନରେ ଯଦି କେହି ଗୋପନ ଭାବେ ଏହି ଚାଷ କରୁଥିବାର ସୂଚନା ମିଳେ ଜିଲ୍ଲା ସ୍ତରର ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଆନିଶା ପ୍ରଧାନ**, ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ, ବାହାନଗା

ଗ୍ରୀନ ଟ୍ରିବ୍ୟୁନାଲ ଯେଉଁ ମାଗୁର ମାଛ ପ୍ରଜାତିକୁ ଅବୈଧ ଘୋଷଣା କରିଛନ୍ତି, ସେହି ମାଛ ଚାଷ ହେଉଥିବା ନେଇ ଆମ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ଯଦି ପରିବେଶକୁ କ୍ଷତି ପହଞ୍ଚାଉଥିବା ଅବୈଧ ଘୋଷଣା ହୋଇଥିବା ମାଗୁର ମାଛ ଚାଷ ହେଉଥିବାର ଅଭିଯୋଗ ଆସେ, ତାହାର ତଦନ୍ତ କରାଯିବା ସହ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଜିତେନ୍ଦ୍ର କୁମାର ବେହେରା**, ଜିଲ୍ଲା ମତ୍ସ୍ୟ ଅଧିକାରୀ

## ବିକାଶ ରଥ ଉପରକୁ ଆକ୍ରମଣ

ବସ୍ତା ବ୍ଲକ, ୨୦।୬ (ସମିସ): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ ପହଞ୍ଚାଇବା ପାଇଁ ପ୍ରତି ବ୍ଲକରେ ବିକାଶ ରଥ ବୁଲିବା କାର୍ଯ୍ୟକ୍ରମ ଚାଲିଛି। ବସ୍ତା ବ୍ଲକରେ ମଧ୍ୟ ବିକାଶ ରଥ ବୁଲୁଥିବା ବେଳେ ଶୁକ୍ରବାର ବସ୍ତା ବ୍ଲକ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତରେ ବିକାଶ ରଥ କାର୍ଯ୍ୟକ୍ରମ ଚାଲିଥିବାବେଳେ କିଛି ଦୁର୍ବୃତ୍ତ ଗାଡ଼ି ଉପରେ ଆକ୍ରମଣ କରିବା ସହିତ ଏଲଇଡି ଭଙ୍ଗାରୁଜା ଉଦ୍ୟମ କରିଥିଲେ। ଏପରିକି ଡ୍ରାଇଭର ଓ ଏଲଇଡ ଟେକ୍ନିସିଆନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଫଟୋ ଉଠାଉଥିବା ବେଳେ ଦୃର୍ବୃତ୍ତ ମାନେ ମୋବାଇଲ ଛଡ଼ାଇ ନେଇଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇ ଥିଲା। ସରପଞ୍ଚ, ପଞ୍ଚାୟତ ପିଇଓ ଏବଂ ଏଡିଓ ସହିତ ପଞ୍ଚାୟତବାସୀଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଥିଲା। ଏ ନେଇ ବସ୍ତା ବିଡିଓଙ୍କୁ ଖବର ଦେବା ପରେ ବ୍ଲକରୁ ପୁଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରଥକୁ ସେମାନଙ୍କ କେବଳରୁ ଉଦ୍ଧାର କରି ବ୍ଲକକୁ ପଠାଇ ଥିବା ଜଣା ପଡ଼ିଛି।

## ସ୍ଥିତି ପରଖିଲେ ବିଭାଗୀୟ ଯନ୍ତ୍ରୀ



ଜଳେଶ୍ୱର ବ୍ଲକ, ୨୦।୬(ସମିସ): ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦ ସଂକେତ ଛୁଇଁଛି। ସମ୍ଭାବ୍ୟ ବନ୍ୟାକୁ ନେଇ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ସୁବର୍ଣ୍ଣରେଖା ନଦୀର ତଳିଆ ଅଞ୍ଚଳ ବୁଲି ଦେଖିଛନ୍ତି। ଏଥିସହ ଦୁର୍ବଳ ନଦୀ ବନ୍ଧରେ ବାଲି ବୁରା ପ୍ରସ୍ତୁତ କରି ରଖାଯାଇଛି।

ସେହିପରି ଜଳେଶ୍ୱର ଅଞ୍ଚଳର ଓଲମରା, ମାକିଡିଆ, କେମ୍ ସାହି, ଡିପିପୁର, ଶ୍ରୀରାମପୁର ଗ୍ରାମ ପଞ୍ଚାୟତ ଅନେକ ଗାଁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଯେ କେଉଁଗ୍ରାମରେ ନଦୀବନ୍ଧ ଦେଇ ଗ୍ରାମରେ ବନ୍ୟା ଜଳ ପଶିବ କେହି କହିପାରିବେ ନାହିଁ ସେଥିପାଇଁ ଜଳେଶ୍ୱର ବ୍ଲକର ବିଡିଓ ଏବଂ ଭାରାପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷ ସମସ୍ତ ନଦୀ କୂଳିଆ ଗ୍ରାମ ପଞ୍ଚାୟତ ଗୁଡ଼ିକର ପିଇଓ ମାନଙ୍କୁ ସତର୍କ ରହିବାକୁ ସୂଚନା ପ୍ରଦାନ କରିଛନ୍ତି।

## ପୁଅର ଅତ୍ୟାଚାର, ବାପାର ଆତ୍ମହତ୍ୟା ଉଦ୍ୟମ

ଲଙ୍ଗଳେଶ୍ୱର, ୨୦।୬ (ସମିସ): ପଇଡ ବିକ୍ରିକୁ କେନ୍ଦ୍ରକରି ପୁଅ ବୃଦ୍ଧ ବାପାକୁ ମାଡ ମାରିବାକୁ ଉଦ୍ୟମ କରିବା ତଥା ଅଶ୍ଲୀଳ ଭାଷା ପ୍ରୟୋଗ କରି ଘରୁ ବାହାରିଯିବାକୁ କହିବାରୁ ବୃଦ୍ଧ ବାପା ନିଜକୁ ଲଜ୍ଜିତ ବୋଧ କରିବା ସହ ପୁଅର କାରନାମାକୁ ଲୋକଲୋଚନକୁ ଆଣିବାକୁ କାନ୍ଥ ପାଚେରୀରେ ପୋଷ୍ଟର ମାରିବା ସହ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ବିଷପିଇ ଆତ୍ମହତ୍ୟା କରିଥିବା ବୃଦ୍ଧବାପା ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ମଳଂବାଲିକୁଟୀ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଦେବେନ୍ଦ୍ର ବେହେରା ଘରେ ସ୍ତ୍ରୀ ଓ ପୁଅବୋହୂଙ୍କ ସହ ରହୁଥିଲେ। ତେବେ ବିଭିନ୍ନ ସମୟରେ ତାଙ୍କର ପୁଅ ଗୌରାଙ୍ଗ ଓ ବୋହୂ ରଞ୍ଜିତା ବୃଦ୍ଧ ଗୌରାଙ୍ଗ ଙ୍କୁ ବିଭିନ୍ନ ପ୍ରସଙ୍ଗରେ ନିର୍ଯ୍ୟାତନା ଦେଉଥିବା କଥା ଗ୍ରାମବାସୀ କହୁଥିବା ବେଳେ ଗତକାଲି ପଇଡ଼ ବିକ୍ରି କରିବାକୁ କେନ୍ଦ୍ର କରି ପୁଅ ଗୋରଙ୍ଗ ବାପାକୁ ପିଟିବା ସହ ଘରୁବାହାରି ଯିବାକୁ କହିଥିଲେ। ତେବେ ଏହିସବୁ ଘଟଣା ଚାଲିଥିବା ବେଳେ ସ୍ତ୍ରୀ ନିରବ ଥିବାରୁ ବୃଦ୍ଧ ଦେବେନ୍ଦ୍ରଙ୍କୁ ମାନସିକ ଆଘାତ ଦେଇଥିଲା। ତେବେ ବାରମ୍ବାର ପୁଅ ବୋହୂଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଦେବେନ୍ଦ୍ର ଘଟିଥିବା ଘଟଣା ଲୋକଲୋଚନକୁ ଆଣିବା ପାଇଁ କାଗଜରେ ସମସ୍ତ ଘଟଣା ଲେଖି ସ୍ଥାନୀୟ ମାନ୍ଧାତା ବଜାର ଦୋକାନ କାନ୍ଥ ଗୁଡିକରେ ପୋଷ୍ଟର ମାରିଥିବାର ଲୋକମାନେ ଦେଖିବାକୁ ପାଇଥିଲେ। ପୁଅର ଆକ୍ରମଣ ଓ ଗାଳି ସହି ନପାରି ବିଳମ୍ବିତ ରାତିରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ସହ, ବୃଦ୍ଧଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଘରଲୋକ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୋଗରାଇ, ୨୦।୬ (ସମିସ): ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ +୨ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ଅନୀମା ପାଣିଗ୍ରାହୀ, ସରପଞ୍ଚ ସୁଷମା କର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଥମ ସ୍ଥାନରେ ଇତିଶ୍ରୀ କର, ଦ୍ୱିତୀୟ ସ୍ଥାନ ବସୁମତୀ ଧଳ, ତୃତୀୟ ସ୍ଥାନରେ ପ୍ରୀତି ରଞ୍ଜିତା ମାଝୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ବଳରାମ ବିଶି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସାଧନା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସୁବର୍ଣ୍ଣରେଖାରେ ଜଳ ପତନ ବୃଦ୍ଧି
## ତଳିଆ ଅଞ୍ଚଳର ଲୋକେ ଆତଙ୍କିତ



କାଳିପଦା, ୨୦।୬ (ସମିସ): ଆଜି ସକାଳଠୁ ଜଳପତନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ନଦୀର ଉପର ମୁଣ୍ଡ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁଁ ଗାଲୁଡ଼ିହି ବ୍ୟାରେଜ ୨ ଲକ୍ଷ ୪୨ ହଜାର କ୍ୟୁସେକ ପାଣି ଛାଡି ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ନଦୀର ଜଳ ସ୍ତର ଜଳେଶ୍ୱର ବ୍ଲକ ରାଜଘାଟଠାରେ ସତର୍କ ସୂଚନାରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସୂଚନା ୯. ୪୫ ମିଟର ହୋଇଥିବା ବେଳେ ବିପଦ ସଂକେତ ହେଉଛି ୧୦. ୩୬ ମିଟର। ଜଳ ପତନ ବୃଦ୍ଧି ଯୋଗୁଁ ସୁବର୍ଣ୍ଣ ରେଖା ନଦୀତଟ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ଡଗରା, ଚୌମୁଖ ଆଦି ପଞ୍ଚାୟତର ଲୋକେ ଭୟ ଓ ଆଶଙ୍କାରେ ରହିଛନ୍ତି। ଲୋକେ ଭୟଭୀତ ନ ହେବାକୁ ବାଲିଆପାଳ ବ୍ଲକ ପ୍ରଶାସନ ତରଫରୁ କୁହାଯାଇଛି। ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଅଧିକାରୀ ମଧ୍ୟ କହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସ୍କୁଲ ଖୋଲିଲା; ପିଲାଙ୍କୁ ବିପଦପୂର୍ଣ୍ଣ କାମରେ ଲଗାଇବାରୁ ଅସନ୍ତୋଷ

ରାଜଘାଟ, ୨୦।୬ (ସମିସ): ସ୍କୁଲ ଖୋଲିବା ପୂର୍ବରୁ ଶ୍ରେଣୀଗୃହଠାରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ପରିଷ୍କାର କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଶ୍ରେଣୀଗୃହ, କ୍ୟାମ୍ପସ୍ ସଫା କରିବା ସହ ଅନାବନା ଗଛ କାଟି ସ୍କୁଲ ପରିସର ପରିଷ୍କାର କରିବାକୁ କୁହାଯାଇଛି। ସ୍କୁଲ ଖୋଲିବାର ପ୍ରଥମ ଦିନରେ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବାକୁ ଜିଲ୍ଲା ଓ ରାଜ୍ୟସ୍ତରୀୟ ଟିମ୍‌କୁ ମଧ୍ୟ ପରାମର୍ଶ ଦିଆଯାଇଛି। ମାତ୍ର ଏସବୁ ନିର୍ଦ୍ଦେଶକୁ କିଛି ପ୍ରଧାନ ଶିକ୍ଷକଙ୍କ ଖାତିର ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଅଧିନସ୍ଥ ତୁରମରା ଆଦିବାସୀ ସାହି ପ୍ରାଥମିକ ବିଦ୍ୟାଳୟରେ। ଗତକାଲି ବିଦ୍ୟାଳୟରେ କୌଣସି ସଫେଇ କାର୍ଯ୍ୟ କରାଯାଇନଥିବା ବେଳେ ଆଜି ଛୁଟି ଖୋଲିବା ପରେ ବିଦ୍ୟାଳୟ ସଫେଇ କରାଯାଇଥିଲା। ପୁଣି ସମସ୍ତ ଆଇନ କାନୁନକୁ ଜଳାଞ୍ଜଳି ଦିଆଯାଇ ସଫେଇ କାର୍ଯ୍ୟରେ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରା ଯାଇଥିଲା। ଖୋଦ୍ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଦାସଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ବିପଦ ପୂର୍ଣ୍ଣ ଅବସ୍ଥାରେ ବଣବୁଦା ସଫା କରୁଥିବା ବେଳେ ପାଇଖାନା ଛାତ ଆଜବେଷ୍ଟସ ଉପରେ ଚଢି ଗଛରୁ ଡାଳ କାଟୁଥିଲେ। କିଏ ଝାଡୁ ମାରୁଥିଲା ତ କିଏ ଅଳିଆ ଉଠାଇ ଫିଙ୍ଗୁଥିଲା। ଛୁଟି ଖୋଲିବା ପୂର୍ବରୁ ବିଦ୍ୟାଳୟକୁ ଆସୁଥିବା କମ୍ପୋଜିଟ ଗ୍ରାଣ୍ଟରୁ ଅର୍ଥ ଖର୍ଚ୍ଚ କରି ଏସବୁ କାର୍ଯ୍ୟ କରିବାର ନିୟମ ଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ବିପଦ ଭିତରକୁ ଠେଲି ତାଙ୍କ ଦ୍ୱାରା କାର୍ଯ୍ୟ କରିବା ଘଟଣାକୁ ଅନେକ ଅଭିଭାବକ ନାପସନ୍ଦ କରିଛନ୍ତି। ଶିକ୍ଷକ ମାନଙ୍କ ଏଭଳି ମନମୁଖୀ କାର୍ଯ୍ୟ ପାଇଁ ଆଜି ପିଲା ମାନଙ୍କୁ ସ୍କୁଲ ପଠାଯାଇ ନାହିଁ ବୋଲି କହିଛନ୍ତି ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଓମ୍ ପ୍ରକାଶ ଜେନା ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର ଆକାଶ ଜେନାଙ୍କ ଜେଜେବାପା କାଳୀ ଚରଣ ଜେନା। ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଏଭଳି ମନମୁଖୀ କାର୍ଯ୍ୟ ପାଇଁ ଅଭିଭାବକ ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଦାସଙ୍କୁ ପଚାରିବାରୁ ଗତକାଲି ବର୍ଷା ହେଉଥିବାରୁ ଆଜି ସଫେଇ କାର୍ଯ୍ୟ ହେଉଥିଲା ବୋଲି କହିଥିଲେ। ଅପରପକ୍ଷେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବସ୍ତା ବିଇଓ ଯୋଗେଶ୍ୱର ଜେନା କହିଛନ୍ତି।



## ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ

ଜଳେଶ୍ୱର ବ୍ଲକ, ୨୦।୬ (ସମିସ): ରାଜ୍ୟ ସରକାରଙ୍କ ୧ ବର୍ଷର ବିକାଶମୂଳ କାର୍ଯ୍ୟକୁ ଜନଗଣଙ୍କ ନିକଟରେ ପହଞ୍ଚାଇବାର ପଦକ୍ଷେପ ସ୍ୱରୂପ ବିକାଶରଥ ପରିକ୍ରମା ହେବା ଅବସରରେ ସୁଗୋ ଗ୍ରାମ ପଞ୍ଚାୟତରେ ପିଇଓ ସରୋଜ ପରିଜା ୨୧ଜଣ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ବିଶେଷକରି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଜଳେଶ୍ୱର ବ୍ଲକ ଦାୟିତ୍ୱରେ ଥିବା ଏଏଲଓ ଶିବାଙ୍ଗୀ ହେମ୍ବ୍ରମ୍ ଶ୍ରମିକମାନଙ୍କୁ ଚିହ୍ନଟ କରି ପରିଚୟପତ୍ର ଦେବାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର ନେତୃତ୍ୱ ପଲଟୁ ଦାସ, ଚନ୍ଦନ କମିଳା, ସୁଶାନ୍ତ ରାଉତ, ତପନ ପ୍ରମାଣିକ ଆଦିବ୍ୟକ୍ତିମାନେ ଉପସ୍ଥିତ ଥିବା ସହିତ ସହଯୋଗ କରିଥିଲେ। ସରପଞ୍ଚ ଜୟନ୍ତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଲୋରାରେ ଚାରାରୋପଣ କାର୍ଯ୍ୟକ୍ରମ



ରାଜଘାଟ, ୨୦।୬ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ଭେଲୋରା ଗ୍ରାମର ବାବା ଖଇରେଶ୍ୱର ଯୁବକ ସଂଘ ଓ ଭାରତୀୟ କିଶାନ ସଂଗଠନ ପକ୍ଷରୁ ଆଜି ସ୍ଥାନୀୟ ଶିବମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କିଶାନ ସଂଗଠନର ବସ୍ତା ବ୍ଲକ ସଭାପତି ଜୟନ୍ତ ଭଦ୍ରଙ୍କ ପୌରୋହିତ୍ୟରେ ଉକ୍ତ ପଡ଼ିଆରେ ବିଭିନ୍ନ ପ୍ରଜାତିର ନଡ଼ିଆ ଚାରା ସହିତ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯାଇଥିଲା। ସମାଜସେବି ସଞ୍ଜୀବ ସାହୁ ଉପସ୍ଥିତ ହୋଇ ବୃକ୍ଷ ରୋପଣର ଉପକାରିତା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଖଇରେଶ୍ୱର ଯୁବକ ସଂଗଠନର ଉପ ସଭାପତି ସପନ ବାଗ, ସମ୍ପାଦକ ଶିବ ଚରଣ ଦାସ, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ସମେତ ବିକାଶ ଚନ୍ଦ୍ର ମୁଖୀ, ଦେବେନ୍ଦ୍ର କର, ରଘୁନାଥ ରଣା, ଲମ୍ବୋଧର କାମିଲା, ଦେବେନ୍ଦ୍ର ଭଦ୍ର, ଗିରିଶ ଚନ୍ଦ୍ର ସାହୁ, ଦେବବ୍ରତ ସାହୁ, ନବ କୁମାର ପାତ୍ର, ବିଶ୍ୱନାଥ ସାହୁ, ରତିକାନ୍ତ ସାହୁ, ଗଣେଶ ପାତ୍ର, ଗଣେଶ ଚନ୍ଦ୍ର ପରିଡ଼ା, ସୁଧୀର ମହାନ୍ତି, ବ୍ରଜମୋହନ ମହାନ୍ତି, ସତ୍ୟରଞ୍ଜନ ଦାସ, ସପନ ମଜୁମଦାର ତ୍ରିଲୋଚନ ପ୍ରଧାନ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପରିତ୍ୟକ୍ତ ଘରେ ଚାଲିଛି ବସ୍ତା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ

ବସ୍ତା ବ୍ଲକ, ୨୦।୬ (ସମିସ)

- ୩ ବର୍ଷ ଧରି ନାହାନ୍ତି ସ୍ଥାୟୀ ବିଇଓ
- ଦୁଇ ଏବିଇଓ ଓ ପିଅନ ପଦ ଖାଲି

୨୦୨୫- ୨୬ ଶିକ୍ଷାବର୍ଷ ଶୁକ୍ରବାରଠୁ ଆରମ୍ଭ ହୋଇଛି। ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଏକ ପରିତ୍ୟକ୍ତ ଘରେ ବସ୍ତା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅସୁରକ୍ଷିତ ଭାବେ ଚାଲୁଥିବା ବେଳେ ୨୦୨୨ ମସିହା ଠାରୁ ବସ୍ତାରେ ସ୍ଥାୟୀ ବିଇଓ ନଥିବା ବେଳେ ଦୁଇ ଏବିଇଓ ଏବଂ ପିଅନ ପଦ ଫାଙ୍କା ଅଛି। ସ୍କୁଲ ମାନଙ୍କରେ ଶିକ୍ଷା କାର୍ଯ୍ୟାଳୟର ଅଙ୍କୁଶ ରହୁ ନ ଥିବାରୁ କାଗଜ କଲମରେ ଉପସ୍ଥିତ ଦର୍ଶାଇ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲରେ ଅନୁପସ୍ଥିତ ରହି ବ୍ୟକ୍ତିଗତ କାର୍ଯ୍ୟରେ ଲାଗିଥିବା ଶିକ୍ଷା ବର୍ଷ ପ୍ରାରମ୍ଭରୁ ଦେଖିବାକୁ ମିଳିଛି।

ମେ ୫ରୁ ଗ୍ରୀଷ୍ମ ଛୁଟି ପଡ଼ିଥିବା ବେଳେ ଦୀର୍ଘ ୪୫ ଦିନ ପରେ ଶୁକ୍ରବାର ସ୍କୁଲ ଖୋଲିଛି। ମାତ୍ର ସ୍କୁଲ ଖୋଲିବାର ପ୍ରଥମ ଦିନରେ ଛାତ୍ର ଛାତ୍ରୀ ଓ ସେମାନଙ୍କ



ଅଭିଭାବକ ମାନଙ୍କ ମଧ୍ୟରେ ଉତ୍ସୁକତା ନ ଥିବା ଦେଖିବାକୁ ମିଳିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବସ୍ତା ବ୍ଲକରେ ୨୩୧ ଟି ସ୍କୁଲ ଥିବା ବେଳେ ୧୭ ଟି କ୍ଲଷ୍ଟର ରହିଛି। ଚଳିତ ଶିକ୍ଷା ବର୍ଷରେ ମୋଟ ୨୫ ହଜାର ୭୨ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୧୪ ହଜାର ୨୯୭ ଜଣ ଶିକ୍ଷାର୍ଥୀ ଅନୁପସ୍ଥିତ ଥିବା ସରକାରୀ ଭାବେ ଜଣା ପଡ଼ିଛି। ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ସ୍କୁଲକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ତାହା ବସ୍ତା ବ୍ଲକରେ ପ୍ରାୟତଃ ଦେଖିବାକୁ ମିଳିନି। ଅନ୍ୟପକ୍ଷେ ବସ୍ତାରେ ୩ ବର୍ଷ ମଧ୍ୟରେ ୫ ଜଣ ବିଇଓ କାର୍ଯ୍ୟ ଭାର ନେଇ ବଦଳି ହୋଇ ଥିବା ସୂଚନା ମିଳିଛି।୨୦୨୨ରେ ସ୍ଥାୟୀ ବିଇଓ ଲଳାଟେନ୍ଦୁ କେଶୋରୀ ଜେନାଙ୍କ ବଦଳି ପରେ ଆଜି ପର୍ଯ୍ୟନ୍ତ ବସ୍ତା ବ୍ଲକରେ ୬ ଜଣ ବିଇଓ ଅତିରିକ୍ତ ଦାୟିତ୍ୱ ନେଇ ବସ୍ତା ଶିକ୍ଷା ଅବସ୍ଥାକୁ ପରଖୁଥିବା ଦେଖିବାକୁ ମିଳିଛି। ୨୦୨୨ରେ ସ୍ଥାୟୀ ବିଇଓ ଲଳାଟେନ୍ଦୁ କିଶୋର ଜେନାଙ୍କ ବଦଳି ପରେ ନାରାୟଣ ଦାସ ଔପଦା ସହିତ ବସ୍ତାର ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସ୍ନିଗ୍ଧା ପଣ୍ଡା ନୀଳଗିରି ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସୁଧାଂଶୁ ଶେଖର ଜେନା ବାଲିଆପାଳ ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସୋମା ରାଣୀ ସେଠୀ ବାହାନଗା ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ଗତ ଗୁରୁବାର ବସ୍ତା ଶିକ୍ଷା ଅଧିକାରୀ ଭାବରେ ଯଜ୍ଞେଶ୍ୱର ଜେନା ସଦର ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ସେହିପରି ୩ ଏବିଇଓ ପଦରୁ ଦୁଇ ପଦ ଫାଙ୍କା ଥିବା ବେଳେ ବସ୍ତା ଶିକ୍ଷା ବିଭାଗର କାର୍ଯ୍ୟଭାର ତୁଲାଉଥିବା ବାସନ୍ତୀ ପୃଷ୍ଟିଙ୍କ ୯ ମାସ ପରେ କାର୍ଯ୍ୟକାଳ ସରୁଥିବା ଜଣା ପଡ଼ିଛି। କାର୍ଯ୍ୟାଳୟ ର ଏକ ଏକରରୁ ଅଧିକ ନିଜସ୍ୱ ଜାଗା ଥିବାବେଳେ ସ୍ଥାୟୀ ଅଧିକାରୀ ଆସୁ ନଥିବା ରୁ ନୂତନ ଗୃହ ନିର୍ମାଣ ଦିଗରେ ଉପଯୁକ୍ତ ପଦକ୍ଷେପ ନେଉ ନଥିବା ଶୁଣିବାକୁ ମିଳିଛି। ଅଧିକାରୀ ମାନେ ସପ୍ତାହରେ ଦିନେ କି ଦୁଇ ଦିନ କେବଳ ଦସ୍ତଖତ ପାଇ ଆସୁଥିବା କୁହା ଯାଉଛି। ଏଭଳି ସମସ୍ୟା ସହିତ ୧୨୩ ପ୍ରଧାନଶିକ୍ଷକ ଶିକ୍ଷକ ପଦବୀ ଫାଙ୍କା ଥିବା ସହିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉ ଛନ୍ତି। ଏହି ସବୁ ସମସ୍ୟା ବସ୍ତା ଶିକ୍ଷା ବିଭାଗକୁ ଦୁର୍ବଳ କରୁଥିବାରୁ ସମସ୍ତ ସରକାରୀ ସୁବିଧା ପିଲାଙ୍କୁ ମିଳୁଥିବା ବେଳେ ଅଭିଭାବକ ମାନେ ଘରୋଇ ସ୍କୁଲକୁ ଭରସା କରୁଛନ୍ତି। ଏହି ସବୁ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଛିନ୍‌ତାଇ ଅଭିଯୁକ୍ତକୁ ବର୍ଷେ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, ୨୦।୬(ସମିସ): ଶୁକ୍ରବାର କେନ୍ଦୁଝର କୋର୍ଟରେ ଏସଡିଜେଏମ୍ ସୁମିତ୍ରା କୁମାରୀ ଦାଶ ଏକ ଛିନତାଇ ମାମଲାର ବିଚାର କରି ଜଙ୍ଘିରା ଗ୍ରାମର ଅଭିଯୁକ୍ତ ଚିନ୍ତାମଣି ମୁଖି(୩୫)କୁ ଏକ ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୧ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୬।୪।୨୦୨୫ରେ ଜେଲ ରୋଡସ୍ଥିତ ଶ୍ରୀକ୍ରିଷ୍ଣା ହୋଟେଲ ମ୍ୟାନେଜର ଦିବ୍ୟରଞ୍ଜନ ବାରିକଙ୍କୁ ହଠାତ୍ ହୋଟେଲ ଭିତରେ ପଶି ସେ ପଇସା ମାଗିଥିଲା। ମନା କରିବାରୁ ସେ ତା' ପରଦିନ ଉକ୍ତ ହୋଟେଲକୁ ଧସେଇ ପଶି ସିକ୍ୟୁରିଟି ଗାର୍ଡକୁ ପଇସା ମାଗିଥିଲା। ମନା କରିବାରୁ ସିକ୍ୟୁରିଟି ଗାର୍ଡର ଏକ ସ୍ମାର୍ଟ ଫୋନ୍ ଛଡାଇ ନେଇ ପଳାଇଥିଲା। ହୋଟେଲ ମ୍ୟାନେଜର ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ ଚିନ୍ତାମଣିକୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୪ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି। ସରକାରଙ୍କ ତରଫରୁ ଏପିପି ସତ୍ୟବ୍ରତ ମହାନ୍ତି, ହିମାଂଶୁ ମହାନ୍ତି ଏବଂ ଚିରନ୍ତନ ଦାସ ମାମଲା ପରିଚାଳନା କରୁଥିଲେ।

## ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ବାପପୁଅ ଗୁରୁତର

ଯୋଡ଼ା, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଜଜାଙ୍ଗ ପଞ୍ଚାୟତ ଗୁରୁତୁଆଁ ଗାଁରେ ଗ୍ୟାସ ସିଲିଣ୍ଡର ନିଆଁରେ ବାପା ଓ ପୁଅ ଗୁରୁତର ହେବା ଜଣାପଡିଛି। ସେମାନେ ହେଲେ ୫୫ ବର୍ଷିୟ ରବୀନ୍ଦ୍ର ଦାସ ଓ ତାଙ୍କ ୩୧ ବର୍ଷିୟ ପୁଅ ଅଜୟ। ବାପା ରବୀନ୍ଦ୍ର ଦାସଙ୍କ ଦୁଇଟି ଗୋଡ଼ ପୋଡ଼ି ଯାଇଥିବାବେଳେ, ପୁଅ ଅଜୟ ଦାସଙ୍କ ହାତ ଓ ଗୋଡ଼ ପୋଡ଼ି ଯାଇଛି। ଏମାନଙ୍କୁ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗ୍ୟାସ୍ ସରି ଯାଇଛି ଭାବି ଅଜୟ ସିଲିଣ୍ଡର ବଦଳାଇବା ଉଦ୍ଦେଶ୍ୟରେ ରେଗୁଲେଟର ଖୋଲିବା ସମୟରେ ହଠାତ୍ ସିଲିଣ୍ଡରରୁ ଜୋରରେ ଗ୍ୟାସ୍ ନିର୍ଗତ ହେବା ସହ ନିକଟରେ ଥିବା ମହମବତୀ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିଥିଲା ଏବଂ ଅଜୟଙ୍କ ଶରୀରରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଅନ୍ୟ ରୁମରେ ଥିବା ଅଜୟର ବାପା ପୁଅକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ପୋଡ଼ି ହୋଇ ଗୁରୁତର ହୋଇଥିଲେ।

## ଚୋରା ଲୁହାପଥର ସହ ଦୁଇ ଭାରୀଯାନ ଜବତ

ଯୋଡ଼ା, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରୁ ଖଣିଜ ଚୋରା କାରବାର ଥମିବା ବଦଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖଣି ବିଭାଗ ଜଳକା ହୋଇ ଚାହିଁ ରହିଛି। ଶୁକ୍ରବାର ସକାଳୁ ବିଶେଷ ସୂତ୍ରରୁ ଖବର ପାଇ ଯୋଡ଼ା ପୁଲିସ ଚଢ଼ଉ କରି ବାଂଶପାଣି ଅଞ୍ଚଳରୁ ଗୋଟିଏ ବିହାର ଓ ଗୋଟିଏ ପଶ୍ଚିମବଙ୍ଗ ଅଞ୍ଚଳର ଚୋରା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିବାରେ ସଫଳ ହୋଇଛି। ଏହି ଦୁଇ ଟ୍ରକରେ ପ୍ରାୟ ୧୦୦ ଟନ ପରିମାଣର ଲୁହାପଥର ଥିବା ପୁଲିସ ସୂତ୍ରରୁ ଜଣାପଡିଛି; ଯାହାର ଆନୁମାନିକ ବଜାର ମୂଲ୍ୟ ପାଞ୍ଚ ଲକ୍ଷରୁ ଅଧିକ ହେବ ବୋଲି ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଲୁହାପଥର ସହିତ ଗୋଟିଏ ଟ୍ରେଲର ଓ ଗୋଟିଏ ୧୪ ଚକିଆ ଟ୍ରକକୁ ଜବତ କରିଛି।

### ଜନସାଧାରଣଙ୍କୁ ପ୍ରତାରିତ କରିଛି ବିଜେପି ସରକାର

# ବର୍ଷ ପୂର୍ତ୍ତି ଅବସରରେ ସରକାରୀ ଅର୍ଥରେ ଚାଲିଛି ଫୂର୍ତ୍ତି




ବାରିପଦା, ୨୦।୬(ସମିସ): ଓଡ଼ିଶାରେ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ଏ ନେଇ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଜେପି ସରକାର ଉପରେ ବର୍ଷିଛି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଂଯୋଜିକା ସରସ୍ୱତୀ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ସହ ଏକ ସାମ୍ବାଦିକ ସମ୍ମିଳନୀ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଶୁକ୍ରବାର ଆୟୋଜନ କରାଯାଇଥିଲା। ବୈଠକରେ ବରିଷ୍ଠ ନେତା ପଞ୍ଚାନନ ମଣ୍ଡଳ, ପୂର୍ବତନ ସାଂସଦ ତଥା ସିଡବ୍ଲୁସି ସଦସ୍ୟ ସୁଶିଳା ତିରିଆ, ରାଜ୍ୟ ବ୍ୟାପାର କମିଟି ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ବରିଷ୍ଠ ନେତା ଅଶୋକ ଅଧିକାରୀ ଓ ପୂର୍ବତନ ସଭାପତି ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ସରକାର ଓଡ଼ିଶାରେ ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରୀ ଅର୍ଥରେ ଦଳୀୟ କର୍ମୀଙ୍କ ପାଇଁ ଫୂର୍ତ୍ତି କାର୍ଯ୍ୟକ୍ରମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ବିଜେପି ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରି ଜନସାଧାରଣଙ୍କୁ ଭୂଆଁ ବୁଲାଇ ପ୍ରତାରିତ କରୁଛି। ବିଜେପି କେବଳ ମିଥ୍ୟା ସଫଳତାର ବାହାସ୍ଫଟ ମାରୁଛି। ଅତୀତର ଅନେକ ଯୋଜନାର ମଧ୍ୟ ବିଜେପି ସରକାର ସଫଳ ରୂପାୟନ କରିପାରିନାହିଁ। ତାହାର ପ୍ରକୃତ ଚିତ୍ର ଓ ବିଫଳତା ଜନସାଧାରଣ ଜାଣିବାର ନିହାତି ଆବଶ୍ୟକତା ରହିଛି। ରାଜ୍ୟରେ ଦିନକୁ ଦିନ ଗଣଦୁଷ୍କର୍ମ ବଢ଼ି ଚାଲିଛି। ଏହାସହିତ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ହଇଜା ବ୍ୟାପୀ ଚାଲିଛି। ହଇଜାରେ ଲୋକଙ୍କ ଜୀବନ ଯାଉଥିବା ବେଳେ ବିଜେପି ସରକାର ଉତ୍ସବ

- ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ
- ବର୍ଷ ଏକ, ପ୍ରତାରଣା ଅନେକ

ପାଳନ କରୁଛନ୍ତି। ସୁଭଦ୍ରା ଯୋଜନାର ଅର୍ଥ ସମସ୍ତଙ୍କୁ ପ୍ରଦାନ କରି ପାରିନଥିବା କଂଗ୍ରେସ ଅଭିଯୋଗ କରିଛନ୍ତି। ରାଜ୍ୟରେ ବର୍ଷକରେ ୬୦ରୁ ଉର୍ଦ୍ଧ୍ୱ ମହିଳା ଗଣଦୁଷ୍କର୍ମ ଶିକାର ହେଲେଣି। ବର୍ଷ ମଧ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା ସୁଧାର କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଦୂଷିତ ପାଣି ଯୋଗୁଁ ହଇଜା ବ୍ୟାପୁଥିବା ବେଳେ ସରକାର ଏଥପ୍ରତି ଯତ୍ନଶୀଳ ହେବା ପରିବର୍ତ୍ତେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଡବଲ ଇଞ୍ଜିନ ସରକାର ବିଫଳ ହୋଇଥିବା ବେଳେ ମିଛ ସଫଳତାର ଡିଣ୍ଡିମ ପିଟୁଛନ୍ତି। ରାଜ୍ୟରେ ନାରୀ ଅସୁରକ୍ଷିତ ଥିଲେ ସୁଦ୍ଧା ପୁଲିସ ସେ ବାବଦରେ ଚିନ୍ତା ନ କରି କେବଳ ଭିଆଇପି ସୁରକ୍ଷାରେ ମାତିଛନ୍ତି। ବିଜେପି ସରକାର ଆସିବା ପରେ ଓଡ଼ିଶାବାସୀ ସବୁ କ୍ଷେତ୍ରରେ ପ୍ରତାରଣାର ଶିକାର ହୋଇଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଲକ୍ଷପତି ଦିଦି ନାଁରେ ମିଛ ପ୍ରହସନ କରୁଛନ୍ତି। ଧାନ ମଣ୍ଡିରେ ଚାଷୀ ଧାନ ବିକିବାରେ ମିଲର ଦ୍ୱାରା ଅନେକ ପ୍ରତାରିତ ହେଉଛି। କିନ୍ତୁ ବିଜେପି ସରକାର ଚୁପ ହୋଇ ରହିଛନ୍ତି। ବିଜେପି ସରକାର ପାଇଁ ଭାରତ ସମ୍ବିଧାନ ଆଜି ବିପଦରେ ରହିଛି। ତେଣୁକରି କଂଗ୍ରେସ ପକ୍ଷରୁ ଆସନ୍ତା ଜୁନ ୨୪ ତାରିଖରେ ସମ୍ବିଧାନ ବଞ୍ଚାଓ ପ୍ରତିବାଦ ଶୋଭାଯାତ୍ରାର ଆୟୋଜନ କରାଯାଉଛି ବୋଲି କହିଛନ୍ତି।

## ମଲ୍ଲିପଶି ଜଗନ୍ନାଥ ମନ୍ଦିରକୁ ପୁରୀରୁ ଆସିଲା ଫୁଲୁରି ତେଲ

ତୁରୁମୁଙ୍ଗା, ୨୦।୬(ସମିସ): ଗୁରୁବାର ଅପରାହ୍ନ ୪ଟା ସମୟରେ ପ୍ରତିବର୍ଷ ପରି ପୁରୀରୁ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ମନ୍ଦିରରୁ ମଲ୍ଲୀପଶି ଜଗନ୍ନାଥ ମନ୍ଦିରକୁ ଫୁଲୁରି ତେଲ ଅଣାଯାଇଛି। ସ୍ନାନ ପୂର୍ଣ୍ଣିମାରେ ସ୍ନାନ କରି ମହାପ୍ରଭୁଙ୍କୁ ପ୍ରବଳ ଜ୍ୱର ହୋଇଥାଏ; ସେଥିରୁ ଭଲ ହେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ତେଲ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗରେ ଲଗାଇଲେ ତାଙ୍କ ଦେହ ଭଲ ହୋଇଥାଏ। ପୁରୀର ଗୋବର୍ଦ୍ଧନ ପୀଠ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅନୁମତିରେ ଆରମ୍ଭ ହୋଇଥିବା କେନ୍ଦୁଝର ଜିଲ୍ଲାର ମଲ୍ଲିପଶିଠାରେ ତିନୋଟି ରଥର ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଯାତ୍ରା ସମ୍ପନ୍ନ ହୋଇଥାଏ। ଏଠାରେ ବାରିପଦା ଭଳି ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ କେବଳ ଟାଣି ଥାଆନ୍ତି। ମଲ୍ଲିପଶି ଜଗନ୍ନାଥ ମନ୍ଦିରର ଏକ ସ୍ୱତନ୍ତ୍ର ଦଳ ପୁରୀକୁ ଯାଇ ସେଠାରୁ ଫୁଲୁରି ତେଲ ଆଣି ରାଜା ଶ୍ରୀ ରବିନାରାୟଣ ସିଂଙ୍କୁ ପ୍ରଦାନ କରିଥିଲେ।

ଉକ୍ତ ଦଳରେ ପୁରୁଷୋତ୍ତମ ମହାନ୍ତ, ନବକିଶୋର ରଣା, ଚନ୍ଦ୍ରମଣି ନାଏକ, ଶାନ୍ତନୁ ରଣା, ଦୁର୍ଯ୍ୟୋଧନ ମହାନ୍ତ, ହର୍ଷଚନ୍ଦ୍ର ସେଠୀ ଓ ଅଜୟ ନାଏକ ପୁରୀ ଯାଇ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ।

## ଯୋଡ଼ାକୁ ବ୍ୟାପିଲା ଝାଡ଼ାବାନ୍ତି



### ପୌରପାଳିକା ପକ୍ଷରୁ ଯାଞ୍ଚ

ଯୋଡ଼ା, ୨୦।୬(ସମିସ): ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ପରେ ଯୋଡ଼ା ସହରରେ ଝାଡ଼ାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ସରକାରୀ ବେସରକାରୀ ଡାକ୍ତରଖାନରେ ୧୨ରୁ ଅଧିକ ଚିକିତ୍ସିତ ହେଉଥିବା ବେଳେ ସରକାରୀ ଡାକ୍ତରଖାନାରୁ ତିନିଜଣ ଭଲ ହୋଇ ଫେରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ସମସ୍ତ ମିଲ ହୋଟେଲ, ଜଳଖିଆ ଦୋକାନ, ଠେଲା, ଫାଷ୍ଟ ଫୁଡ୍ ସେଣ୍ଟରଗୁଡିକ ଯାଞ୍ଚ କରିବା ସହ ସାତ ଦିନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର କେନ୍ଦୁଝରରୁ ଖାଦ୍ୟ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଚ୍ଚ ଅଧିକାରୀମାନେ ଆସି ଏହା ଉପରେ କିଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଯୋଡ଼ା ପୌରପାଳିକାରେ ନିୟମିତ ଭାବେ ଡ୍ରେନରେ ବ୍ଲିଚିଙ୍ଗ ପାଉଡର ପକା ଯାଉନାହିଁ। ପାନୀୟଜଳ ଗୋଳିଆ ରହୁଥିବା ଦେଖିବାକୁ ମିଳିଛି। ଫଳରେ ଏହି ରୋଗ ବ୍ୟାପିବାରେ ଲାଗିଛି।

## ମହିଳା ସୁରକ୍ଷା ନେଇ ଜିଲ୍ଲା ଓକିଲ ସଂଘର ଦାବିପତ୍ର



କେନ୍ଦୁଝର, ୨୦।୬(ସମିସ): ଜିଲ୍ଲାର ଆଇନଶୃଙ୍ଖଳା ସୁଧାରିବା ପାଇଁ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ସଂଘ ସଭାପତି ଆଲୋକ ମହାନ୍ତଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟାମାନେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କୁ ଭେଟି ପଣ୍ଡାପଡ଼ା ଥାନା ଅଧୀନରେ ଘଟିଥିବା ଗଣବଳାତ୍କାର ଓ ହତ୍ୟା ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ଘଟଣା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବିଶେଷକରି ଉକ୍ତ ଘଟଣାର ତଦନ୍ତ ଶୀଘ୍ର ସାରି ଚାର୍ଜସିଟ୍ ଦାଖଲ କରିବା ପାଇଁ ପଣ୍ଡାପଡ଼ା ଥାନାଧିକାରୀ ଆଦେଶ କରି ଦୋଷୀମାନେ କିପରି ଦଣ୍ଡ ପାଇବେ ଓ ଏହାର ବିଚାର ଫାଷ୍ଟ ଟ୍ରାକ୍ ସତନ୍ତ୍ର କୋର୍ଟରେ ତ୍ୱରାନିତ ହେବ ସେନେଇ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଆଗକୁ ରଥଯାତ୍ରା ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ସହର ତଥା ସହର ଲାଗିଥିବା ଗ୍ରାମାଞ୍ଚଳ ତଥା ପର୍ଯ୍ୟଟନସ୍ଥଳୀରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ ଉପସଭାପତି ଭାରତ ଭୂଷଣ ଦାସ ଦାବି କରିଥିଲେ। ସେହିପରି ଏହା ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ହୋଇଥିବାରୁ ନାରୀମାନଙ୍କ ପ୍ରତି ଅଧିକ ସୁରକ୍ଷା ଦେବା ସହ ଏକ ହେଲ୍ପଲାଇନ୍ ସେବା ବ୍ୟବସ୍ଥା ଜାରି କରିବା ପାଇଁ ଦାବି କରିଥିଲେ। ଉପସଭାପତି ଭାରତ ଭୂଷଣ ଦାସ, ସମ୍ପାଦକ ଅକ୍ଷୟ ଜେନା, ଯୁଗ୍ମ ସଂପାଦକ ହୁସେନ ଉଦିନ, କାର୍ଯ୍ୟକାରୀ ସଦସ୍ୟ ସୁବ୍ରତ ସେଠୀ, ଅର୍ଚ୍ଚନା ଦାସଙ୍କ ସମେତ ବହୁ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। ଏସ୍‌ପି ଦାବି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି କହିଛନ୍ତି।

## ସଫେଇ ହେଉନି ଡ୍ରେନ୍; ମେଲେରିଆ ବ୍ୟାପିବା ଆଶଙ୍କା

କଳାବାଡିଆ,୨୦।୬(ସମିସ): ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗ୍ରାମରେ ଥିବା ଡ୍ରେନଗୁଡିକ ସଫେଇ କରାଯାଉ ନ ଥିବାରୁ ମେଲେରିଆ ଏବଂ ଝାଡାବାନ୍ତି ବ୍ୟାପିବା ଆଶଙ୍କା ଦେଖାଦେଇଛି। ସାମାନ୍ୟ ବର୍ଷାରେ ପାଣି ଜମିରହୁଛି। ଫଳରେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଏପରିକି ନଳକୂପ ଚାରିପାଖରେ ମଧ୍ୟ ଜମୁଛି ପାଣି। ସାମାନ୍ୟ ବର୍ଷା ହେଲେ ନିଷ୍କାସିତ ହୋଇ ନ ପାରି ଘରେ ପଶି ଯାଉଛି



ପାଣି। ବିଶେଷ କରି ଅସିତ ଷଡ଼ଙ୍ଗୀଙ୍କ ଘରଠାରୁ ବିପିନ ପାଣି, ବିରଞ୍ଚିନାରାୟଣ ହୋତାଙ୍କ ଘରଠାରୁ ଅସିତ କୁମାର ପଣ୍ଡା ଏବଂ ଅମିତ ମିଶ୍ରଙ୍କ ଘରଠାରୁ ବାଉରୀ ସିଂ ଘର ପର୍ଯ୍ୟନ୍ତ ଥିବା ଡ୍ରେନରେ କୁଢକୁଢ ଆବର୍ଜନା ଭର୍ତ୍ତିହୋଇ ରହିଛି। ସାମାନ୍ୟ ବର୍ଷାରେ ଡ୍ରେନ ଉଛୁଳି ଗାଁ ଦାଣ୍ଡରେ ଯାଉଛି ପାଣି ବୋଲି ଜଗନ୍ନାଥ ଖୁଣ୍ଟା ଗ୍ରାମର ଅସିତ ଷଡ଼ଙ୍ଗୀ, ହରେନ ଷଡ଼ଙ୍ଗୀ, ବାବୁ ପାଣି, ବିପିନ ପାଣି, ଅମିତ ମିଶ୍ର, ବିରଞ୍ଚି ନାରାୟଣ ହୋତା, ତପନ ଷଡ଼ଙ୍ଗୀ, ଅମୃତ ପାଣି, ଲକ୍ଷ୍ମୀ ନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ସଫା କରିବାକୁ ଦାବି କରିଛନ୍ତି।

## ବିଭିନ୍ନ ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ

ତୁରୁମୁଙ୍ଗା/ରାମଚନ୍ଦ୍ରପୁର, ୨୦।୬(ସମିସ): ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ବିକାଶ ବାହନ ବାଉଁଶୁଳି ଓ ଚେମଣା ପଞ୍ଚାୟତରେ ପହଞ୍ଚିଛି। ବାଉଁଶୁଳି ସରପଞ୍ଚ ସୁଜାତା ସର୍ଦ୍ଦାର, ପିଇଓ ରୂପଶ୍ରୀ ପାତ୍ର, ଏଡିଓ ଦିଲ୍ଲୀପ ମହାନ୍ତ, ଏପିଓ ଦୀପକ ବେହେରା, ବିଏସଏସଓ ଅଭୟ ଚରଣ ଦେହୁରୀ, ବିପିସି ସୁରେନ୍ଦ୍ର ଖଣ୍ଡାଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଇସି ମେମ୍ବରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସ୍ୱାଗତ କରିଥିଲେ। ଚେମେଣାରେ ସରପଞ୍ଚ ହେମଲତା ନାଏକ, ଏପିଓ ଦୀପକ ବେହେରା, କିନଷ୍ଠ ଯନ୍ତ୍ରୀ ଖେଲାରାମ ମୁର୍ମୁ, ପିଇଓ ଶୋଭାଶ୍ରୀ ସେଠୀ ଏଡିଓ ମଙ୍ଗୁଲୁ ଚରଣ ମହାନ୍ତ, ଏପିଓ ଦୀପକ ବେହେରା, ବିପିସି ସୁରେନ୍ଦ୍ର ଖଣ୍ଡା, ବିଏସଏସଓ ଅଭୟ ଦେହୁରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ସ୍ୱାଗତ କରିଥିଲେ। ଏଥିସହ ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ବାଉଁଶୁଳି ପଞ୍ଚାୟତରେ ଚାରା ବଣ୍ଟନ କରିଥିଲେ। ଚେମଣାପଞ୍ଚାୟତରେ ବନରକ୍ଷୀ ଡଳିରାଣୀ ସାହୁ ଚାରା ବଣ୍ଟନ କରିଥିଲେ।

ଘସିପୁରା ବ୍ଲକ ଗଁପୁର ଏବଂ ଗଡବାନ୍ଧଗୋଡା ପଞ୍ଚାୟତରେ ବିକାଶରଥ ପରିକ୍ରମା କରିଛି। ଗଁପୁରରେ ପିଇଓ ରଶ୍ମିରଂଜନ ମହାରଣାଙ୍କ ସଂଯୋଜନାରେ ସରପଞ୍ଚ ରୀନାରାଣୀ ଜେନା, ଏଡିଇଓ ଜଗବନ୍ଧୁ ଜେନା ସମେତ ଭିଏଡବ୍ଲୁ ସଦାନନ୍ଦ ମଲ୍ଲିକ, ମିଶନ ଶକ୍ତିର ମହିଳା ସଦସ୍ୟ ସହ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ଗଡବାନ୍ଧଗୋଡା ପଞ୍ଚାୟତରେ ପିଇଓ ତାରାକାନ୍ତ ବେହେରାଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ଶଶିକାନ୍ତ ଜେନା, ଏଡିଇଓ ମାନସରଂଜନ ଲଙ୍କା ସମେତ ଅନେକ ପଦାଧିକାରୀ ଯୋଗ ଦେଇଥିଲେ।

## କେନ୍ଦୁଝରଗଡ଼ ଶିଶୁ ମନ୍ଦିରରେ ଖୋଲିଲା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ


କେନ୍ଦୁଝର, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ଜେଲରୋଡରେ ଥିବା କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ଶିକ୍ଷାବର୍ଷଠାରୁ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଯୁକ୍ତ ୨ଶ୍ରେଣୀ ଖୋଲିଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିଶେଷ ସଫଳତା ହାସଲ କରିଥିବା ଏହି କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ହେଉଥିବାବେଳେ ଏହି ନୂତନ ଶ୍ରେଣୀ ଖୋଲିବା ଓ ପାଠ୍ୟକ୍ରମ ପାଇଁ ସମସ୍ତ ଅଭିଭାବକ ଓ ପରିଚାଳନା ସମିତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଓ ଓଡିଶା ଶିକ୍ଷା ବିକାଶ ସମିତିର ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ + ୨ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଛାତ୍ରୀ ନୂତନ ଭାବରେ ନାମ ଲେଖାଇବେ। ପ୍ରତ୍ୟେକ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୧୨୮ ଟି ସ୍ଥାନ ଦିଆଯାଇଛି।

## ହର୍ଷ ଉଲ୍ଲାସରେ ରଜବତୀଙ୍କୁ ବିଦାୟ



ତୁରୁମୁଙ୍ଗା, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ରଜକୁ ନାଚଗୀତ ମଧ୍ୟରେ ବର୍ଷକ ପାଇଁ ଯୁବତୀ ମହିଳାମାନେ ବିଦାୟ ଦେଇଛନ୍ତି। ଏଥିପାଇଁ ଶତାଧିକ ମହିଳା ଓ ଯୁବତୀ ଗାଁ ଆମ୍ବ ତୋଟାରେ ଏକତ୍ରିତ ହୋଇ ରଜବତୀଙ୍କ ବିବାହ ପାଇଁ ଗାଁର ଜଣେ ଯୁବତୀଙ୍କୁ ପୁଅ ବେଶ କରି ଜଣେ ଯୁବତୀଙ୍କ ମଧ୍ୟରେ ବିବାହ ସମ୍ପନ୍ନ କରାଇଛନ୍ତି। ବାଣ, ବାଜା, ଡିଜେ ବଜାଇ ଶୋଭାଯାତ୍ରାରେ ଆସି ଏହି ଯୁବତୀ ଓ ମହିଳାମାନେ ଗାଁ ପରିକ୍ରମା କରି ନାଚି କୁଦି ଗାଁ ଦାଣ୍ଡ ଦୁଲୁକାଇଛନ୍ତି। ମହିଳା ଓ ଯୁବତୀମାନେ ପାରମ୍ପରିକ ଶବରୀ ନୃତ୍ୟ କରି ରଜବତୀଙ୍କୁ ବିଦାୟ ଦେଇଥିବା ବେଳେ ସେମାନେ ପୁଣି ଆର ବର୍ଷକୁ ରଜ ଆସିବାକୁ ଆବାହନ କରିଛନ୍ତି।

## ଇନ୍ଦୁମତୀ ଦାଶଙ୍କ ସ୍ମୃତିସଭା



ତୁରୁମୁଙ୍ଗା, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ଶିବାନାରାୟଣପୁର ଶାସନ ଧର୍ମପରାୟଣ ମହିଳା ଇନ୍ଦୁମତୀ ଦାଶଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋକସଭାରେ ପଣ୍ଡିତ ଅଲେଖଚନ୍ଦ୍ର ତ୍ରିପାଠୀ, କ୍ଷିରୋଦ ମିଶ୍ର, ନବକିଶୋର ଦାଶ ସହଯୋଗ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ ହରିହର ଦାଶ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଞ୍ଜିନିୟର ବିଦ୍ୟାଧର ଦାଶ, ସନାତନ ଦାଶ ସ୍ମୃତିଚାରଣ କରିଥିଲେ। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସାଂସଦ ଅନନ୍ତ ନାୟକଙ୍କ ସହଧର୍ମିଣୀ ଲବଙ୍ଗ ଲତା ନାୟକ, ପାଟଣା ବିଧାୟକ ଅଖିଳ ନାଏକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବିଜେପି ନେତା ଶିବାଜୀ ଗୌତମ ମହାନ୍ତ ବର୍ମା, ସାମ୍ବାଦିକ ନୃସିଂହ ନାଥ ସିଂହ, କିଶୋରଚନ୍ଦ୍ର ମହାନ୍ତ, ସନ୍ତୋଷ ପତି, ବିଜୟରତ୍ନ ପତି, କାମିନୀକାନ୍ତ ଦ୍ୱିବେଦୀ, ରଞ୍ଜନ ବାରିକ, ଡୁମୁରିଆ ସରପଞ୍ଚ ଗୌର ହରି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ପୁଅ ବିବେକାନନ୍ଦ ଦାଶ, ସାନପୁଅ ଅରବିନ୍ଦ ଦାଶ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ବଡ଼ସାହିରେ ପରିବର୍ତ୍ତନକୁ ନେଇ ପ୍ରଶ୍ନ

# ବିଜେଡିକୁ ଦୋଷ ଦେଉଥିବା ବିଧାୟକ ଏବେ ନିରବ

ବେତନଟୀ, ୨୦।୬(ସମିସ): ରାଜ୍ୟରେ ନୂତନ ସରକାରଙ୍କ ୧ ବର୍ଷ ପୂରଣ ହୋଇଛି; ମାତ୍ର ବଡ଼ସାହି ବିଧାୟକଙ୍କ ୬ ବର୍ଷ ପୂରଣ ହୋଇଛି। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ରାଜ୍ୟବାସୀ କ୍ଷମତାକୁ ଆଣିଛନ୍ତି ଏବଂ ବଡସାହି ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇ ବିଧାୟକ ହୋଇଛନ୍ତି। ସେ ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ବିଜୟୀ ହୋଇଥିଲେ। ହେଲେ ବଡସାହି ବିଧାୟକ ୫ ବର୍ଷ ମଧ୍ୟରେ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରି ନ ଥିଲେ। ସେତେବେଳେ ବିଜେଡି ସରକାର ଥିବାବେଳେ ବିଧାୟକ ସମସ୍ତ ଦୋଷ ସରକାର ଉପରେ ଲଦି ନିଜର ଅସହାୟତା ପ୍ରକାଶ କରିଥିଲେ। ସେଥପାଇଁ ସମସ୍ତ ଦୋଷ ବିଜୁ ଜନତା ଦଳର ସରକାରକୁ ଦେଉଥିଲେ। ବିଧାନସଭାରେ ବଡ଼ସାହି ନିର୍ବାଚନମଣ୍ଡଳୀର ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଓ ସମସ୍ୟା ବିଷୟରେ ବାରମ୍ବାର ପ୍ରଶ୍ନ ଉଠାଉଥିଲେ। ଏଭଳିକି ବିଜୁ ଜନତା ଦଳ ବଡ଼ସାହିରେ ବିଜେପି ବିଧାୟକ ଥିବାରୁ ତାଙ୍କ କଥା ସରକାର ରଖୁନାହାନ୍ତି କହି ଜନସାଧାରଣଙ୍କୁ ବୁଝାଇଥିଲେ। ଏବେ ରାଜ୍ୟ ଏବଂ କେନ୍ଦ୍ରରେ ଡବଲ ଇଂଜିନ ସରକାର ଚାଲିଛି। ଗତ ୨୦୨୪ରେ ବଡ଼ସାହିବାସୀ ସନାତନ ବିଜୁଳିଙ୍କୁ ଦ୍ୱିତୀୟ ବାର ନିର୍ବାଚିତ କରି ବିଧାନସଭାକୁ ପଠାଇଛନ୍ତି। ଏହି ଏକ ବର୍ଷ ମଧ୍ୟରେ ବିଜେଡି ସରକାରଠାରୁ ଅଞ୍ଚଳରେ ଅଧିକ ସମସ୍ୟା ବଢ଼ିବାରେ ଲାଗିଛି। ଗତ ୫ବର୍ଷରେ ବିଧାୟକ ସନାତନ ବିଜୁଳି ନିଜର ଅସହାୟତା ଦେଖାଇ ଖସି ଯାଇଥିଲେ। ଏବେ ତାଙ୍କର ଅସଲ ରୂପ ଦେଖିବାକୁ ମିଳିଛି। ବେତନଟୀ ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ଅଭିଯୋଗ ସ୍ଥାନୀୟ ପ୍ରଶାସନ ବିରୋଧରେ ରହିଥିବା ବେଳେ ବିଧାୟକ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗଙ୍ଗାହାର, ବୁଢ଼ାବଳଙ୍ଗ ଓ ବାଉଁଶ ନଦୀର ଅଧିକାଂଶ ବାଲି ଘାଟରୁ ବେଆଇନ ଭାବେ ବାଲି ଓ ଚୋରା ମୋରମ ବାହାର ଜିଲ୍ଲା ଓ ରାଜ୍ୟକୁ ଚୋରା ଚାଲାଣ ହେଉଛି; ଯଦ୍ଦ୍ୱାରା ବିଜେପି ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରଶାସନିକ ଅଧିକାରୀ ଚୁପ ଥିବା ବେଳେ ବିଧାୟକ ମଧ୍ୟ ନିଜ କର୍ମୀଙ୍କୁ ଏହି କାର୍ଯ୍ୟରେ ଥଇଥାନ କରିଥିବା ଚର୍ଚ୍ଚା ହେଉଛି। ସେହିଭଳି ବେତନଟୀ ରେଞ୍ଜ ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲରେ ଶାଳଗଛ କାଠ ମାଫିଆଙ୍କ ଦ୍ୱାରା ଲୁଟ ହେବାରେ ଲାଗିଛି। ଅଭିଯୋଗ ପରେ ବି ତଦନ୍ତ ବାଟବଣା ହେଉଛି। ଶାଳ ଗଛ ଲୁଟର ମଲମ ମାରିବାକୁ ଯାଇ ନିର୍ମାଣ ହେଉଛି ଫରେଷ୍ଟ ବିଟ ହାଉସ। ତେଣୁ ଖୁସିରେ ଅଛନ୍ତି ବିଧାୟକ ଓ କର୍ମୀ। ସେହିଭଳି ବେତନଟୀ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ପରେ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେବା ପରେ ଅଧିକାରୀଙ୍କ ରିକଭରି ହେଉନାହିଁ। ସେହିପରି ଆଗ୍ରିଆ ଗ୍ରାମପଞ୍ଚାୟତରେ ମନରେଗା କାମ ନକରି ବିଲ ହୋଇଛି। ବିଭିନ୍ନ ପଞ୍ଚାୟତରେ ଏଭଳି କାର୍ଯ୍ୟ ହୋଇଥିବା ନଜିର ରହିଛି। ମନରେଗାରେ ଅଧିକାଂଶ ସ୍ଥାନରେ ଶ୍ରମିକ ନ ଲଗାଇ ମେସିନରେ କାର୍ଯ୍ୟ ହେଉଥିବା ସ୍ଥଳେ ବେତନଟୀ ବିଡ଼ିଓ ନିଜେ ମାଟି ତାଡି ଫଟୋ ଉଠାଇ ଅଞ୍ଚଳବାସୀଙ୍କୁ ଦେଖାଉଛନ୍ତି। ଏକ ସପ୍ତାହ ପୂର୍ବରୁ ବ୍ଲକ ପରିସରରେ ସାଢେ ୩ ଲକ୍ଷ ଟାଙ୍କ ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତା କାମକୁ ନେଇ ବିଧାୟକଙ୍କ ସମର୍ଥକ ଓ ବ୍ଲକ ଅଧ୍ୟକ୍ଷାଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପରେ ଏହି ଘଟଣା ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ସେହିପରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ସମସ୍ୟା ଘେରରେ ରହୁଛନ୍ତି। ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସିକ୍ୟୁରିଟି ଗାର୍ଡ ଓ ଆଟେଣ୍ଡାଣ୍ଟମାନେ ରୋଗୀଚିଠା ଲେଖୁଥିବା ଅଭିଯୋଗ ହେଉଛି। ଡାକ୍ତରମାନେ ସପ୍ତାହରେ ଦୁଇ ଦିନ କାମ କରୁଛନ୍ତି। ଜରୁରୀ ସେବାପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ନାହିଁ କି ନିରାମୟରେ ଔଷଧ ମିଳୁନାହିଁ। କେବଳ ମେଡିକାଲ ପରିସରରେ ଉଦଘାଟନ କରି ସୋସିଆଲ ମିଡ଼ିଆରେ ଫଟୋ ଓ ଭିଡିଓ ଛଡା ଯାଉଛି। ଗ୍ରାମାଞ୍ଚଳ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ରୋଗୀ କଲ୍ୟାଣ ସମିତିର ସଭାପତି ବିଧାୟକ ନିଜେ ଥିବାବେଳେ ଏତାଦୃଶ କାର୍ଯ୍ୟ ପାଇଁ ବିଧାୟକ ସନ୍ଦେହ ଘେରକୁ ଆସୁଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୬୬୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ କ୍ରିପ୍ଟୋ ଏକ୍ସଚେଞ୍ଜରେ ଇସ୍ରାଏଲ୍‌ର ସାଇବର ଆକ୍ରମଣ

# ଗୋଟିଏ ଝଟ୍‌କାରେ ୭୮୧ କୋଟି ଟଙ୍କା ଗାଏବ୍

ନୂଆଦିଲ୍ଲୀ୨୦।୬(ଏଜେନ୍ସି)

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବାର ନାମ ନେଉନାହିଁ। ଦୁଇ ଦେଶ ମଧ୍ୟରେ ଦ୍ରୁତ ଆକ୍ରମଣ ଜାରି ରହିଛି। ଏହି ସମୟରେ ଇସ୍ରାଏଲ ଇରାନକୁ ଏପରି ଏକ ଝଟ୍‌କା ଦେଇଛି ଯାହା କଳ୍ପନା ମଧ୍ୟ କରିପାରିବନାହିଁ। ଏଥିରେ ଇରାନର ପ୍ରାୟ ୭୮୧ କୋଟି ଟଙ୍କା ଗୋଟିଏ ମୁହୂର୍ତ୍ତରେ ଗାଏବ ହୋଇଯାଇଛି।




ବାସ୍ତବରେ ଇସ୍ରାଏଲର ହ୍ୟାକରମାନଙ୍କର ଏକ ଗୋଷ୍ଠୀ ଇରାନର କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରୁ ୯ କୋଟି ଡଲାର ବା ପ୍ରାୟ ୭୮୧ କୋଟି ଟଙ୍କା ଉଡାଇ ନେଇଛନ୍ତି। ବ୍ଲକଚେନ୍ ବିଶ୍ଳେଷକ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଇସ୍ରାଏଲ ସହିତ ଜଡିତ ଜଣେ ହ୍ୟାକର ଇରାନର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ 'ନୋବିଟେକ୍ସ'ରୁ ୯ କୋଟି ଡଲାରରୁ ଅଧିକ ଅର୍ଥ ଚୋରି କରିନେଇଛି। ହ୍ୟାକିଂ ଘଟଣାକୁ ସ୍ୱୀକାର କରିଥିବା ଏକ ଗୋଷ୍ଠୀ ଗୁରୁବାର ନୋବିଟେକ୍ସର ସମ୍ପୂର୍ଣ୍ଣ ସୋର୍ସ କୋଡ୍ ପ୍ରକାଶ କରିଛି। ଗୋଷ୍ଠୀ ତାର ଟେଲିଗ୍ରାମ ଆକାଉଣ୍ଟରେ ଲେଖିଛି, ନୋବିଟେକ୍ସରେ ଥିବା ସମ୍ପତ୍ତି ଏବେ ସମ୍ପୂର୍ଣ୍ଣ ସାର୍ବଜନୀନ। ଗତ ସପ୍ତାହରୁ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ସାଇବର ଆକ୍ରମଣ ହୋଇଛି। ବ୍ଲକଚେନ୍ ବିଶ୍ଳେଷକ ଫାର୍ମ ଏଲିପ୍ଟିକ୍ ଏକ ବ୍ଲଗରେ କହିଛି ଯେ ନୋବିଟେକ୍ସରୁ ଚୋରି ହୋଇଥିବା ଟଙ୍କା ଇରାନର ରିଭଲ୍ୟୁସନରୀ ଗାର୍ଡକୁ ସମାଲୋଚନା କରୁଥିବା ମେସେଜ୍ ସହିତ ଜଡିତ ଠିକଣାଗୁଡ଼ିକୁ ପଠାଯାଇଥିଲା।

ଏଲିପ୍ଟିକ୍ କହିଛି ଯେ ଏହି ସାଇବର ଆକ୍ରମଣ ସମ୍ଭବତଃ ଆର୍ଥିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ଏକ ରାଜନୈତିକ ବାର୍ତ୍ତା ପଠାଇବାର ପ୍ରୟାସ ଥିଲା। ପ୍ରକୃତରେ, ହ୍ୟାକର୍ସମାନେ ଯେଉଁ ଆକାଉଣ୍ଟଗୁଡ଼ିକୁ ଟଙ୍କା ପଠାଇଥିଲେ ସେମାନେ ନୋବିଟେକ୍ସକୁ ଏକ ରାଜନୈତିକ ମେସେଜ୍ ପଠାଇବା ପାଇଁ ଏହି କ୍ରିପ୍ଟୋକରେନ୍ସିକୁ ସମ୍ପୂର୍ଣ୍ଣ ଭାବରେ ପ୍ରଚଳନରୁ ହଟାଇ ଦେଇଛନ୍ତି। ହ୍ୟାକର ଗୋଷ୍ଠୀ 'ଗୋଞ୍ଜେସ୍କେ ଦାରାଣ୍ଡେ' ଏକ୍ସ'ରେ ଏକ ପୋଷ୍ଟରେ ଏହି ଆକ୍ରମଣ ନେଇ ଦାବି କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି ଯେ, ଏହାର ଆପ୍ ଏବଂ ୱେବସାଇଟ୍ କାମ କରୁନାହିଁ କାରଣ ଏହା ଏହାର ସିଷ୍ଟମରେ ଅନଧିକୃତ ପ୍ରବେଶ ହୋଇଛି। ଚୈନାଲିସିସ୍ ଫାର୍ମର ଜାତୀୟ ସୁରକ୍ଷା ଗୁପ୍ତଚର ମୁଖ୍ୟ ଆଣ୍ଡ୍ରୁ ଫର୍ମାନ୍ କହିଛନ୍ତି ଯେ ନୋବିଟେକ୍ସ ଏକ୍ସଚେଞ୍ଜରେ ଥିବା ବିଟ୍ କଏନ୍, ଇଥେରିୟମ୍, ଡୋଗେକଏନ୍ ଏବଂ ଅନ୍ୟାନ୍ୟ ଅନେକ କ୍ରିପ୍ଟୋକରେନ୍ସି ଏହି ସାଇବର ଆକ୍ରମଣର ଶିକାର ହୋଇଛି। ସେ କହିଛନ୍ତି ଯେ ଇରାନର କ୍ରିପ୍ଟୋକରେନ୍ସି ବଜାରର ତୁଳନାତ୍ମକ ଭାବରେ ଛୋଟ ଆକାରକୁ ଦୃଷ୍ଟିରେ ରଖି ଏହି ଉଲ୍ଲଂଘନ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଏଲିପ୍ଟିକ୍ ଦାବି କରିଛି ଯେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ସମ୍ପର୍କୀୟମାନେ ଏହି କ୍ରିପ୍ଟୋ ଏକ୍ସଚେଞ୍ଜ ସହିତ ଜଡିତ ଥିଲେ ଏବଂ ନିଷିଦ୍ଧ ରିଭୋଲ୍ୟୁସନାରୀ ଗାର୍ଡର ଲୋକମାନେ ମଧ୍ୟ ନୋବିଟେକ୍ସ ବ୍ୟବହାର କରିଥିଲେ।

# ଭାରତରେ ୨୦୦୦ କୋଟିରୁ ଅଧିକ ନିବେଶ କରିବ ଆମାଜନ୍

ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଭାରତରେ ୨୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ନିବେଶ କରିବ ଇ-କମର୍ସ କମ୍ପାନୀ ଆମାଜନ ଇଣ୍ଡିଆ। ଗୁରୁବାର କମ୍ପାନୀ ଏ ସମ୍ପର୍କରେ ଘୋଷଣା କରିଛି। ରିପୋର୍ଟ ଅନୁଯାୟୀ, ଆମାଜନ କହିଛି ଯେ, ଏହି ନିବେଶ ଏହାର ନେଟୱର୍କ ସମ୍ପ୍ରସାରଣ ଓ ଅପ୍‌ଗ୍ରେଡେସନ୍‌ରେ ସାହାଯ୍ୟ କରିବ। ଯାହା ଦ୍ୱାରା ଗ୍ରାହକମାନଙ୍କୁ ଦ୍ରୁତ ଏବଂ ଅଧିକ ବିଶ୍ୱସନୀୟ ଭାବରେ ସେବା ଯୋଗାଇ ଦିଆଯାଇପାରିବ, ଟେକ୍ନୋଲୋଜି ଓ ନବନ୍ୱେଷକୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ କର୍ମଚାରୀ ଏବଂ ସହଯୋଗୀଙ୍କ କଲ୍ୟାଣରେ ଉନ୍ନତି ଆସିପାରିବ। କମ୍ପାନୀ ଏହି ନିବେଶ ଘୋଷଣା ଏପରି ସମୟରେ କରିଛି ଯେତେବେଳେ ଭାରତର ଇ-କମର୍ସ ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ବଜାରକୁ ବ୍ରଡବ୍ୟାଣ୍ଡ ପ୍ରବେଶ, ଆଫଡେବଲ ସ୍ମାର୍ଟଫୋନ୍, ଡିଜିଟାଲ୍ ପେମେଣ୍ଟ, ଧନୀ ଏବଂ ମଧ୍ୟବିତ୍ତ ପରିବାରଙ୍କ ଦ୍ୱାରା ଖର୍ଚ୍ଚ ବୃଦ୍ଧି, ଏବଂ ମୋବାଇଲ-ପ୍ରଥମେ, ଡିଜିଟାଲ୍ ଚାର୍ଜ ହୋଇଥିବା ଯୁବ ଜନସଂଖ୍ୟା ଦ୍ୱାରା ବୃଦ୍ଧି କରାଯାଉଛି। ଆମାଜନ୍ ଏବଂ ୱାଲମାର୍ଟର ଫ୍ଲିପ୍‌କାର୍ଟ ପରି କମ୍ପାନୀଗୁଡ଼ିକ ଏବଂ ଛୋଟ ଅନଲାଇନ୍ ପ୍ଲେୟାର୍ସ ବିଗତ ବର୍ଷଗୁଡ଼ିକରେ ଦେଶର ଇ-ବଜ୍‌ନେସ୍ ଚିତ୍ରକୁ ନୂଆ ଆକାର ଦେଇଛନ୍ତି। ଆମାଜନ୍ ଦେଶରେ ଦ୍ରୁତ ଗତିରେ ବଢ଼ୁଥିବା ଇ-କମର୍ସ ବଜାରରେ କୋଟି କୋଟି ଡଲାର ନିବେଶ କରିଛି। କିଛି ଆକଳନ ଅନୁଯାୟୀ, ଏହି ବଜାର ୨୧ପ୍ରତିଶତର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର ରେ ବୃଦ୍ଧି ପାଇବ । ୨୦୩୦ ସୁଦ୍ଧା ୩୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ୨୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ଘୋଷଣା କରି ଆମାଜନ୍ କହିଛି ଯେ, ଏହି ନୂତନ ନିବେଶ ଏକ ଅପରେସନ୍ ନେଟୱାର୍କ ନିର୍ମାଣରେ ନିବେଶ ସହିତ ଅତିରିକ୍ତ ଯାହା କମ୍ପାନୀକୁ ସାରା ଭାରତରେ ସମସ୍ତ ସେବାଯୋଗ୍ୟ ପିନ୍-କୋଡ୍ ପ୍ରଦାନ କରିବାରେ ସାହାଯ୍ୟ କରିବ।




## ଏସିୟାନ୍ ପେଣ୍ଟସ୍‌ର 'ରୋୟାଲ୍ ଗ୍ଲିଟ୍ଜ – ଟ୍ରିବ୍ୟୁଟ୍ ଟୁ ଓଡିଶା' ସ୍ପେସିଆଲ୍ ଏଡିସନ୍ ପ୍ୟାକ୍



ଭୁବନେଶ୍ୱର,୨୦।୬(ଏଜେନ୍ସି): ଓଡିଶାରେ ପାରମ୍ପରିକତା କେବଳ ସଂରକ୍ଷିତ ହୋଇନଥାଏ, ସେହିଟି ଲୋକଙ୍କ ଦୈନନ୍ଦିନ ଜୀବନ, ପାର୍ବଣ, ଓ ଅଭିବ୍ୟକ୍ତିର ଅଂଶ ଅଟୁଟ ଭାବରେ ରହିଛି। ଘୁମୁରା ନୃତ୍ୟର ଗାମ୍ଭୀର୍ୟପୂର୍ଣ୍ଣ ପଦକ୍ଷେପରୁ ଆରମ୍ଭ କରି ପୁରାତନ ମନ୍ଦିରଗୁଡ଼ିକର ଅଦ୍ଭୁତ ସୌନ୍ଦର୍ଯ୍ୟ ଓ ଓଲିଭ୍ ରିଡ୍ଲି କଚ୍ଛପମାନଙ୍କର ସମୁଦ୍ରତଟୀୟ ଆକର୍ଷଣ—ଓଡିଶା ଏପରି ଅନେକ ପ୍ରେରଣାଦାୟକ କଥାରେ ଭରିଛି। ଏହି ବିଶେଷ ସଂସ୍କୃତିକୁ ସମ୍ମାନ ଜଣେଇବା ପାଇଁ, ଭାରତର ଅଗ୍ରଣୀ ପେଣ୍ଟ ଏବଂ ଡେକର୍ ବ୍ରାଣ୍ଡ ଏସିୟାନ୍ ପେଣ୍ଟସ୍ ତାଙ୍କର ରୋୟାଲ୍ ଗ୍ଲିଟ୍ଜ ଲକ୍ସୁରୀ ରେଞ୍ଜରେ 'ଟ୍ରିବ୍ୟୁଟ୍ ଟୁ ଓଡିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡିକ ପଟଚିତ୍ରରୁ ପ୍ରେରିତ—ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ଚିତ୍ରକଳା ଓଡିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରେ। ଏହି ପ୍ୟାକ୍‌ରେ ଶାଳୀନ ଓଡିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ୍ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ୍ ଅଛି। ପ୍ରତ୍ୟେକ ପ୍ରତୀକ ଓଡିଶାର ଓ ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ। ଏହି ଲଞ୍ଚ ଏସିୟାନ୍ ପେଣ୍ଟସ୍‌ର ସେଇ ଚେଷ୍ଟାର ଅଂଶ ଯାହା ଭାରତର ପ୍ରତ୍ୟେକ ଅଞ୍ଚଳର ସଂସ୍କୃତିକୁ ଉତ୍ସବରେ ପରିଣତ କରିବା ଓ ଗ୍ରାହକଙ୍କ ସହିତ ଭାବନାଗତ ସମ୍ପର୍କ ଗଢ଼ିବାର ଉଦ୍ଦେଶ୍ୟ ରଖେ। ଓଡିଶା ଏହି ଉଦ୍ୟମ ପାଇଁ ସର୍ବୋତ୍ତମ ପସନ୍ଦ, କାରଣ ଏଠାରେ ସମୃଦ୍ଧ ପାରମ୍ପରିକତା, ଆଧୁନିକ ଚିନ୍ତାଧାରା ଓ ଲକ୍ଷ୍ୟଣୀୟ ଭାବେ ବୃଦ୍ଧି ପାଉଥିବା ଆଲଙ୍କାରିକ ଡିଜାଇନ୍ ପ୍ରତି ଆଗ୍ରହ ଅଛି। "ଏସିୟାନ୍ ପେଣ୍ଟସ୍ ରେ ଆମେ ଏହି ବିଶ୍ୱାସ କରୁଛୁ ଯେ ପ୍ରତ୍ୟେକ ରାଜ୍ୟ କେବଳ ଏକ ବଜାର ନୁହେଁ, ଏହା ଏକ ଜୀବନ୍ତ କାହାଣୀ। ଆମର 'ରୋୟାଲ୍ ଗ୍ଲିଟ୍ଜ - ଟ୍ରିବ୍ୟୁଟ୍ ଟୁ ଓଡିଶା' ପ୍ୟାକ୍ ହେଉଛି ଓଡିଶାର କଳା, ଆଧ୍ୟାତ୍ମିକ ଶକ୍ତି ଓ ସଂସ୍କୃତିର ଏକ ଉତ୍ସବ।

# ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ବାଧ୍ୟତାମୂଳକ

**୨୦୨୬ରୁ ହେବ ଲାଗୁ**

ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ଅନୁଯାୟୀ, ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରୁ ଦେଶରେ ସବୁ ନବ ନିର୍ମିତ ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ (ଏବିଏସ୍) କୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ସ୍କୁଟର, ମୋଟରସାଇକେଲ ଓ ବାଇକ୍ ସାମିଲ ହେବ। ଏହାବ୍ୟତୀତ, ମନ୍ତ୍ରଣାଳୟ ଏକ ନିୟମ ଲାଗୁ କରିବାକୁ ପ୍ରସ୍ତୁତି କରୁଛି, ଯାହା ଅନୁସାରେ ସବୁ ଟୁ-ହ୍ୱିଲର ନିର୍ମାତା ଓ ଡିଲରସିପ୍‌କୁ ପ୍ରତି ନୂଆ ଗାଡ଼ି ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ଦ୍ୱାରା ପ୍ରମାଣିତ ଦୁଇ ହେଲମେଟ୍ ଉପଲବ୍ଧ କରାଇବାକୁ ହେବ।

ସରକାରୀ ଅଧିକାରୀଙ୍କ କହିବାନୁସାରେ, ଏହି ପ୍ରୟାସ ଭାରତରେ ସଡ଼କ ଦୁର୍ଘଟଣା ଗୁଡ଼ିକରେ ହେବାକୁ ଥିବା ମୃତ୍ୟୁ ସଂଖ୍ୟାକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ହେବ। ନ୍ୟୁଜ୍ ୱେବସାଇଟ୍ ବିଜନେସ୍ ଟୁଡେରେ ପ୍ରକାଶିତ ଏକ ଖବର ଅନୁସାରେ, ଟୁ-ହ୍ୱିଲର ଚାଳକଙ୍କ ସଡ଼କ ଦୁର୍ଘଟଣାରେ ହେବାକୁ ଥିବା ମୃତ୍ୟୁରେ ପାଖାପାଖି ୪୪ ପ୍ରତିଶତ ପାର୍ଟନରସିପ୍ ରହିଛି। ଏଥିରୁ ଅଧିକାଂଶ ମୃତ୍ୟୁ ମୁଣ୍ଡର ସୁରକ୍ଷାର ଅଭାବରେ ହେବାକୁ ଥିବା ଗୁରୁତର ଆଘାତ ସହ ଜଡ଼ିତ। ପରିବହନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ଏବିଏସ କେବଳ ୧୨୫ ସିସିରୁ ଉପରେ ବାଇକ୍‌ରେ ବାଧ୍ୟତାମୂଳକ ହେବ। ଏଥିରୁ ଅଧିକାଂଶ ଯାନ ୭୦ କି.ମି / ଘଣ୍ଟାରୁ ଅଧିକ ଗତିରେ ଯାତ୍ରା କରି ପାରିବେ, ଏହା ସୁନିଶ୍ଚିତ କରିବା ମହତ୍ତ୍ୱପୂର୍ଣ୍ଣ ଯେ, ସ୍କିଡିଂ ଓ ଦୁର୍ଘଟଣାକୁ ରୋକିବା ପାଇଁ ଭଲ ବ୍ରେକିଂ ସିଷ୍ଟମ ରହିଥିବ। ଏବିଏସକୁ ଜରୁରିକାଳୀନ ବ୍ରେକିଂ ସ୍ଥିତି ବେଳେ ହ୍ୱିଲ୍ ଲକ୍-ଅପ୍‌କୁ ରୋକିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ଓଦା ବା ଅସମାନ ରାସ୍ତାରେ ଏହାର ମହତ୍ତ୍ୱ ଖୁବ୍ ବଢ଼ାଯାଏ। ଅନେକ ଅଧ୍ୟୟନରୁ ସଙ୍କେତ ମିଳିଥାଏ ଯେ, ଏବିଏସ ଦୁର୍ଘଟଣାର ବିପଦକୁ ୩୫-୪୫ ପ୍ରତିଶତ ଯାଏ ହ୍ରାସ କରି ପାରେ। ନୂଆ ନିୟମକୁ ଆଗାମୀ ଦିନରେ ସୂଚିତ କରାଯିବାର ଆଶା ରହିଛି।




## ● ବିଶ୍ୱ ସଙ୍ଗୀତ ଦିବସ

# ଆମାଜନ୍‌ର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୦।୬: ଚଳିତ ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତପ୍ରେମୀଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ନେଇ ଆସିଛି ଆମାଜନ। ଏହି ଅଫର ସମୟରେ ଗ୍ରାହକମାନେ ଆମାଜନ.ଇନରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ଶ୍ରେଷ୍ଠ ଡିଲ୍‌ର ଲାଭ ଉଠାଇପାରିବେ। ଗ୍ରାହକମାନେ ବୋଟ୍, ଜେବିଏଲ୍, ନଏଜ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ହେଡଫୋନ୍, ସ୍ପିକର, ସାଉଣ୍ଡବାର୍ ଏବଂ ସଙ୍ଗୀତ ଉପକରଣ ସମେତ ବିଭିନ୍ନ ଉତ୍ପାଦ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏହା ସହିତ ଗ୍ରାହକମାନେ ଏସବିଆଇ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ସର୍ବାଧିକ ୧,୨୫୦ ଟଙ୍କା ସଂଚୟ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ (ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ)। ଏହି ଅଫରଗୁଡ଼ିକ ୨୧ ଜୁନ୍ ୨୦୨୫ ରୁ ଆରମ୍ଭ ହେଉଛି।

# ବଜାଜ୍ ଆଲିଆଞ୍ଜର ନୂଆ ସ୍ୱାସ୍ଥ୍ୟ ବୀମା 'ଆପଣଙ୍କ ପାଇଁ'ର ଶୁଭାରମ୍ଭ

ମୁମ୍ବଇ,୨୦।୬: ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ ଆପଣଙ୍କ ପାଇଁ ନାମକ ଏକ ନୂଆ ହେଲ୍ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ ପ୍ରସ୍ତୁତ କରିଛି। ଏହା ଓଡ଼ିଶାର ଲୋକମାନଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଏବଂ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆଞ୍ଜ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାରର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟି କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ। ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ। ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କ ଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲ୍ଥ କଭର୍ ପ୍ରାପ୍ତ କରିପାରିବେ।




## ଇରାନ-ଇସ୍ରାଏଲ ଯୁଦ୍ଧ

# ବିପଦରେ ଭାରତର ୪୭୭୧ କୋଟିର ନିବେଶ

- ହର୍ମୁଜ୍ ପ୍ରଣାଳୀର ସ୍ଥିତି ଗମ୍ଭୀର
- ଭାରତକୁ ଲାଗିବ ଅନେକ ଦିଗରୁ ଝଟ୍‌କା
- ବନ୍ଦ ହୋଇପାରେ ଘରୋଇ କ୍ଷେତ୍ରର ନିବେଶ


ନୂଆଦିଲ୍ଲୀ,୨୦।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ଏବେ ଇରାନ୍‌ରେ ବାଜିରେ ଲାଗିଛି ଭାରତର ୪୭୭୧ କୋଟିର ନିବେଶ। କାରଣ ଇରାନ୍‌ର ଛାବାହାର ବନ୍ଦରରେ ଭାରତ ୫୫୦ ନିୟୁତ ଡଲାର (ପାଖାପାଖି ୪୭୭୧ କୋଟି ଟଙ୍କା) ନିବେଶ କରିଛି। ତେଣୁ ଏହି ବନ୍ଦର ଉପରେ ଭାରତର ବ୍ୟବସାୟିକ କାରବାର ବହୁ ପରିମାଣରେ ନିର୍ଭରଶୀଳ। ଇଣ୍ଡିଆ ପୋର୍ଟ ଗ୍ଲୋବାଲ ଲିମିଟେଡ୍ (ଆଇପିଜିଏଲ୍) ମାଧ୍ୟମରେ ଏହି ବନ୍ଦରକୁ ଭାରତ ସଞ୍ଚାଳନ କରୁଛି। ଛାବାହାର ବନ୍ଦରରୁ ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆ ପାଇଁ ବ୍ୟବସାୟିକ ମାର୍ଗ ମିଳିଯାଇଛି। ଏହାଫଳରେ ଭାରତ ପାକିସ୍ତାନ ମାର୍ଗକୁ ଏଡାଇ ଏହି ପଥର ବାଣିଜ୍ୟ କାରବାର କରୁଛି। ଅପରପକ୍ଷେ ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ସ୍ଥିତିରେ ଛାବାହାର ବନ୍ଦରରେ ବୃହତ୍ ନିବେଶ ଏବେ ଭାରତ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏଥିସହ ହର୍ମୁଜ୍ ପ୍ରଣାଳୀର ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଯାହା ଭାରତ ପାଇଁ ଆଉ ଏକ ବଡ଼ ଝଟ୍‌କା ହୋଇପାରେ। କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ଚେତାବନୀ ଦେଇଛି ଯେ ଯଦି ଏହି ମାର୍ଗ ଦେଇ ତେଲ ଏବଂ ଗ୍ୟାସ ଯୋଗାଣରେ ବାଧା ସୃଷ୍ଟି ହୁଏ, ତେବେ ଭାରତର ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଏହା ତେଲ ଆମଦାନୀ ବିଲ୍ ଏବଂ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏହାସହିତ, ଘରୋଇ କ୍ଷେତ୍ରର ନିବେଶ ମଧ୍ୟ ବନ୍ଦ ହୋଇପାରେ।



ଜୁନ୍ ୧୩ରେ ଇସ୍ରାଏଲ ଇରାନର ସାମରିକ ଏବଂ ଶକ୍ତି ଘାଟି ଉପରେ ଆକ୍ରମଣ କରିଥିଲା। ଏହାପରେ, ତେଲ ମୂଲ୍ୟ ବୃଦ୍ଧି ପାଇଥିଲା। ଇକ୍ରା ଆକଳନ କରିଛି ଯେ ଯଦି ଅଶୋଧିତ ତେଲର ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୦ ଡଲାର ବୃଦ୍ଧି ପାଏ, ତେବେ ଭାରତର ତୈଳ ଆମଦାନୀ ବିଲ୍ ୧୩-୧୪ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ। ସିଏଡି ମଧ୍ୟ ଜିଡିପିର ୦.୩% ବୃଦ୍ଧି ପାଇବାର ଆଶା କରାଯାଉଛି। ଉଚ୍ଚ ତୈଳ ମୂଲ୍ୟ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ। ଏହା ସାଧାରଣ ଲୋକଙ୍କ ଉପରେ ସିଧାସଳଖ ଆର୍ଥିକ ବୋଝ ପକାଇବ ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇବ। ହରମୁଜ୍ ପ୍ରଣାଳୀ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ବିଶ୍ୱର ପ୍ରାୟ ୨୦% ତେଲ ଏବଂ ଏଲ୍‌ଏନ୍‌ଜି ଏହି ପଥ ଦେଇ ଗତି କରେ। ଇକ୍ରା ଅନୁଯାୟୀ, ଭାରତର ୪୫-୫୦% ଅଶୋଧିତ ତୈଳ ଆମଦାନୀ ଏବଂ ୬୦% ପ୍ରାକୃତିକ ଗ୍ୟାସ ଆମଦାନୀ ଏହି ପଥ ଦେଇ ହୁଏ। ରିପୋର୍ଟରେ କୁହାଯାଇଛି, ‹ଇରାକ, ସାଉଦି ଆରବ, କୁୱେତ ଏବଂ ୟୁଏଇରୁ ଆସୁଥିବା ଅଶୋଧିତ ତୈଳ, ଯାହା ହରମୁଜ୍ ଦେଇ ଗତି କରେ, ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୫-୫୦%। ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ପ୍ରାୟ ୬୦% ଏସ୍‌ଓଏଚ୍ ଦେଇ ଗତି କରେ।

ଇତିମଧ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁ ତେଲ ଦର ପ୍ରତି ବ୍ୟାରେଲ ୬୪-୬୫ ରୁ ୭୪-୭୫ ଡଲାରକୁ ବୃଦ୍ଧି ପାଇଛି। ଏହା ଘଟିଛି କାରଣ ଲୋକମାନେ ଆଶଙ୍କା କରିଥିଲେ ଯେ ତେଲ ଯୋଗାଣରେ ବାଧା ସୃଷ୍ଟି ହୋଇପାରେ। ଇକ୍ରା କହିଛି ଯେ ଯଦି ଏହି ସଂଘର୍ଷ ଆହୁରି ବଢ଼େ, ତେବେ ଅଶୋଧିତ ତୈଳ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଇକ୍ରା ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକବର୍ଷରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୭୦-୮୦ଡଲାର ରହିବ।

# ବିକାଶରେ ଅଧ୍ୟାପକ ବିକାଶ କର୍ମଶାଳା 'ଏଡୁକନ୍-୨୦୨୫' ଉଦ୍‌ଯାପିତ




ବରଗଡ଼,୨୦।୬(ସମିସ)

ବିକାଶ ହାୟର୍ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଦୁଇଦିନ ବ୍ୟାପି ଚାଲିଥିବା ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ 'ଏଡୁକନ୍ ୨୦୨୫' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଭବାନୀପାଟଣା, ବିଦ୍ୟା ବିକାଶ ଗ୍ରୁପ୍ ସମ୍ବଲପୁର ଏବଂ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ, ବରଗଡ଼ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ଅଧ୍ୟାପକ ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାର ଲକ୍ଷ୍ୟ ଉଚ୍ଚ ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ ଅଭିନବ କୌଶଳ ଏବଂ ଶିକ୍ଷାଶୈଳୀ ଉପରେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବା। ବିକାଶ ବରଗଡ଼, ଭବାନୀପାଟଣା ଏବଂ ସମ୍ବଲପୁର କ୍ୟାମ୍ପସ୍‌ରୁ ୧୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ର. ଡ. ମଧୁମିତା ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଡ. ଭିକାରୀ ଚରଣ ଗୁରୁ ଏବଂ ଏ.ଆଇ.ପି.ଏଚ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ର. ଡ. ଜ୍ୟୋତିର୍ମୟ ମହାପାତ୍ର ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷାନୀତି, ଗୁରୁ-ଶିଷ୍ୟ-ଅଭିଭାବକଙ୍କ ତ୍ରୈକୋଣୀୟ ମାନବୀୟ ସମ୍ବନ୍ଧ, ଅଭିନବ ଶିକ୍ଷା ପଦ୍ଧତି ତଥା ଗୁଣାତ୍ମକ ଉଚ୍ଚଶିକ୍ଷା କିପରି ବିକାଶୋନ୍ମୁଖୀ ହୋଇପାରିବ ତାହା ଏଡୁକନ୍-୨୦୨୫ ପ୍ରଥମ ଦିବସର ବିଷୟବସ୍ତୁ ଥିଲା। ଉଦ୍‌ଯାପନୀ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ନାଗେଶ୍ୱରରାଓ, ବିଦ୍ୟା ବିକାଶ ଗ୍ରୁପ୍‌ର ସିଏମ୍‌ଡି ଜି. ଭାସ୍କରରାଓ, ଲକ୍ଷ୍ମୀ ବିକାଶ ଭବାନୀପାଟଣା ଡାଇରେକ୍ଟର ଦାସରୀ ଶ୍ୟାମ, ଦାସରୀରାମ, ଦାସରୀ ପଦ୍ମିନୀ ବିକାଶ କର୍ତ୍ତୃପକ୍ଷ ଭାବେ ଉପସ୍ଥିତ ଥିଲେ। ବିକାଶ ହାୟର୍ ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ସିଇଓ ଇଂ ଅଜୟ ମହାପାତ୍ର ସାଗତ ଭାଷଣ ଦେଇଥିବାବେଳେ ଶ୍ରୀରାଓ ଏବଂ ଡି.ରାମ ଏଡୁକନ୍‌ର ଲକ୍ଷ୍ୟ ଉପରେ ମତ ରଖିଥିଲେ। ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ପ୍ର. ସତ୍ୟବ୍ରତ ମିଶ୍ର ଏବଂ ଡ. ଆଦିତ୍ୟ ପଟ୍ଟନାୟକ ପ୍ରଥମ ଦିବସରେ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୯-ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା।
- ୧୯୭୫- ୱେଷ୍ଟଇଣ୍ଡିଜ୍ ପ୍ରଥମ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।
- ୧୯୯୧-ପି.ଭି ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୨- ୟୁରୋପୀୟ ୟୁନିଅନ୍‌ର ୧୫ଜଣ ରାଷ୍ଟ୍ରାଧ୍ୟକ୍ଷଙ୍କୁ ନେଇ ସ୍ପେନ୍‌ରେ ବୈଠକ ଆରମ୍ଭ ହେଲା।
- ୨୦୦୯ - ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ୍ 'ସୁପର୍ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ' ଜିତିଲେ।



# ସଙ୍ଗୀତକୁ ସମର୍ପିତ ଦିନଟିଏ

ମଣିଷ ଜୀବନ ପାଇଁ ସଙ୍ଗୀତ ଈଶ୍ୱରଙ୍କ ପ୍ରଦତ୍ତ ଏକ ସୁନ୍ଦର ଉପହାର। ଏହା ମଣିଷର ସୁଖଦୁଃଖର ଚିରସହଚର। ସଙ୍ଗୀତ ହେଉଛି ଜୀବନ ଆଉ ସାଧନ। ସେଥିପାଇଁ କୁହାଯାଏ, ସାତ ସୂରେ ବନ୍ଧା ଏ ଜୀବନ। ସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହଁ ବରଂ ମଣିଷର ସୃଜନୀ ଶକ୍ତିର ବିକାଶ ସହ ସମାଜରେ ଶାନ୍ତି ଓ ମୈତ୍ରୀ ଚେତନାର ପ୍ରସାର ଦିଗରେ ଅନେକ ଭାବରେ ସହଯୋଗ କରେ। ବିଭିନ୍ନ କାଳ୍ପନିକ କଥା ତଥା ଭାବନାକୁ ଶବ୍ଦରେ ପରିଣତ କରି ପରିବେଷଣ କରାଯାଉଥିବା ସଙ୍ଗୀତ ସବୁ ସମୟରେ ମନକୁ ଆନନ୍ଦ ଦିଏ। ସଙ୍ଗୀତର ଗୁରୁତ୍ୱ ବାବଦରେ ଲୋକଙ୍କୁ ଅବଗତ କରାଇବା ତଥା ସଙ୍ଗୀତଜ୍ଞଙ୍କୁ ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ସଙ୍ଗୀତ ଦିବସ' ଭାବେ ପାଳନ କରାଯାଏ। ସେହିପରି ମ୍ୟୁଜିକ୍ ଥେରାପି ମନୁଷ୍ୟର ମାନସିକ ଦୁଃଶ୍ଚିନ୍ତା, ଅବସାଦ ତଥା ସୁସ୍ଥ ଶରୀର ଲାଗି ଖୁବ୍ ଉପଯୋଗୀ। ସଙ୍ଗୀତ ଦିବସର ପ୍ରାରମ୍ଭ ୧୯୮୨ରେ ଫ୍ରାନ୍ସରେ ହୋଇଥିଲା। ଆଉ ଏହାର ଶ୍ରେୟ ସେଠାକାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲେଙ୍ଗ୍‌କୁ ଦିଆଯାଏ। ଅନ୍ୟପଟେ ଏହି ଦିବସ 'ଫେଟେ ଡି ଲା ମ୍ୟୁଜିକ୍' ବା 'ମେକ୍ ମ୍ୟୁଜିକ୍ ଡେ' ନାଁରେ ମଧ୍ୟ ପରିଚିତ। ପ୍ରଥମ ସଙ୍ଗୀତ ଦିବସ ପାଳନ ଅବସରରେ ଫ୍ରାନ୍ସ ସମେତ ୩୨ରୁ ଅଧିକ ଦେଶ ସାମିଲ ହୋଇଥିଲେ। ଏବେ ଏହି ଦିବସକୁ ଭାରତ, ଇଟାଲୀ, ଗ୍ରୀସ୍, ରୁଷ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡୋର୍, ମେକ୍ସିକୋ, କାନାଡ଼ା, ଆମେରିକା, ବ୍ରିଟେନ, ଜାପାନ, ଚୀନ୍, ମଲେସିଆ ସମେତ ଆହୁରି ଅନେକ ଦେଶ ପାଳନ କରୁଛନ୍ତି। ଏହି ଅବସରରେ ସଙ୍ଗୀତପ୍ରେମୀମାନେ ବିଭିନ୍ନ ସ୍ଥାନରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହାବାଦ୍ ଏହି ଅବସରରେ ସଙ୍ଗୀତକାର ତଥା କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଏ।

# ଯୋଗ: ଏଚ୍‌ଆଇଭି ଯୋଦ୍ଧାମାନଙ୍କ ପାଇଁ ଦୈନିକ ସୁସ୍ଥ ରହିବାର ସଞ୍ଜୀବନୀ ସ୍ପର୍ଶ

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**

**ସ୍ମୃତି ସାଗରିକା କାନୁନଗୋ**

ଜୁନ୍ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ। ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ, ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ଯୋଗ ସାର୍ବଜନୀନ ସୁସ୍ଥତା ପାଇଁ ମଧ୍ୟ ଏକ ଧାରାବାହିକ ଅଭ୍ୟାସ। ଯୋଗର ଜନ୍ମଭୂମି ଭାରତ। ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସକୌଶଳ (ପ୍ରାଣାୟମ) ଏବଂ ଧ୍ୟାନ(ଧ୍ୟାନ)ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗାଭ୍ୟାସ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ସୁନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ ଏଚ୍‌ଆଇଭି ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ - ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କିଛି ଯୌଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ନିୟମିତ ଯୋଗାଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଅବସାଦର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଙ୍କ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ। ଏଚ୍‌ଆଇଭି/ ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ, ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଆମକୁ ମନେ ପକାଇ ଦେଉଛି ଯେ, ସ୍ୱାସ୍ଥ୍ୟ ପାଇଁ ଯୋଗ ଏକ ସାମୂହିକ ଯାତ୍ରା। ଆବାଳବୃଦ୍ଧବନିତା ହୁଅନ୍ତୁ ବା ଦୀର୍ଘକାଳୀନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗ ଶରୀରକୁ ସୁସ୍ଥତା ପ୍ରଦାନ ପାଇଁ ରହିଛି। ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।



**ଏଣେତେଣେ**

# ହାଇଦ୍ରାବାଦରେ ବନାରସ ସେଟ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ 'ଏସ୍‌ଏସ୍‌ଏମ୍‌ବି୨୯' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ମହେଶ ବାବୁ, ପୃଥ୍ୱୀରାଜ ସୁକୁମାରନ୍, ପ୍ରିୟାଙ୍କ ଚୋପ୍ରା ଜୋନାସ ଲିଡ୍ ରୋଲରେ ନଜର ଆସିବେ। ବନାରସ ସହରକୁ ଏହି ଫିଲ୍ମରେ ଦର୍ଶାଯିବ। ରାଜମୌଳି ବନାରସରେ ଫିଲ୍ମର ସୁଟିଂ ନ କରି ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ ଏହାକୁ ରିକ୍ରିଏଟ୍ କରିଛନ୍ତି। ଏହି ସେଟ୍ ତିଆରି ପାଇଁ ପାଖାପାଖି ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। ତେବେ ଏହି ସେଟ୍‌ରେ ମହେଶବାବୁଙ୍କର କିଛି ଜବରଦସ୍ତ ଆକ୍ସନ୍ ସିନ୍ ସୁଟ୍ ହେବ। ସେହିଭଳି ଆସନ୍ତା ଜୁଲାଇ ମାସରୁ ପ୍ରିୟଙ୍କା ଓ ମହେଶ ବାବୁ କେନିଆରେ ସୁଟିଂ ଆରମ୍ଭ କରିବେ। ଏହି ଫିଲ୍ମ ମାଧ୍ୟମରେ ପ୍ରିୟଙ୍କା ଦୀର୍ଘ ଛଅ ବର୍ଷର ଅନ୍ତରାଳ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ପ୍ରିୟଙ୍କା ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ଦେଖାଯାଇଥିଲେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୭୯

(୧) ଇଣ୍ଡୋନେସିଆର ରାଜଧାନୀର ନାମ କ'ଣ?
ଉତ୍ତର : ________

(୨) ସୌରମଣ୍ଡଳର ସବୁଠୁ ଉତ୍ତପ୍ତ ଗ୍ରହର ନାମ କ'ଣ?
ଉତ୍ତର : ________

(୩) ଓଡ଼ିଶାର କେଉଁ ସ୍ଥାନରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି?
ଉତ୍ତର : ________

(୪) ପ୍ରଧାନପାଟ ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ________

(୫) ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀଙ୍କ ନାମ କ'ଣ?
ଉତ୍ତର : ________

**ଗତ ସପ୍ତାହର କୁଇଜ୍ ବିଜେତା**
- ପର୍ଶୁରାମ ମଲ୍ଲିକ୍, ନିମାପଡ଼ା
- ସୋମ୍ୟା ସୁଚରିତା ସାହୁ, କପ୍ତିପଦା, ମୟୂରଭଞ୍ଜ
- ରଜତ କୁମାର ନାୟକ, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ରଥଯାତ୍ରା





ରଥ ଯାଆ ଗଡ଼ି ଯା, ଚକ ଗଡ଼ି ଯାରେ
ଆଷାଢ଼େ ଗୁଣ୍ଡିଚା ଯାତ, ବୁଲିଯିବେ ପ୍ରଭୁ ଜଗନ୍ନାଥ
ସଜ ହୋଇଲାଣି ନନ୍ଦିଘୋଷ, ଆସ ପ୍ରଭୁ ବେଗେ ଆସ
ଶରଧା ବାଲିରେ ଗଡ଼ି, ରଥ ଯିବ ଆମ ଗଡ଼ି
ରଥ ଯା, ଗଡ଼ି ଯା...
ଆଗେ ବଳରାମ ଭାଇ, ମଝିରେ ହଳଦୀ ମୁହିଁ
ମାଉସୀ ବସିଛି ଚାହିଁ, ପୋଡ଼ପିଠା ଦେବ ଖୋଇ
ଭକତ ତୋ ଆଗେ ପଛେ, ଜୟ ଜଗନ୍ନାଥ କହି
ରଥ ଯା ଗଡ଼ି ଯା...
ଜନମ ବେଦୀରେ ଚାହିଁ ବସିଛି, ତୋହରି ଗୁଣ୍ଡିଚା ମାଆ
ଖୁଆଇ ଦେବ ସର ଲବଣୀ, ବେଗି ବେଗି ତୁ ଆ
ରଥ ଯା ଗଡ଼ି ଯା..
ନଅ ଦିନ ଯାଏ ମାଆ କୋଳେ ବସି ଖାଇବୁ ବଗଡ଼ା ଅନ୍ନ
ଭକତ ଭିଡ଼ରେ ଖୁସି ହେଉଥିବୁ, ଭକତ ଜୀବ ଜୀବନ
ରଥ ଯା ଗଡ଼ି ଯା ....



**ପୁଷ୍ପଲତା ସାହୁ**

ଝାରସୁଗୁଡ଼ା
ମୋ-୬୩୭୧୪୧୫୨୪୧

# ବାଘର ମାଉସୀ ବିଲେଇ







**ସୁଧାଂଶୁ ଶେଖର ଦ୍ୱିବେଦୀ**

ବିଲେଇଟିଏ ଥିଲା। ବୁଲାବୁଲି କରିବାରେ ତା'ର ଭାରି ସଉକ। ଦିନ ଆରମ୍ଭ ହେବାମାତ୍ରେ ବୁଲିବାକୁ ବାହାରି ପଡ଼େ। ପୂରା ଦିନ ଖାଲି ବୁଲିବ। ଥରେ ବୁଲୁବୁଲୁ ସେ ଘୋର ଜଙ୍ଗଲ ମଧ୍ୟରେ ପହଞ୍ଚିଗଲା। ରାସ୍ତା ମଝିରେ ବେଧଡ଼କ ଚାଲିଥାଏ। ହଠାତ୍ ତାକୁ ଗୋଟେ ଠେକୁଆ ବାଟ ଓଗାଳି କହିଲା- ଆରେ ତୁ କିଏ? ତୋତେ ତ ଏ ଜଙ୍ଗଲରେ କେବେ ଦେଖିନାହିଁ। ତୁ ଯିଏ ବି ହେଇଥା ହେଲେ ମଝି ରାସ୍ତାରୁ ହଟିଯା। ଏବେ ଜଙ୍ଗଲର ରାଜା ମହାବଳ ବାଘ ଭ୍ରମଣ କରିବାକୁ ବାହାରିବେ। ସେ ତୋତେ ରାସ୍ତା ମଝିରେ ଚାଲୁଥିବା ଦେଖିଲେ କଞ୍ଚା ଚୋବେଇଦେବେ। ବିଲେଇ କିନ୍ତୁ ଛାଡ଼ିବା ଜନ୍ତୁ ନୁହେଁ। ଅତି ନିର୍ଭୟରେ କହିଲା- ହେ, ମୁଁ ସେ ବାଘ-ଫାଘ କାହାକୁ ଡରେ ନାହିଁ। ଏହା କହିବା ସହିତ ସେ ଆଗକୁ ବଢ଼ିଲା। କିଛି ଦୂର ସେ ଯାଇଛି ଦୁଇ ଶୃଗାଳ ସୈନିକ କୁଦାମାରି ତା' ପାଖରେ ପହଞ୍ଚି କହିଲେ- ତୋର ତ ବହୁତ ସାହସ! ତୁ କିଏ ରେ? ରାଜା ଏବେ ଭ୍ରମଣ ନିମନ୍ତେ ବାହାରିଛନ୍ତି। ତୋତେ ମଝି ରାସ୍ତାରେ ଦେଖିଲେ ଶୂନ୍ୟ ହେଇଯିବୁ। ଶୀଘ୍ର ପଳା। ବିଲେଇ ମୁଣ୍ଡ ଟେକି ନିଶକୁ ଫୁଲେଇ କହିଲା-ବାଘ ରାଜା ହୋଇଥିବ ତୁମର। ମୁଁ ତାକୁ ଡରେନି କି ଖାତିର୍ କରେନି। ଠିକ୍ ସେତିକିବେଳେ ବାଘ ହେଣ୍ଟାଳ ରଡ଼ି ଛାଡ଼ି ସେଠି ପହଞ୍ଚିଲା। ଦୁଇ ସୈନିକ ଶୃଗାଳ ଭୟରେ ଥରୁଥାନ୍ତି। ବିଲେଇ କିନ୍ତୁ ପୂର୍ବପରି ନିର୍ଭୀକ ଭାବେ ଛିଡ଼ା ହୋଇ ରହିଲା। ବାଘ ଗର୍ଜନ କରି ପଚାରିଲା- ତୁ କିଏରେ? ଦୁଇ ଶୃଗାଳ ସୈନିକ କହିଲେ- ମହାରାଜ! ଇଏ କହୁଛି ଆପଣଙ୍କୁ ଡରେ ନାହିଁ କି ଖାତିର୍ କରେନାହିଁ। ବାଘର ମଗଜ ଗରମ ହେଇଗଲା। ଡେମା ଡେମା ଆଖି ବାହାର କରି କହିଲା- ତୁ କ'ଣ ମୋତେ ଭୟ କରୁନାହୁଁ। ଜାଣୁ ମୁଁ ଏ ଜଙ୍ଗଲର ରାଜା। ବିଲେଇ ନିଶକୁ ସାଉଁଳି କହିଲା-ତୁ ରାଜା ହେଲେ ହେଇଥା! ମୁଁ କୋଉ ଏ ଜଙ୍ଗଲରେ ରହୁଛି ଯେ ତୋତେ ରାଜା ବୋଲି ଖାତିର୍ କରିବି। ତୁ ଭୁଲିଯାଇଛୁ ମୁଁ ତୋ ପରିବାର ସଦସ୍ୟ। ମୋ ପରିବାର ସଦସ୍ୟ! ବାଘ ଆଶ୍ଚର୍ଯ୍ୟ ହୋଇ ପଚାରିଲା। ବିଲେଇ ମୁହଁ ହଲେଇ କହିଲା-ଆରେ ତୋତେ ଏତିକି ଜଣାନାହିଁ ତୋ ମା' ଆଉ ମୁଁ ଦୁଇ ଭଉଣୀ। ବାଘ ଚକିତ ହୋଇ ବିଲେଇର ମୁହଁକୁ କିଛି କ୍ଷଣ ଦେଖି କହିଲା-ତୁ ମିଛ କହୁଛୁ। ମୋ ଠାରୁ ଜୀବନ ବଞ୍ଚେଇବାକୁ ବାହାନା କରୁଛୁ। କାହିଁ ମୋ ଶକ୍ତିଶାଳୀ ମା' କାହିଁ ତୋ ଭଳି ଗୋଟେ ଛୋଟିଆ ଜୀବ! ତୁ ଯାହା କହୁଛୁ ଠିକ୍ ହେଲେ ଆମେ ଦୁହେଁ ଦୁଇ ଭଉଣୀ। ତୋ ମା'ର ଶରୀର ଶକ୍ତିଶାଳୀ ହେବାରେ ଗୋଟେ କାହାଣୀ ଅଛି। ବିଲେଇ କଥା ଶୁଣି ବାଘ ଉତ୍କଣ୍ଠାରେ ପଚାରିଲା-କୋଉ କାହାଣୀ? ବିଲେଇ ମନଗଢ଼ା କାହାଣୀ ଶୁଣେଇଲା- ମୁଁ ଓ ତୋ ମା' ଗୋଟେ ମା'ର ପିଲା। ତୋ ମା' ବଡ଼ ମୁଁ ସାନ। ତୋ ମା' ବଡ଼ ହେବାପରେ ଜଙ୍ଗଲକୁ ଚାଲିଗଲା। ଗୁମ୍ଫାରେ ରହିଲା। ଜଙ୍ଗଲର ନିରୀହ ପଶୁଙ୍କୁ ଶିକାର କରି ଖାଇଲା। ଧୀରେ ଧୀରେ ତା' ଶରୀର ବଢ଼ିବାକୁ ଲାଗିଲା। ସେତେବେଳେ ମୁଁ କୁନି ଛୁଆଟେ ଥିଲି। ତୋ ମା'କୁ ଖୋଜିବା ଲାଗି ଜଙ୍ଗଲ ଭିତରକୁ ଯିବାବେଳେ ରାସ୍ତା ଭୁଲିଗଲି। ସେଇଠୁ ଗୋଟେ ଗାଁରେ ଯାଇ ପହଞ୍ଚିଲି। ତୋ ମା'କୁ ନ ପାଇ ପୁଣି ରାସ୍ତା ଭୁଲି କାନ୍ଦିବାକୁ ଲାଗିଲି। ସେ ଗାଁର ଜଣେ ଲୋକ ଆସି ମୋ ଲୁହ ପୋଛି ଆଉଁଶି ଦେଲା। ତା' ଘରକୁ ନେଇ ରଖିଲା। ସେ ଯାହା ଖାଏ ମୋତେ ବି ଖାଇବାକୁ ଦିଏ। ଘର ଖାଦ୍ୟ ଖାଇ ମୋ ଶରୀର ବଳିଷ୍ଠ ହେଲା ନାହିଁ। ସେଇଦିନରୁ ମୁଁ ଛୋଟ ହୋଇ ରହିଗଲି। ବାଘ ରାଜା ଓ ଦୁଇ ଶୃଗାଳ ସୈନିକ ବିଲେଇର କାହାଣୀକୁ ସତ ଭାବିଲେ। ବାଘ ଖୁସିରେ ଉଲ୍ଲସିତ ହୋଇ ବିଲେଇକୁ କହିଲା-ମୋ ମା' ତ ଆଉ ଦୁନିଆରେ ନାହିଁ। ତୁ ମୋ ମାଉସୀ। ଏବେଠୁ ତୁ ଏ ଜଙ୍ଗଲରେ ରହିବୁ। ବିଲେଇ ମୁହଁ ଛିଞ୍ଚାଡ଼ି କହିଲା-ନା ବାବା ନା-ମୋ ବିନା ମୋ ମାଲିକ ରହିପାରିବ ନାହିଁ। ସେ ମୋତେ ଚାରିଆଡ଼େ ଖୋଜୁଥିବ। ମୁଁ ଗାଁକୁ ଯାଉଛି। ବାଘ ତା' ପଞ୍ଝାରେ ବିଲେଇ ମୁଣ୍ଡକୁ ଆଉଁସି କହିଲା-ହଉ ତୋ ଇଚ୍ଛା ଯାହା କରୁଛୁ କର। ହେଲେ ଯେବେବି ତୋର ମନ ହେବ ଜଙ୍ଗଲକୁ ବୁଲାବୁଲି କରିବାକୁ ଆସିବୁ। ବିଲେଇ ଗାଁ ପଟକୁ ଗୋଡ଼ ବଢ଼ାଇଲା। ରାସ୍ତାସାରା ସେ ମନ ଖୁସିରେ ଡିଆଁମାରି କହି ହେଉ ଥାଏ- ମୁଁ ତ ବାଘର ମାଉସୀ... ମୁଁ ତ ବାଘର ମାଉସୀ... ।

ବିସି-୭୪, ସଲ୍ଟ ଲେକ୍, କୋଲକାତା
ମୋ-୯୬୮୧୩୭୩୫୧୨


## ରଙ୍ଗ ତୁଳି





**ଗୌରବ ଦାସ**
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା







**ସାଇ ଆଦିତ୍ୟ ପ୍ରଧାନ**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସତ୍ୟବାଦୀ





**ପ୍ରତୀକ ଅଦାବର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର






**ବିଭାବରୀ ଦତ୍ତ**
ତୃତୀୟ ଶ୍ରେଣୀ
କୋହେନ ଇଣ୍ଟର ନ୍ୟାସନାଲ ସ୍କୁଲ
ଭୁବନେଶ୍ୱର

## ପ୍ରହେଳିକା

- ବର୍ଷରେ ଥରୁଟେ ଏହି ଯାତରା
  ହୁରି ପଡୁଥାଏ ଦୁନିଆଁ ସାରା
  ଦେଶ ବିଦେଶରୁ ଆସନ୍ତି ଧାଇଁ
  ପ୍ରଭୁ ଦରଶନ କରିବା ପାଇଁ
  ମନ୍ଦିର ଛାଡ଼ି ପ୍ରଭୁ ବାହାର ଆସି
  ଭକ୍ତଙ୍କ ମେଳରେ ହୁଅନ୍ତି ଖୁସି
  ବୁଲୁଥାନ୍ତି ପ୍ରଭୁ ରଥରେ ଚଢ଼ି
  ଆନନ୍ଦରେ ଭକ୍ତ ନିଅନ୍ତି ଭିଡ଼ି
  ଆଷାଢ଼ ମାସରେ ଯାତରା ହୁଏ
  ନାମଟି ତାହାର କହିବ କିଏ?
  ଉ-ରଥଯାତରା

- କରିବା ପାଇଁକି ପ୍ରଭୁ ଭ୍ରମଣ
  ନୂତନ କାଠରେ ହୁଏ ନିର୍ମାଣ
  ବର୍ଷରେ ଥରୁଟେ ପ୍ରସ୍ତୁତି ତାର
  ଯିବାପାଇଁ ପ୍ରଭୁ ମାଉସୀ ଘର
  ପ୍ରଭୁଙ୍କର ଏକ ବାହନ ସିଏ
  ନାମଟି ତାହାର କହିବ କିଏ?
  ଉ-ରଥ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫



## ଜୟସ୍ୱାଲଙ୍କ ଶତକ, ଗିଲ୍‌ଙ୍କ ଦୃଢ଼ ବ୍ୟାଟିଂ

# ଦମ୍‌ଦାର ଖେଳରୁ ଭାରତର ଇଂଲଣ୍ଡ ଟୁର୍ ଆରମ୍ଭ

ଲିଡ୍ସ,୨୦।୬ (ଏଜେନ୍ସି)

ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଭାରତ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଦମ୍‌ଦାର ସହ ଆରମ୍ଭ କରିଛି। ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଟି ସୁଦ୍ଧା ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୨୧୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ଜୟସ୍ୱାଲ ୧୦୦ ଓ ଯୁବ ଅଧିନାୟକ ଗିଲ୍ ୫୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତର ଅନ୍ୟତମ ଓପନର ତଥା ବରିଷ୍ଠ ଓ ଅଭିଜ୍ଞ ଲୋକେଶ ରାହୁଲ ୪୨ ଓ ଏଠାରେ ଟେଷ୍ଟ ଡେବ୍ୟୁ କରିଥିବା ସାଇ ସୁଦର୍ଶନ ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ କାର୍ସ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଜଣେ ଲେଖାଏଁ ଭାରତୀୟ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଭାରତର ୩୭ତମ ଟେଷ୍ଟ ଅଧିନାୟକ ଭାବେ ପଦାର୍ପଣ କରିଛନ୍ତି। ଏହି ଟେଷ୍ଟର ପ୍ରଥମ ଦିନରେ ଶୁବମନଙ୍କ ଡେବ୍ୟୁ ନିଶ୍ଚିତ ଭାବେ ଶୁଭଙ୍କର ହୋଇଛି।


ଏହି ଟେଷ୍ଟରେ ଭାରତ ଲାଗି ପ୍ରଥମଥର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ପ୍ରଥମ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲେ। ଏଠିକାର ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା କଷ୍ଟକର ହୋଇଥାଏ। କିନ୍ତୁ ଦୁଇ ଓପନର ଅଭିଜ୍ଞ ରାହୁଲ ଓ ପ୍ରତିଭାବାନ ଜୟସ୍ୱାଲ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଓ ଏକାଗ୍ରତାର ସହ ଘରୋଇ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ଯାହା ଫଳରେ ଏମାନେ ଆଉଟ ହେବାର ଗୋଟିଏ ହେଲେ ସୁଯୋ ଦେଇ ନ ଥିଲେ।



କିନ୍ତୁ ଲଞ୍ଚ ପୂର୍ବରୁ ବ୍ରାଇଡନ୍ କାର୍ସଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ କଟ କରିବାକ ଯାଇ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କ ହାତରେ ଧରା ପଡ଼ିଥିଲେ। ୨୫ତମ ଓଭରରେ ଭାରତ ପ୍ରଥମ ଓ ୫ଟି ବଲ ବ୍ୟବଧାନରେ ଦ୍ୱିତୀୟ ୱିକେଟ ହରାଇଥିଲା। ଲଞ୍ଚ ପୂର୍ବରୁ ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ ପ୍ରତିପକ୍ଷ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ତାଙ୍କ ୱିକେଟ ଦାନ କରିଦେଇଥିଲେ। ପୂର୍ବରୁ ଜୟସ୍ୱାଲ ଓ ରାହୁଲଙ୍କ ବ୍ୟାଟିଂ ବେଶ ଉଚ୍ଚକୋଟୀର ହୋଇଥିଲା ଓ ଏମାନେ ପ୍ରଥମ ୱିକେଟ ଭାଗୀଦାରିରେ ୨୫.୪ ଓଭର ବା ୧୫୧ଟି ବଲ୍‌ରୁ ୯୧ ରନ୍ ଉଠାଇ ଭାରତ ଲାଗି ଏକ ବଡ଼ ପ୍ଲାଟଫର୍ମ ପ୍ରସ୍ତୁତ କରିଦେଇଥିଲେ। ଏମାନେ ମଧ୍ୟ ୨୦୧୨ ପରେ ଏହି ଷ୍ଟାଡିୟମ୍‌ରେ ମ୍ୟାଚ୍‌ର ପ୍ରଥମ ଇନିଂସରେ ପ୍ରଥମଥର ୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ସେସନ୍‌ରେ ଭାରତ ୯୨ ରନ୍‌ରେ ୨ ୱିକେଟ ହରାଇଥିଲା। ରାହୁଲ ୭୮ ବଲ୍ ଖେଳି ୮ ସୁଦୃଶ୍ୟ ଚୌକା ସହ ୪୨ ରନ୍‌ରେ ଆଉଟ ହୋଇଥିଲେ। ଦୁର୍ଭାଗ୍ୟର କଥା ସୁଦର୍ଶନ ଖାତା ଖୋଲି ପାରି ନ ଥିଲେ।

ଲଞ୍ଚ ପରେ ଜୟସ୍ୱାଲ ଓ ଗିଲ୍ ଆରାମରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପିଚ୍ ଆଉ ବୋଲରଙ୍କୁ ସହାୟତା କରି ନ ଥିବା ବେଳେ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଲଞ୍ଚ ବେଳକୁ ଜୟସ୍ୱାଲ ୪୨ ରନ୍ କରିଥିଲାବେଳେ ଅର୍ଦ୍ଧଶତକ ପୂରଣ କରିଲା ବେଳକୁ ଗିଲ୍ ୩୩ ରନ୍‌ରେ ପହଞ୍ଚିଯାଇଥିଲେ। ୪୦ତମ ଓଭରରେ ସ୍ପିନ୍ ଆକ୍ରମଣ ହେବା ପରେ ଜୟସ୍ୱାଲ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ଉଭୟ ଖେଳାଳି ତୃତୀୟ ୱିକେଟରେ ଶତକୀୟ ଭାଗୀଦାରି ବଳରେ ଭାରତକୁ ଏକ ବିଶାଳ ସ୍କୋର ଦେବାରେ ସମର୍ଥ ହୋଇଥିଲେ। ୪୯ତମ ଓଭର ବୋଲିଂ କରିଥିବା କାର୍ସଙ୍କୁ ୧୩ ରନ୍ ଉଠାଇବା ସହ ଜୟସ୍ୱାଲ ଇଂଲଣ୍ଡରେ ପ୍ରଥମ ଶତକ ବା ପଦାର୍ପଣରେ ଶତକ ହାସଲ କରିଥିଲେ। ଇଂଲଣ୍ଡରେ ପ୍ରଥମ ପାଳିରେ ଶତକ ହାସଲ କରିବାରେ ୫ମ ଖେଳାଳି ହୋଇଥିଲେ। ସେହିପରି ଗିଲ୍ ମଧ୍ୟ ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ। ଯାହା ଫଳରେ ଗିଲ ୯ମ ଭାରତୀୟ ଅଧିନାୟକ ଭାବେ ପଦାର୍ପଣ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବାରେ ସମର୍ଥ ହୋଇଥିଲେ।


## ଡେବ୍ୟୁରେ ସୁଦର୍ଶନ 'ଶୂନ'



ଲିଡ୍ସ,୨୦।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସର୍ବାଧିକ ରନ୍ କରି ସମସ୍ତଙ୍କ ନଜରକୁ ଆସିଥିବା ଗୁଜରାଟ ଟାଇଟାନ୍ସ ତଥା ତାମିଲନାଡୁ ବ୍ୟାଟର ସାଇ ସୁଦର୍ଶନ ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ ଡେବ୍ୟୁ କରିଛନ୍ତି। ଭାରତର ପ୍ରସିଦ୍ଧ ବ୍ୟାଟର ଚେତେଶ୍ୱର ପୂଜାରା ତାଙ୍କୁ ଟସ୍ ପୂର୍ବରୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଜଣେ ପ୍ରତିଭାବାନ ଖେଳାଳି ଭାବେ ୩ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏହା ଫଳରେ ସେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଡେବ୍ୟୁରେ ସେ ୪ଟି ବଲ୍‌ର ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିବାରେ ସମର୍ଥ ହୋଇପାରି ନ ଥିଲେ। ସୁଦର୍ଶନ ଡେବ୍ୟୁ କରିବା ଅର୍ଥ ଗତ ୮ ବର୍ଷ ଧରି ଟେଷ୍ଟ ଖେଳିବାକୁ ଅପେକ୍ଷା କରିଥିବା ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନ ନିରାଶ ହୋଇଛନ୍ତି। ଅଭିମନ୍ୟୁ ୧୦୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ସହ ଗତ ୨ ବର୍ଷ ଧରି ଭାରତ-ଏ'ର ନେତୃତ୍ୱ ନେଇଆସୁଛନ୍ତି। ସୁଦର୍ଶନ ଏହିପରି ପ୍ରଦର୍ଶନ କଲେ ତୃତୀୟ କିମ୍ବା ଚତୁର୍ଥ ଟେଷ୍ଟରେ ଅଭିମନ୍ୟୁ ଡେବ୍ୟୁ କରିବାର ସମ୍ଭାବନା ସୃଷ୍ଟି ହୋଇପାରେ।

## କଳାବ୍ୟାଜ୍ ପିନ୍ଧି ବିମାନ ଦୁର୍ଘଟଣା ମୃତାହତଙ୍କୁ ଶ୍ରଦ୍ଧାଞ୍ଜଳି

ଲିଡ୍ସ, ୨୦।୬ (ଏଜେନ୍ସି): ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରେ ଉଭୟ ଭାରତ ଓ ଇଂଲଣ୍ଡର ଖେଳାଳିମାନେ



ହାତରେ ସମ୍ମାନପୂର୍ବକ କଳାବ୍ୟାଜ୍ ପିନ୍ଧିଥିଲେ। ଏହି ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣ ଯାତ୍ରୀଙ୍କ ମଧ୍ୟରୁ ଜଣେ ବଞ୍ଚିଥିଲେ। ମୋଟ ୨୭୫ ଜଣ ମୃତ୍ୟୁବରଣ କରିଥିଲେ। ବିମାନରେ ୬୯ ଜଣ ଭାରତୀୟ ଓ ୫୩ ଜଣ ଇଂଲଣ୍ଡ ଅଧିବାସୀ ରହିଥିଲେ।

## ୮ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ନାୟାର

ଲିଡ୍ସ,୨୦।୬ (ଏଜେନ୍ସି): ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ଚୂଡ଼ାନ୍ତ ଏକାଦଶରେ କେଳିବାର ସ୍ଥାନ ପାଇଛନ୍ତି କରୁଣ ନାୟାର।



ଏଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ ଖେଳି ଦ୍ୱିଶତକ (୨୦୪) ହାସଲ କରିବା ପରେ କରୁଣଙ୍କୁ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ମିଳିଛି। ଏହା ଫଳରେ ସେ ଦୀର୍ଘ ୮ ବର୍ଷ ପରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଛନ୍ତି। ୨୦୧୬ରେ ସେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତର ଦ୍ୱିତୀୟ ଖେଳାଳିଭାବେ ଟେଷ୍ଟରେ ତ୍ରିଶତକ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି।

● ଘରୋଇ କ୍ରିକେଟରେ ବୟସ ଜାଲିଆତି

## ଦ୍ୱିତୀୟ ବୋନ୍ ଟେଷ୍ଟ ଲାଗି ବିସିସିଆଇର ଅନୁମତି

ନୂଆଦିଲ୍ଲୀ,୨୦।୬ (ଏଜେନ୍ସି): ଭାରତର ଘରୋଇ କ୍ରିକେଟରେ ବୟସ ଜାଲିଆତି ବନ୍ଦ କରିବା ଲାଗି ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ଫଳରେ ଅଧିକ ବୟସର ଖେଳାଳିମାନେ ଯେପରି କମ ବୟସ ଗ୍ରୁପ୍‌ରେ ଖେଳି ନ ପାରିବେ, ସେଥିଲାଗି ଦେଶର ସର୍ବୋଚ୍ଚ କ୍ରିକେଟ ସଂସ୍ଥା ବିସିସିଆଇ ନିକଟରେ ଖେଳାଳିମାନଙ୍କର ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦେଇଛି। ଏହା ଫଳରେ ବୟସ ଜାଲିଆତି କରୁଥିବା ଯୁବ ଖେଳାଳିମାନେ ଧରାପଡ଼ିବେ। ଏବେ ବିସିସିଆଇ ପକ୍ଷରୁ କରାଯାଉଥିବା ବୋନ୍ ଟେଷ୍ଟରେ ଯେତିକି ବୟସ ଜଣାଯିବ, ସେଥିରେ ବିସିସିଆଇ ଗୋଟିଏ ବର୍ଷ ଅଧିକ ଯୋଡି ଏହାକୁ ଚୂଡ଼ାନ୍ତ କରୁଥିଲା। ଫଳରେ ଅନେକ ଖେଳାଳି କ୍ଷତିଗ୍ରସ୍ତ ହେଉଥିଲେ। ଏବେ ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦିଆଯିବା ପରେ ଏଭଳି ସ୍ଥିତି ଆଉ ଉପୁଜିବ ନାହିଁ ବୋଲି କୁହାଯାଉଛି।

## ବିଦର୍ଭରୁ ଖେଳିବେନି କରୁନ୍, ଜିତେଶ

ନାଗପୁର,୨୦।୬ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଥିବା ବ୍ୟାଟର କରୁଣ ନାୟର ଏବଂ ୱିକେଟରକ୍ଷକ ଜିତେଶ ଶର୍ମା ଚଳିତ ଘରୋଇ କ୍ରିକେଟ ସିଜନରେ ବିଦର୍ଭ ପକ୍ଷରୁ ଖେଳିବେ ନାହିଁ। ଏହି ଦୁଇ ବ୍ୟାଟରଙ୍କ ସଫଳତା ବଳରେ ଗତ ସିଜନ ବା ୨୦୨୪-୨୫ରେ ବିଦର୍ଭ ରଣଜୀ ଟ୍ରଫି ଚାମ୍ପିଅନ, ବିଜୟ ହଜାରେ ଟ୍ରଫିରେ ରନର୍ସ ଅପ୍ ଓ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ କ୍ୱାର୍ଟର ଫାଇନାଲ ଖେଳିଥିଲା। ୩୩ ବର୍ଷୀୟ ନାୟାର ବିଦର୍ଭ ବ୍ୟାଟିଂରେ ମେରୁଦଣ୍ଡ ସାଜିଥିଲେ। ରଣଜୀରେ ସେ ୮୬୩ ଓ ବିଜୟ ହଜାରେ ଟ୍ରଫିରେ ୭୭୯ ରନ୍ କରିଥିଲେ। ଏବେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଏହି ବ୍ୟାଟର ପାରିବାରିକ କାରଣ ଲାଗି ନିଜ ରାଜ୍ୟ କର୍ଣ୍ଣାଟକ ପକ୍ଷରୁ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ରଣଜୀ ଟ୍ରଫି ଖେଳି ନ ଥିଲେ ମଧ୍ୟ ସୀମିତ ଓଭର ଫର୍ମାଟରେ ଭଲ ପ୍ରଦର୍ଶନ କରିଥିଲେ। ଆଇପିଏଲ୍‌ରେ ଆର୍‌ସିବିକୁ ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଜିତେଶ ଚଳିତ ସିଜନରେ ବରୋଦା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ ହୋଇଛି।

## ନଇମ୍, ହାସନଙ୍କ ଚମତ୍କାର ବୋଲିଂ

# ଶ୍ରୀଲଙ୍କା ବିପକ୍ଷରେ ବାଂଲା ପ୍ରଥମ ଇନିଂସ ଅଗ୍ରଣୀ

ଗଲ୍, ୨୦।୬ (ଏଜେନ୍ସି): ଅଫ୍ ସ୍ପିନର ନଇମ୍ ହସନ ଓ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ଇନିଂସରେ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ୍ ନିଶାଙ୍କାଙ୍କ ୧୮୭ ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ୮୭ ରନ୍ ସତ୍ତ୍ୱେ ଘରୋଇ ଦଳ ୪୮୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ନଇମ୍ ହସନ ୫ଟି ଓ ହାସନ ମାମୁଦ ୩ଟି ୱିକେଟ ନେଇ ବାଂଲାଦେଶକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ୧୦ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୩ ୱିକେଟରେ ୧୭୭ ରନ୍ କରିଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭ୍ରମଣକାରୀ ବାଂଲାଦେଶ ହାତରେ ୭ ୱିକେଟ ବାକି ରଖି ମୋଟ ୧୮୭ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୫୬ ଓ ମୁସ୍‌ଫିକର ରହିମ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ। କିନ୍ତୁ ଓପନର ସଦ୍‌ମାନ ଇସ୍‌ଲାମ ୭୬ ରନ୍ କରି



ବାଂଲାକୁ ବିପଦରୁ ଉଦ୍ଧାର କରିଥିଲେ। ପୂର୍ବରୁ ଦଳ ୭୦ ରନ୍‌ରେ ୨ଟି ଓ ୧୨୮ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ସାଣ୍ଟୋ ଓ ମୁସ୍‌ଫିକର ଅବିଭକ୍ତ ଚତୁର୍ଥ ୱିକେଟରେ ପୁଣିଥରେ ଦମ୍‌ଦାର ବ୍ୟାଟିଂ କରି ୪୯ ରନ୍ ଉଠାଇଥିଲେ।

## ଏକା ଲଢ଼ିଲେ କାମିନ୍ଦୁ

ଗତକାଲି ଶ୍ରୀଲଙ୍କା ଦଳର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୩୬୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଦୁଇ ଶ୍ରେଷ୍ଠ ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ଓ ଧନଞ୍ଜୟ ଡି ସିଲଭା କ୍ରିଜ୍‌ରେ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ଦଳ ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୧୭ ରନ୍ କରିପାରି ଥିଲା। ଏମାନଙ୍କ ମଧ୍ୟରେ କେବଳ କାମିନ୍ଦୁ ମେଣ୍ଡିସ୍ ୮୭ ରନ୍



କରି ବାଂଲା ବୋଲରଙ୍କୁ ଉଚିତ ମୁକାବିଲା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲନ ପ୍ରିୟନାଥ ରତନାୟକେ ୩୯ ଓ ଧନଞ୍ଜୟ ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ବାଂଲା ପକ୍ଷରୁ ଅଫ୍ ସ୍ପିନର ନଇମ୍ ହାସନ ସର୍ବାଧିକ ୫ଟି ୱିକେଟ ନେଇ ବାଂଲାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଫାଷ୍ଟ ବୋଲର ହାସନ ମାମୁଦ ୩ଜଣ ଖେଳାଳିଙ୍କୁ ଆଉଟ କରି ଉପଯୁକ୍ତ ସହାୟତା ଦେଇଥିଲେ। ପୂର୍ବରୁ ଘରୋଇ ମାଟିରେ ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କା ଓପନର ପାଥୁମ ନିଶାଙ୍କା ୧୮୭ ରନ୍‌ର ମାରାଥନ ପାଳି ଖେଳିଥିଲେ।

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

# ସେମିରେ କଟକ-ଭୁବନେଶ୍ୱର ମୁକାବିଲା

କଟକ,୨୦।୬ (ସମିସ)

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ଯାକ ସେମି ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମି ମୁକାବିଲାରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ ଏବଂ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର-ବି ଏବଂ କଟକ-ଏ ସାମ୍ନାସାମ୍ନି ହେବେ। ଭୁବନେଶ୍ୱରର ଉଭୟ ଦଳ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ବରିଷ୍ଠ ବର୍ଗରେ ପ୍ରଥମ ଥର ଟାଇଟଲ ଜିତିଥିବା ସୁନ୍ଦରଗଡର କନିଷ୍ଠ ଦଳ ମଧ୍ୟ ଫାଇନାଲ ଦୌଡ଼ରେ ରହିଛି।

ଆଜି ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୧୦ ୱିକେଟରେ ଝାରସୁଗୁଡାକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୫୮ ରନରେ ଅଲଆଉଟ ହୋଇଥିଲା। ଭୁବନେଶ୍ୱର-ଏର ପ୍ରଜ୍ଞା କୁମାର ପତ୍ରୀ ଏବଂ ଚନ୍ଦ୍ରାଂଶୁ ବାଘେଲ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଦୁଇ ଓପନର ଆୟୁଷ ଚାନ୍ଦ(୩୨ରନ) ଏବଂ ଶ୍ରେୟାଂଶୁ ପଟ୍ଟନାୟକ(୨୩ରନ) ୧୪.୫ ଓଭରରେ ଦଳକୁ ଜିତାଇଥିଲେ। ଚନ୍ଦ୍ରାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ


ଚନ୍ଦ୍ରାଂଶୁ ବାଘେଲ


ପ୍ରିୟାଂଶୁ ମହାନ୍ତି


ଶୁଭାଶିଷ ମଲ୍ଲିକ


କିଶାନ ଆହିର

ଭୁବନେଶ୍ୱର-ବି ୪ ୱିକେଟରେ କଟକ-ବିକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମି ରାଉଣ୍ଡରେ ପ୍ରବେଶ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ୯ ୱିକେଟ ହରାଇ ୨୬୯ରନ ସଂଗ୍ରହ କରିଥିଲା। ବାଦଲ ମଲ୍ଲିକ ସର୍ବାଧିକ ୭୨ରନ କରିଥିଲେ। ଭୁବନେଶ୍ୱର-ବି ତରଫରୁ ଶୁଭ୍ରକାନ୍ତ ପରିଡ଼ା ୪ଟି ୱିକେଟ ଦଖଲ କରିଥିଲେ। ଶୁଭାଶିଷ ମଲ୍ଲିକଙ୍କ ୧୨୭ରନ ସହାୟତାରେ ଭୁବନେଶ୍ୱର-ବି ବିଜୟ ହାସଲ କରିଥିଲା। ଶତକୀୟ ପାଳି ଖେଳିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କଟକ-ଏ ୭ ୱିକେଟରେ ଖୋର୍ଦ୍ଧାକୁ ହରାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ୪୫ରନ ସତ୍ତ୍ୱେ ଖୋର୍ଦ୍ଧାର ଇନିଂସ ୭୮ରନରେ ସୀମିତ ରହିଥିଲା। କଟକ-ଏର ପ୍ରିୟାଂଶୁ ମହାନ୍ତିଙ୍କୁ ୩ଟି ୱିକେଟ ମିଳିଥିଲା। ୧୬.୩ ଓଭରରେ କଟକ-ଏ ବିଜୟୀ ହୋଇଥିବା ବେଳେ ଅବଦୁଲ ଲତିଫ ଅପରାଜିତ ୩୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ପ୍ରିୟାଂଶୁଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖୋର୍ଦ୍ଧାର ବିଜେବି ମିନି ଷ୍ଟାଡିୟମରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ଭିତରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। କିଶାନ ଆହିରଙ୍କ ଅପରାଜିତ ୬୩ରନ ବଳରେ ସୁନ୍ଦରଗଡ ୮ ୱିକେଟ ବିନିମୟରେ ୧୭୮ରନ କରିଥିଲା। କେନ୍ଦ୍ରାପଡାର କୁବେର ସାହୁ ଏବଂ ଇଶାନ ପାତ୍ର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୭୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦ୍ରାପଡା ୮୬ରନରେ ଅଲଆଉଟ ହୋଇଥିଲା। କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ବିଶ୍ୱ ପାରା ଆଥ୍‌ଲେଟିକ୍ ଚାମ୍ପିଅନସିପ୍

# ମାସ୍କଟ, ଲୋଗୋ ଉନ୍ମୋଚିତ



ଭୁବନେଶ୍ୱର,୨୦।୬ (ସମିସ): ଆଜିଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିଅନସିପ୍। ଏଥିଲାଗି ଆୟୋଜକ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଲୋଗୋ ଓ ମାସ୍କଟ ଉନ୍ମୋଚନ ହୋଇଯାଇଛି। ଏହି ମାସ୍କଟର ନାମ ରଖାଯାଇଛି ବିରାଟ। ଏକ ଛୋଟିଆ ହାତୀ ଛୁଅକୁ ମାସ୍କଟ ଭାବେ ଗ୍ରହଣ କରାଯାଇଛି। ଏହା ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ବଳ ଓ ଦକ୍ଷତାକୁ ଦର୍ଶାଇଛି। ସେହିପରି ଭାରତର



ସଂସ୍କୃତି ଓ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଛି ଲୋଗୋ। ଲୋଗୋ ଓ ମାସ୍କଟ ଉନ୍ମୋଚନ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଓ ସାଂସଦ କଙ୍ଗନା ରାଣାଓ୍ୱତ, ବିଶ୍ୱ ପାରାଆଥଲେଟିକ୍ସର ସଭାପତି ପଲ୍ ଫିଜଗେରାଲ୍ଡ ଓ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ ପ୍ରମୁଖ ଉପସ୍ଥିତ ଥିଲେ।

ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

# ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲେ ରାକେଶ

ଭୁବନେଶ୍ୱର,୨୦।୬ (ସମିସ): ରାଜ୍ୟର ଏକ ନମ୍ବର ତଥା ବରିଷ୍ଠ ଖେଳାଳି ସୁବ୍ରତ ଦାସଙ୍କୁ ହରାଇ ଯୁବ ଖେଳାଳି ରାକେଶ ମହାନ୍ତି ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ରାକେଶ ଏତିକିରେ ସନ୍ତୁଷ୍ଟ ନ ହୋଇ ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ପୁରୁଖା ଖେଳାଳି ଜିତେନ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି। ରାକେଶ ଗୋଟିଏ ଦିନରେ ଦୁଇ ଜଣ ବଡ଼ ଖେଳାଳିଙ୍କୁ ହରାଇ ତାଙ୍କ ପ୍ରତିଭାର ପରିଚୟ ଦେଇଛନ୍ତି। କିନ୍ତୁ ରାଜ୍ୟର ବିଶିଷ୍ଟ ଖେଳାଳି ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ,



ସିଦ୍ଧାର୍ଥ ସେନ୍, ନିଶାନ୍ତ ବିଶ୍ୱାଳ, ଅଲତାଫ୍ ଅଲି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶେଷରେ ଜ୍ଞାନରଞ୍ଜନ ଦାସ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା ଚାଲିଛି। ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆସନ୍ତା ୨୨ ତାରିଖଯାଏ ଚାଲିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS